
‘ରାମାୟଣ’ର ଭିଡିଓ ଲିକ୍
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-10 ♦SATURDAY ♦04 JULY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୦ ♦ଶନିବାର ♦୦୪ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୧୦ ବୌଦ୍ଧ ସନ୍ନ୍ୟାସୀଙ୍କୁ ଗାଡ଼ି ଚଢ଼ାଇଦେଲା ନାବାଳକ

■ ବ୍ୟାଙ୍କକ୍, ୩।୭ (ଏଜେନ୍ସି): ଥାଇଲ୍ୟାଣ୍ଡର ମୁକ୍‌ଦାହାନ ସହରରେ ଏକ ସ୍ତବ୍ଧ କଲାଭଳି ଦୁର୍ଘଟଣା ଘଟିଛି । ଜଣେ ୧୧ ବର୍ଷର ବାଳକ ନିଜ ପରିବାରର ପିକ୍‌ଅପ୍ ଭ୍ୟାନ୍‌କୁ ବିନା ଅନୁମତିରେ ପ୍ରାୟ ୧୦ କିଲୋମିଟର ଚଲାଇ ନେଇ ରାସ୍ତାରେ ଯାଉଥିବା ବୌଦ୍ଧ ସନ୍ନ୍ୟାସୀ (ଭିକ୍ଷୁ) ଙ୍କ ଶୋଭାଯାତ୍ରା ଉପରେ ଚଢ଼ାଇ ଦେଇଛି । ଏହି ଦୁର୍ଘଟଣାରେ ଅତିକମରେ ୧୦ ଜଣ ସନ୍ନ୍ୟାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରାୟ ୩୫ ଜଣ ସନ୍ନ୍ୟାସୀ ଓ ୫ ଜଣ ଭକ୍ତ ପଦଯାତ୍ରାରେ ଏକ ମନ୍ଦିରରୁ ଅନ୍ୟ ଏକ ମନ୍ଦିରକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ୫ ଜଣଙ୍କର ଏବଂ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ଅନ୍ୟ ୫ ଜଣଙ୍କର ମୃତ୍ୟୁ ହୋଇଛି । ଦେହ ଖରାପ ଥିବାରୁ ସେଦିନ ବାଳକଟି ସ୍କୁଲ ଯାଇ ନ ଥିଲା ଏବଂ ଘରେ ଏକା ଥିଲା । ସେ ଅଜାଣତରେ ଗାଡ଼ି ନେଇ ପଳାଇବା ପରେ ପରିବାର ଲୋକେ ପୁଲିସକୁ ଗାଡ଼ି ହଜିବା ନେଇ ସୂଚନା ଦେଇଥିଲେ । ପୁଲିସ ସୂଚନା ଅନୁସାରେ ବାଳକ ଜଣକ ମାନସିକ ସ୍ତରରେ ଅସୁସ୍ଥ ଥାଇପାରେ । ସେ ବର୍ତ୍ତମାନ ଭୟଭୀତ ଥିବାରୁ ତା ବିରୋଧରେ କୌଣସି ମାମଲା ରୁଜୁ ହୋଇନାହିଁ ଏବଂ ଡାକ୍ତର ଓ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ ଚାଲିଛି ।



## ପାକିସ୍ତାନରେ ଖାଇକୁ ଖସିଲା ବସ୍; ୪୦ ମୃତ

■ ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ପାକିସ୍ତାନର ଦକ୍ଷିଣ-ପଶ୍ଚିମ ପ୍ରଦେଶ ବେଲୁଚିସ୍ତାନରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ ଯାତ୍ରୀ ବସ୍ ନିୟନ୍ତ୍ରଣ ହରାଇ ରାଜପଥରୁ ଗଭୀର ଖାଇକୁ ଖସିପଡ଼ିବାରୁ ଅତିକମରେ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ବସ୍‌ଟି କ୍ୱେଟାରୁ ଜାତୀୟ ରାଜଧାନୀ ଇସଲାମାବାଦ ଯାଉଥିବା ବେଳେ ଶେରାନୀ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ବସ୍‌ଟିରେ ପ୍ରଥମେ ୩୬ ଜଣ ଯାତ୍ରୀ ଥିଲେ । ମାତ୍ର ବାଟରେ ଖରାପ ହୋଇଯାଇଥିବା ଅନ୍ୟ ଏକ ବସ୍‌ର ଯାତ୍ରୀମାନଙ୍କୁ ଏଥିରେ ବସାଯାଇଥିଲା । ଏହି କାରଣରୁ ଗାଡ଼ିଟିରେ କ୍ଷମତାଠାରୁ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନ, ଜରୁରୀକାଳୀନ ଚିକିତ୍ସା ଦଳ ଏବଂ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ୪୦ଟି ମୃତଦେହ ଉଦ୍ଧାର କରିଥିବା ବେଳେ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସା କେନ୍ଦ୍ରକୁ ପଠାଇଛନ୍ତି । ବସ୍‌ଟି କେଉଁ ପରିସ୍ଥିତିରେ ଏବଂ କିଭଳି ଦୁର୍ଘଟଣାଗ୍ରସ୍ତ ହେଲା, ସେନେଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି ।



### ଗୋପାଳପୁର ଓ ପାରାଦୀପରେ ଗ୍ରୀନ୍ ଆମୋନିଆ କାରଖାନା

# ଓଡ଼ିଶା ହେବ ଗ୍ଲୋବାଲ୍ ଗ୍ରୀନ୍ ହବ୍

■ ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାକୁ ଶିଳ୍ପ ତଥା ସବୁଜ ଅର୍ଥନୀତି କ୍ଷେତ୍ରରେ ସମୃଦ୍ଧ ଭାବେ ଗଢ଼ିତୋଳିବା କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛନ୍ତି ରାଜ୍ୟ ସରକାର । ଶୁକ୍ରବାର ଲୋକସେବା ଭବନର ସମ୍ମିଳନୀ କକ୍ଷଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଜାପାନର ଶିଳ୍ପ ବ୍ୟବସାୟିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏସିଏମ୍‌ଇ ଗ୍ରୁପ ଓ ଆଇଏଚ୍‌ଆଇ କର୍ପୋରେସନ ସହିତ ରାଜ୍ୟ ସରକାର ଏକ ସହଯୋଗ ପତ୍ର ବା ଏମଓସି ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ । ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ୩ଟି ପ୍ରକଳ୍ପରେ ପ୍ରାୟ ୬୭,୦୦୦ କୋଟି ଟଙ୍କା ନିବେଶ କରିବେ ।

ଗୋପାଳପୁରରେ ପ୍ରସ୍ତାବିତ ୦.୪ ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ । ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି ବିହୀନ ଫ୍ଲୋଟିଙ୍ଗ୍ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ । ଏହାସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ । ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ । ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ । ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡିଶାକୁ ଏକ ‘ଗ୍ଲୋବାଲ୍ ଗ୍ରୀନ୍ ହବ୍’ ରେ ପରିଣତ କରାଯିବ । ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ଟି ପ୍ରମୁଖ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇସାରିଛି । ଏହାଦ୍ୱାରା ରାଜ୍ୟକୁ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆସିବ । ପାରାଦୀପ, କେନ୍ଦ୍ରାପଡ଼ା ଓ ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡର ବିକାଶ କରାଯାଉଛି, ଯାହା ଭାରତର ‘ଇସ୍ପାତ ରାଜଧାନୀ’ ଓଡ଼ିଶାକୁ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନରେ ବିଶ୍ୱସ୍ତରୀୟ ଅଗ୍ରଣୀ କରାଇବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଇଏଚଆଇ କର୍ପୋରେସନ୍‌କୁ ରାଜ୍ୟରେ ଏକ ‘ଜାପାନୀ ଗ୍ରୀନ୍ ଇଞ୍ଜିନିୟରିଂ ଏବଂ ଇନୋଭେସନ୍ ସେଣ୍ଟର’ ଏବଂ ମିତ୍‌ସୁବିଶି କର୍ପୋରେସନ୍‌କୁ ଗ୍ରୀନ୍ କେମିକାଲ୍ସ ଓ ସ୍ଥାୟୀ ଇନ୍ଧନ କ୍ଷେତ୍ରରେ ନିବେଶ ପାଇଁ ବିଶେଷ ଆମନ୍ତ୍ରଣ ଜଣାଇଛନ୍ତି ।

ଆଲୋଚନାରେ ଆଇଏଚ୍‌ଆଇ କର୍ପୋରେସନ୍‌ର ଅଧ୍ୟକ୍ଷ ତଥା ସିଇଓ ଓଡ଼ିଶାର ସବୁଜ ଶକ୍ତି ନୀତି ଏବଂ ପୁଞ୍ଜିନିବେଶ ପରିବେଶକୁ ଉଚ୍ଚ ▶ପୃଷ୍ଠା-୭



ଏସିଏମ୍‌ଇ-ଆଇଏଚ୍‌ଆଇ କର୍ପୋରେସନ ସହଯୋଗପତ୍ର ସ୍ୱାକ୍ଷରିତ

## ବିଦ୍ରୋହୀଙ୍କ କବ୍‌ଜାରେ ଟିଏମ୍‌ସି ମୁଖ୍ୟାଳୟ



### ମିଟିଂ କଲେ, ତାଲା ପକାଇଲେ

### ଅଫିସରେ କେନ୍ଦ୍ରୀୟ ଓ ରାଜ୍ୟ ପୁଲିସ ମୁତୟନ

■ କୋଲକାତା, ୩।୭ (ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧ ଆଜି ନୂଆ ମୋଡ଼ ନେଇଛି । ପ୍ରକୃତ ଟିଏମ୍‌ସି କିଏ ତାହାକୁ ନେଇ ନିର୍ବାଚନ କମିସନରେ ଶୁଣାଣି ଚାଲିଥିବା ବେଳେ ବିରୋଧୀ ଦଳ ନେତା ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ବିଦ୍ରୋହୀ ଗୋଷ୍ଠୀ ଆଜି କୋଲକାତାସ୍ଥିତ ଦଳର ମୁଖ୍ୟ କାର୍ଯ୍ୟାଳୟରେ ପଶି ଏହାକୁ କବଜା କରିନେଇଛନ୍ତି । ମମତା ବାନାର୍ଜୀଙ୍କ ସମର୍ଥକ ଏହାର ପ୍ରତିବାଦ କରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ମୁଖ୍ୟାଳୟରେ ଏବେ କେନ୍ଦ୍ର ଏବଂ ରାଜ୍ୟ ପୁଲିସକୁ ମୁତୟନ କରାଯାଇଛି ।

ଦିଲ୍ଲୀରେ ନିର୍ବାଚନ କମିସନଙ୍କୁ ଭେଟିବା ପରେ ବିଦ୍ରୋହୀ ଗୋଷ୍ଠୀ ଆଜି କୋଲକାତା ଫେରିବା ପରେ ଏହାର ନେତାମାନେ ସମର୍ଥକମାନଙ୍କୁ ଧରି ସିଧା ଟିଏମ୍‌ସି ମୁଖ୍ୟାଳୟ ତୃଣମୂଳ ଭବନରେ ପଶିଥିଲେ । ଏହାପରେ ସେଠାରେ ଏକ ବୈଠକ ହୋଇଥିଲା । ଏଥିରେ ରତବ୍ରତ ବାନାର୍ଜୀଙ୍କ ସମେତ ବିଦ୍ରୋହୀ ଗୋଷ୍ଠୀର ଅନ୍ୟ ନେତା ଫିରହାଦ ହାକିମ, ଜାଭେଦ ଖାନ ଏବଂ ଆଖରୁଜ୍ଜମାନ ମଧ୍ୟ ପସ୍ଥିତ ଥିଲେ । ବୈଠକରେ ସେମାନେ ନିଜକୁ ପ୍ରକୃତ ତୃଣମୂଳ କଂଗ୍ରେସ ବୋଲି ଦାବି କରିଥିଲେ । ଏହାପରେ ସେମାନେ ମୁଖ୍ୟାଳୟରେ ତାଲା ପକାଇ ବାହାରିଯାଇଥିଲେ । ସେମାନେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଯେଉଁ ବିଲଡିଂରେ ଟିଏମ୍‌ସି ମୁଖ୍ୟାଳୟ ରହିଛି, ତାହାର ମାଲିକ ସହିତ ▶ପୃଷ୍ଠା-୭

## ସରକାରଙ୍କ ନାଲିଆଖିକୁ ବେଖାତିର୍ ଡାକ୍ତର ଆନ୍ଦୋଳନ ଜାରି

■ ଭୁବନେଶ୍ୱର, ୩।୭ (ସମିସ): କ୍ରମାଗତ ତୃତୀୟ ଦିନ ପାଇଁ ଶୁକ୍ରବାର ରାଜ୍ୟବ୍ୟାପୀ ଡାକ୍ତରମାନେ ନିଜର ଆନ୍ଦୋଳନ ଜାରି ରଖିଛନ୍ତି । ଏପରିକି ଓଏମ୍‌ଏଚ୍‌ଏସ୍ କ୍ୟାଡର ଡାକ୍ତରଙ୍କ ଦରମା ବନ୍ଦ ନିର୍ଦ୍ଦେଶ ସହ କାର୍ଯ୍ୟରେ ଅନୁପସ୍ଥିତ ଠିକା ଡାକ୍ତରଙ୍କୁ ଆବଶ୍ୟକ ନୋଟିସ୍ ଦେଇ ସେମାନଙ୍କୁ ବରଖାସ୍ତ କରିବା ନେଇ ସରକାରଙ୍କ ଚେତାବନୀ ମଧ୍ୟ ସେମାନଙ୍କୁ କାବୁ କରିନାହିଁ । ଫଳରେ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର ରୋଗୀମାନଙ୍କ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ କଡ଼ା ଅସନ୍ତୋଷ ପ୍ରକାଶ ପାଇଛି ।


ଆଲୋଚନା ପାଇଁ ଡାକିଲା ସ୍ୱାସ୍ଥ୍ୟ ବିଭାଗ

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ହଟାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓମସା (ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ) ସଭାପତିଙ୍କୁ ଏକ ଚିଠି ଲେଖାଯାଇଛି । ଶନିବାର ଓମସା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ସରକାର ଆଗଭର ଅଛନ୍ତି ବୋଲି ଚିଠିରେ ଉଲ୍ଲେଖ ରହିଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ କାର୍ଯ୍ୟାଳୟରେ ଶନିବାର ସାଢ଼େ ୧୧ଟା ବେଳେ ବୈଠକ ଧାର୍ଯ୍ୟ କରାଯାଇଥିବା ବେଳେ ଏଥିରେ ଓମସା କର୍ତ୍ତୃପକ୍ଷଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଛି ।

### ସାରା ରାଜ୍ୟରେ ଲଘୁଚାପ ବର୍ଷା

## ୧୨ ଜିଲ୍ଲାରେ ଭୀଷଣ ବର୍ଷା

■ ଭୁବନେଶ୍ୱର, ୩।୭ (ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ସକ୍ରିୟ ରହିଛି । ଏହା ପ୍ରଭାବରେ ରାଜ୍ୟରେ ଗତ ଦୁଇ ଦିନ ହେବ ବର୍ଷା ଜାରି ରହିଛି । ୧୨ଟି ଜିଲ୍ଲାରେ ଭୀଷଣ ବର୍ଷା ହେଉଥିବା ବେଳେ ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ ଓ କନ୍ଧମାଳରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି । ସେହିପରି ବରଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ନବରଙ୍ଗପୁର, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରେ ମଧ୍ୟ ଭୀଷଣ ବର୍ଷା ▶ପୃଷ୍ଠା-୭

### ୫ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଆଶଙ୍କା

## ରାମ ମନ୍ଦିର ଚାନ୍ଦା ଚୋରି: ସନ୍ଦେହଘେରରେ ଟ୍ରଷ୍ଟ କର୍ମକର୍ତ୍ତା



### ଆଉଟ୍‌ସୋର୍ସିଂ ପାଇଁ ଷ୍ଟେଟ ବ୍ୟାଙ୍କ ଉପରେ ଚାପ ପକାଇଥିଲେ

### ମନ୍ଦିରରେ ଚାକିରି ପାଇଁ ନିଆଯାଉଥିଲା କମିସନ!

### ଗତ ୫ ବର୍ଷର ଆକାଉଣ୍ଟର ପୁନଃଯାଞ୍ଚ କରିବ ଏସ୍‌ଆଇଟି

■ ଅଯୋଧ୍ୟା, ୩।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ ମାମଲାର ତଦନ୍ତ ଯେତିକି ଆଗକୁ ବଢ଼ୁଛି, ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସେତିକି ସାମ୍ନାକୁ ଆସୁଛି । ମନ୍ଦିର ଅର୍ଥ ଲୁଟ୍ ପାଇଁ ବହୁତ ଆଗରୁ ଷଡ଼ଯନ୍ତ୍ର ରଚାଯାଇଥିଲା ଏବଂ ଏଥିରେ ପ୍ରଭାବଶାଳୀ ଟ୍ରଷ୍ଟ କର୍ମକର୍ତ୍ତା ଜଡ଼ିତ ଥିବା ଜଣାପଡ଼ିଛି । ମନ୍ଦିର ହୁଣ୍ଡିରେ ପଡୁଥିବା ଦାନ ଅର୍ଥ ଗଣିବା ଲାଗି ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଦାୟିତ୍ୱ ମିଳିଥିଲେ ମଧ୍ୟ ଏହାର ଆଉଟସୋର୍ସିଂ ପାଇଁ କେତେକ ଟ୍ରଷ୍ଟ କର୍ମକର୍ତ୍ତା ବ୍ୟାଙ୍କ ଉପରେ ଚାପ ପକାଇଥିଲେ । କେବଳ ଏତିକି ନୁହେଁ, ସେମାନେ ସୈନିକ ସିକୁରିଟି ସର୍ଭିସ ନାମକ ଘରୋଇ ସଂସ୍ଥାର ନାମ ମଧ୍ୟ ସୁପାରିସ କରିଥିଲେ । ସେମାନଙ୍କ ଚାପରେ ବ୍ୟାଙ୍କ ଏହି ସଂସ୍ଥାକୁ ଆଉଟସୋର୍ସିଂ କରିଥିଲା । ଏହି ସଂସ୍ଥାରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସଂପର୍କୀୟ ଓ ପରିଚିତ ଲୋକଙ୍କୁ ନିଯୁକ୍ତି ମିଳିଥିଲା । ତେବେ ସେମାନଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ସେମାନଙ୍କର ପୁଲିସ ଯାଞ୍ଚ ପାଇଁ ବ୍ୟାଙ୍କ ଅଧିକାରୀ ତିନି ମାସ ତଳେ କହିଥିଲେ । କିନ୍ତୁ ଏହାକୁ ବିରୋଧ କରି ଯାଞ୍ଚ କରାଇ ଦେଇନଥିଲେ କେତେକ ଟ୍ରଷ୍ଟ କର୍ମକର୍ତ୍ତା । ତେଣୁ ଗଣତି ବେଳେ ବେଧଡ଼କ ଟଙ୍କା ଲୁଟ୍ ନିୟମିତ ବ୍ୟାପାର ପାଲଟିଯାଇଥିଲା ବୋଲି କୁହାଯାଉଛି ।

ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି)ର ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ, ମନ୍ଦିରରେ ନିଯୁକ୍ତ ପ୍ରାୟ ୧୨୫ ଜଣ କର୍ମଚାରୀ ଟ୍ରଷ୍ଟ କର୍ମକର୍ତ୍ତା ଅନିଲ ମିଶ୍ରଙ୍କ ସୁପାରିସ କ୍ରମେ ଚାକିରି ପାଇଥିଲେ, ଯେଉଁଥିରେ ତାଙ୍କର ▶ପୃଷ୍ଠା-୭

## ଗୁଣି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା !

■ କେନ୍ଦୁଝର, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ଦୈତାରୀ ଅଞ୍ଚଳରେ ଜଣେ ଦମ୍ପତିଙ୍କୁ ହତ୍ୟା ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଗୁଣିଗାରେଡ଼ି ସନ୍ଦେହରେ ଏହି ଦମ୍ପତିଙ୍କୁ ହତ୍ୟା କରି ଏକ କୂଅରେ ପକାଇ ଦିଆଯାଇଥିଲା । ୭ ଦିନ ପରେ ସେହି ପରିତ୍ୟକ୍ତ କୂଅରୁ ଦମ୍ପତିଙ୍କର ଶବ ଆଜି ଉଦ୍ଧାର କରାଯାଇଛି । ୫ ଜଣ ସନ୍ଦିଗ୍ଧଙ୍କୁ ଦୈତାରି ଥାନା ପୁଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।



ସୂଚନା ଅନୁସାରେ, ଗତ ମାସ ୨୫ ତାରିଖରୁ ନିଖୋଜ ଥିଲେ ଉକ୍ତ ଦମ୍ପତି । ସେମାନଙ୍କୁ ଖୋଜିବା ଲାଗି ଉଦ୍ୟମ ଚାଲିଥିବା ବେଳେ ଆଜି ବଳିପର୍ବତ ହୁର୍ଲାବାହାଳୀ ଗାଁର ଏକ ପରିତ୍ୟକ୍ତ କୂଅରୁ ଖଗେଶ୍ୱର ସୋରେନ୍ ଓ ସ୍ତ୍ରୀ ଟୁନି ସୋରେନ୍‌ଙ୍କର ଗଳିତ ମୃତଦେହ ଉଦ୍ଧାର ହୋଇଛି । ମୃତଦେହ ଉଦ୍ଧାର ପରେ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିବ ମୁଣ୍ଡା ଏବଂ ଅନ୍ୟ ୪ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି ପୁଲିସ । ତଦନ୍ତ ଅଧିକ ବଢାଇବା ପାଇଁ ଘଟଣାର ଦୃଶ୍ୟାବତରଣ କରାଇଥିବା ଜଣାପଡ଼ିଛି । ମୃତ ଖଗେଶ୍ୱର ଗାଁରେ କାହାକୁ ଜ୍ୱର ହେଲେ ଝଡାଫୁଙ୍କା କରୁଥିଲେ । ଗତ ୨୦୧୯ରେ ଶିବ ମୁଣ୍ଡାର ଭଉଣୀର ଦେହ ଖରାପ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ତାଙ୍କର ମୃତ୍ୟୁ ଘଟିବାରୁ, ଖଗେଶ୍ୱର ଗୁଣିଗାରେଡ଼ି କରି ତାଙ୍କ ଭଉଣୀକୁ ହତ୍ୟା କରିଥିବା ସନ୍ଦେହ କରୁଥିଲା ଶିବ ମୁଣ୍ଡା । ଗତ ୨୫ ତାରିଖରେ ଶିବ ମୁଣ୍ଡା, ଅନ୍ୟମାନଙ୍କ ସହ ମିଶି ଉକ୍ତ ଦମ୍ପତିଙ୍କୁ ହତ୍ୟା କରି ମୃତଦେହରେ ପଥର ବାନ୍ଧି କୂଅରେ ପକାଇ ଦେଇଥିବା ଅଭିଯୋଗ ହେଉଛି । ପୁଲିସ ୫ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ବେଳେ ସେମାନଙ୍କ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ ।

## ଅସ୍ମିତାକୁ ‘ପଖାଳ’ ଚାପୁଡ଼ା

### ଓଡ଼ିଆଙ୍କୁ ପଖାଳର ହିତ ବୁଝାଇବାକୁ ଅଣଓଡ଼ିଆଙ୍କୁ ନିମନ୍ତ୍ରଣ



■ ଭୁବନେଶ୍ୱର, ୩।୭ (ସମିସ): ଶହଶହ ବର୍ଷ ଧରି ଓଡ଼ିଆ ଜନଜୀବନ ସହ ପଖାଳ ଜଡ଼ିତ । ମା’କୁ ମାମୁଁ ଘର କଥା କହିବା ଯାହା ଓଡ଼ିଆଙ୍କୁ ପଖାଳ କଥା ଶୁଣାଇବା ସେଇଆ ବୋଲି ଅନେକ କହନ୍ତି । ବିଶ୍ୱର ଯେଉଁଠି ଓଡ଼ିଆ ଅଛନ୍ତି, ପଖାଳ ସେଠି ତାର ସାମ୍ରାଜ୍ୟ ମେଲାଇଛି । ଅଷ୍ଟ୍ରେଲିଆରୁ ରୁଷ, ଆମେରିକାରୁ ଜାପାନ ପର୍ଯ୍ୟନ୍ତ ସବୁଠି ଓଡ଼ିଆ ପଖାଳକୁ ନିଜର ଅନ୍ୟତମ ପରିଚୟ ଭାବରେ ପରିପ୍ରକାଶ କରିଛି । ବିଦେଶରେ ଥିବା ଓଡ଼ିଆମାନେ ସାମାଜିକ ଗଣମାଧ୍ୟମରେ ପଖାଳ ଭୋଜି କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଓଡ଼ିଶାରେ ଗରିବ ଲୋକଙ୍କ ପାଇଁ ପଖାଳ ନିତିଦିନର ଖାଦ୍ୟ ଓ ଧନୀକମାନଙ୍କ ପାଇଁ ବିଳାସର କଥା । ମାତ୍ର ଓଡ଼ିଆଙ୍କ ଜୀବନଚର୍ଯ୍ୟା ସହ ଓତଃପ୍ରୋତ ଜଡ଼ିତ ପଖାଳ ଦିବସ ପାଳନ ପାଇଁ ପର୍ଯ୍ୟଟନ ବିଭାଗ ରାଜକୋଷରୁ କୋଟିକୋଟି ଟଙ୍କା ବ୍ୟୟ କରିବା ଏବେ ସାଧାରଣ ଲୋକମାନେ ହଜମ କରିପାରୁ ନାହାନ୍ତି । ବିଶେଷ କରି ପଖାଳର ଗୁଣବତ୍ତା ଓ ଏହାର ଖାଦ୍ୟମାନ ସମ୍ପର୍କରେ ବୁଝାଇବା ପାଇଁ ପର୍ଯ୍ୟଟନ ବିଭାଗ ଅନ୍ୟ ରାଜ୍ୟରୁ ଅଣଓଡ଼ିଆ ରୋଷେଇଆ (ସେଫ୍) ଓ ବ୍ଲଗରମାନଙ୍କୁ ନିମନ୍ତ୍ରଣ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିବା ସହଜରେ ବୁଝି ହେଉନାହିଁ ।

ଅତିଥିମାନଙ୍କ ପାଇଁ ଆଠ କ୍ୱିଣ୍ଟାଲ ଚାଉଳରେ ପଖାଳ ଓ ୩୫୬ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କଲେ । ଏହାକୁ ଗିନିଜ ବୁକ୍ ରେକର୍ଡରେ ସ୍ଥାନ ଦେବା ପାଇଁ ୩୩ ଲକ୍ଷ ଟଙ୍କା ବ୍ୟୟ କଲେ । ଦେଢ଼ ଲକ୍ଷ ଟଙ୍କାର କଂସାବାସନ, ଦେଢ଼ ଲକ୍ଷ ଟଙ୍କାର ମାଟି ପାତ୍ର କିଣାଗଲା । ଅତିଥିଙ୍କୁ ପଖାଳ ପରଷିବା ପାଇଁ ନିଯୁକ୍ତ ବ୍ୟକ୍ତି (ୱେଟର)ଙ୍କ ପାଇଁ ୧୮୦ଟି ସମ୍ବଲପୁରୀ ଜ୍ୟାକେଟ୍ (ୱେଷ୍ଟକୋଟ୍) କିଣାଗଲା । ୩୩୦୦ ଟଙ୍କା ମୂଲ୍ୟର ୧୩୦ଟି, ୨୭୬୦ ଟଙ୍କା ମୂଲ୍ୟର ୨୩ଟି, ୩୦୩୦ ଟଙ୍କା ମୂଲ୍ୟର ୧୩ଟି, ୨୫୫୦ ଟଙ୍କା ମୂଲ୍ୟର ୧୪ଟି ଜ୍ୟାକେଟ ଓଟିଡ଼ିସି କର୍ତ୍ତୃପକ୍ଷଙ୍କ ଜରିଆରେ କିଣାଯାଇଥିବା ତଥ୍ୟ ଏବେ ବାହାରକୁ ଆସିଛି । ୫.୬୭ ଲକ୍ଷ ଟଙ୍କାର ଏହି ଜ୍ୟାକେଟ କିଣାରେ ୧.୧୩ ଲକ୍ଷ ଟଙ୍କା ରିଆତି ପରେ ୪ଲକ୍ଷ ୨୯ ହଜାର ୮୩ ଟଙ୍କା ପଇଠ ହୋଇଛି । ମାତ୍ର ଓଟିଡ଼ିସିରେ ୧୮୦ ଜଣ ୱେଟର ନ ଥିବାବେଳେ ଏହି ଜ୍ୟାକେଟ୍ କାହାପାଇଁ କିଣାଯାଇଥିଲା, ସେ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ସଚିବ ବଲ୍‌ୱନ୍ତ ସିଂହ ରହସ୍ୟମୟ ଭାବରେ ନିରବ ।

ସେହିପରି ପଖାଳ ଦିବସରେ ଯୋଗ ଦେବାକୁ କୋଲକାତା, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ଗୋଆ, ନାସିକ, ଜୟପୁରରୁ ଅନେକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏହି ବ୍ୟକ୍ତିମାନେ କିଏ ଓ ପଖାଳ ସହ ସେମାନଙ୍କର କି ସମ୍ପର୍କ ଅଛି , ତାହା ଏଯାଏ ଅସ୍ପଷ୍ଟ । କୌତୂହଳର କଥା ହେଉଛି ଯେ ଏମାନଙ୍କ ମଧ୍ୟରେ କେହି ଜଣେ ବି ଓଡ଼ିଆ ନାହାନ୍ତି । ମୁଖାର୍ଜୀ, ଗିଲ୍, ବଥିଜା, ଜୈନ, ▶ପୃଷ୍ଠା-୭

### ୪.୨୯ ଲକ୍ଷରେ କ୍ରୟ ୧୮୦ ଜ୍ୟାକେଟ ଏବେ କେଉଁଠି ?



# ଚୀନ-ମୁକ୍ତ ତିବ୍ବତ ପାଇଁ ଜାତିସଂଘ ଅଫିସ ସମ୍ମୁଖରେ ଆତ୍ମଦାହ

ନ୍ୟୁୟର୍କ, ୩।୭(ଏଜେନ୍ସି): ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ଜଣେ ୫୨ ବର୍ଷୀୟ ବ୍ୟକ୍ତି ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ତିବ୍ବତ ମୁକ୍ତି ଆନ୍ଦୋଳନ ସହ ଜଡ଼ିତ ଏକ ପ୍ରତିବାଦ ସ୍ୱରୂପ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରୁଛି। ନିଆଁ ଲଗାଇବା ପୂର୍ବରୁ ବୌଦ୍ଧ ସନ୍ନ୍ୟାସୀଙ୍କ ଭଳି ପୋଷାକ ପିନ୍ଧିଥିବା ଏହି ବ୍ୟକ୍ତି ଜଣକ ରାସ୍ତାକଡ଼ରେ ଏକ ତିବ୍ବତୀୟ ପତାକା ରଖିଥିଲେ। ଘଟଣାସ୍ଥଳରୁ ପୋଲିସ କିଛି ପତ୍ରିକା/ପୋଷ୍ଟର ଜବତ କରିଛି, ଯେଉଁଥିରେ 'ଚୀନ୍ ଆଉଟ୍ ଅଫ୍ ତିବ୍ବତ' (ତିବ୍ବତରୁ ଚୀନ୍ ହଟାଅ) ବୋଲି ଲେଖାଯାଇଥିଲା। ୨୦୦୯ ମସିହାରୁ ଏପର୍ଯ୍ୟନ୍ତ ଚୀନ୍ ଶାସନ ବିରୋଧରେ ଏବଂ ତିବ୍ବତର ସାଂସ୍କୃତିକ-ଧାର୍ମିକ ସ୍ୱାଧୀନତା ଦାବି କରି ୧୫୦ରୁ ଅଧିକ ତିବ୍ବତୀୟ (ସନ୍ନ୍ୟାସୀ ଓ ସାଧାରଣ ନାଗରିକ) ଆତ୍ମଦାହ କରି ପ୍ରାଣ ହରାଇ ସାରିଛନ୍ତି। ୧୯୫୯ ମସିହାରେ ଚୀନ୍ ବିରୋଧୀ ବିଦ୍ରୋହ ବିଫଳ ହେବା ପରେ ଚତୁର୍ଦ୍ଦଶ ଦଲାଇଲାମା ଭାରତରେ ଆଶ୍ରୟ ନେଇଥିଲେ ଏବଂ ହିମାଚଳ ପ୍ରଦେଶର ଧର୍ମଶାଳାରେ ତିବ୍ବତର ନିର୍ବାସିତ ସରକାର ଚାଲୁଛି। ଭାରତ ଆନୁଷ୍ଠାନିକ ଭାବେ ତିବ୍ବତକୁ ଚୀନର ଅଂଶ ବୋଲି ସ୍ୱୀକାର କରେ, କିନ୍ତୁ ମାନବିକତା ଦୃଷ୍ଟିରୁ ଦଲାଇଲାମା ଓ ତିବ୍ବତୀୟ ଶରଣାର୍ଥୀଙ୍କୁ ନିଜ ମାଟିରେ ଆଶ୍ରୟ ଦେଇଛି।




# ଜଳିଗଲା ଏଲ୍‌ପିଜି ଟାଙ୍କର; ୫ ମୃତ

କୌଶାମ୍ବୀ, ୩।୭(ଏଜେନ୍ସି): ଉତ୍ତରପ୍ରଦେଶର କୌଶାମ୍ବୀ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାନପୁରରୁ ବାରାଣସୀ ଯାଉଥିବା ଏକ ଏଲପିଜି ଗ୍ୟାସ୍ ଟାଙ୍କର ନିୟନ୍ତ୍ରଣ ହରାଇ ଏକ ଟୋଲ୍ ପ୍ଲାଜା ନିକଟରେ ଡିଭାଇଡର ସହ ପିଟି ହେବା ଫଳରେ ସେଥିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୨୬ ତାରିଖ ସକାଳେ କୋଖରାଜ ଥାନା ଅନ୍ତର୍ଗତ ସିହୋରୀ ଟୋଲ୍ ପ୍ଲାଜା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗ୍ୟାସ୍ ଟାଙ୍କରଟି ଦ୍ରୁତ ଗତିରେ ଆସି ଡିଭାଇଡର ସହ ଧକ୍କା ହେବା ମାତ୍ରେ ସେଥିରୁ ଗ୍ୟାସ୍ ନିର୍ଗତ ହୋଇ ସମଗ୍ର ଅଞ୍ଚଳକୁ ନିଆଁ ବ୍ୟାପି ଯାଇଥିଲା, ଯାହାର ସିସିଟିଭି ଚିତ୍ର ଏବେ ସାମ୍ନାକୁ ଆସିଛି। ଦୁର୍ଘଟଣା ପରେ ମିର୍ଜାପୁରର ବାସିନ୍ଦା ତଥା ଗାଡ଼ି ଚାଳକ ଧର୍ମେନ୍ଦ୍ର ଦ୍ୱିବେଦୀ ଗାଡ଼ି ଭିତରୁ ବାହାରି ନପାରି ଘଟଣାସ୍ଥଳରେ ହିଁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହା ସହିତ ଟୋଲ୍ ପ୍ଲାଜାରେ କାର୍ଯ୍ୟରତ ୫ ଜଣ କର୍ମଚାରୀ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ସେମାନଙ୍କୁ ତୁରନ୍ତ ପ୍ରୟାଗରାଜର ସ୍ୱରୂପ ରାନୀ ନେହେରୁ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପରଦିନ ଆଲୋକ ସିଂହ ନାମକ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ଦିନ ହିରାମଣି ସିଂହ ଏବଂ କୃଷ୍ଣପାଲ ମୌର୍ଯ୍ୟ ନାମକ ଆଉ ଦୁଇ କର୍ମଚାରୀ ପ୍ରାଣ ହରାଇଛନ୍ତି। ଫଳରେ ଏହି ଦୁର୍ଘଟଣାରେ ମୋଟ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ଅନ୍ୟ ଦୁଇ ଜଣ ଆହତ କର୍ମଚାରୀଙ୍କ ଚିକିତ୍ସା ଏବେ ମଧ୍ୟ ଜାରି ରହିଛି। ସ୍ଥାନୀୟ ଥାନା ଅଧିକାରୀ ଚନ୍ଦ୍ର ଭୂଷଣ ମୌର୍ଯ୍ୟ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିବା ବିଷୟ ନିଶ୍ଚିତ କରିଛନ୍ତି। ପୁଲିସ ସମସ୍ତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟଣାର ଆଇନଗତ ତଦନ୍ତ ଜାରି ରଖିଛି।

### କୋର୍ଟ ଅବମାନନା ମାମଲା

## ଶପଥପତ୍ର ଦାଖଲ ପାଇଁ ମମତାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଲକାତା, ୩।୭(ଏଜେନ୍ସି): ରାଲି ସମୟରେ କୋଲକାତାର ମୁଖ୍ୟ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଅଭିଯୋଗରେ ଦାୟର ହୋଇଥିବା ଏକ କୋର୍ଟ ଅବମାନନା ମାମଲାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଶପଥପତ୍ର (ଆଫିଡେଭିଟ୍) ଦାଖଲ କରିବାକୁ କଲିକତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅରିଜିତ ବାନାର୍ଜୀ ଏବଂ ଜଷ୍ଟିସ ଅପୂର୍ବ ସିହ୍ନା ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ଅଗଷ୍ଟ ମାସରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଗତ ୨୦୨୫ ଜୁଲାଇ ୨୧ ରେ କୋଲକାତାର ଧର୍ମତଲାଠାରେ ଟିଏମସି ପକ୍ଷରୁ ଆୟୋଜିତ 'ସହିଦ ଦିବସ' ସମାବେଶ ସମୟରେ କୋର୍ଟଙ୍କ ନିୟମ ଉଲ୍ଲଂଘନ କରି ସହରର ପ୍ରମୁଖ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏହାକୁ ନେଇ କୋର୍ଟରେ ଏକ ଅବମାନନା ଆବେଦନ ଦାଖଲ ହୋଇଥିଲା, ଯେଉଁଥିପାଇଁ ଗତ ଜୁନ୍ ୧୯ ରେ କୋର୍ଟ ମମତା ବାନାର୍ଜୀ ଓ ଅଭିଷେକ ବାନାର୍ଜୀଙ୍କୁ ନୋଟିସ ଜାରି କରିଥିଲେ।

## ଚୀନ୍ ସହ ଜଡ଼ିତ ୩ଟି ଆପ୍‌କୁ ବ୍ୟାନ୍ କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୩।୭(ଏଜେନ୍ସି): ଇ-ରିକ୍ସା ଚାଳକଙ୍କ ପାଇଁ ବଡ଼ ସମସ୍ୟା ସାଜିଥିବା ଚୀନ ସହ ଜଡ଼ିତ ୩ଟି ମୋବାଇଲ୍ ଆପ୍‌କୁ ଆପ୍ ଷ୍ଟୋର୍‌ରୁ ହଟାଇବା ପାଇଁ କେନ୍ଦ୍ର ଆଇଟି ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି। ସୋସିଆଲ ମିଡିଆରେ 'ଡିର୍ରି ଟ୍ରେଣ୍ଡ' ନାମରେ କିଛି ଭାଇରାଲ୍ ପ୍ରାଙ୍କ୍ ଭିଡିଓ ସାମ୍ନାକୁ ଆସିବା ପରେ ସରକାର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କିଛି ଦୁର୍ବୃତ୍ତ ଏହି ଆପ୍‌ଗୁଡ଼ିକର ସାହାଯ୍ୟରେ ଚଳନ୍ତା ଇ-ରିକ୍ସାର ବ୍ୟାଟେରୀକୁ ବ୍ଲୁଟୁଥ୍ ମାଧ୍ୟମରେ ଦୂରରୁ ବନ୍ଦ କରିଦେଉଥିଲେ। ଏହାଦ୍ୱାରା ଚାଳକମାନେ ନାହିଁ ନଥିବା ହଇରାଣ ହେଉଥିଲେ ଏବଂ ରାସ୍ତାରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢୁଥିଲା। ଏହି ଆପ୍ କେବଳ ସେହି ଇ-ରିକ୍ସା ଉପରେ କାମ କରୁଥିଲା, ଯେଉଁଥିରେ ବ୍ଲୁଟୁଥ୍ ସପୋର୍ଟ ଥିବା ଲିଥିୟମ୍-ଆୟନ୍ ବ୍ୟାଟେରୀ ଲାଗିଥିଲା ଏବଂ ଯେଉଁଥିରେ କୌଣସି ପାସୱାର୍ଡ ସେଟ୍ ହୋଇନଥିଲା। ପୁରୁଣା ଲେଡ୍-ଏସିଡ୍ ବ୍ୟାଟେରୀ ଥିବା ଇ-ରିକ୍ସାଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ବ୍ୟାଟେରୀ ପ୍ରସ୍ତୁତକାରୀ କମ୍ପାନୀ ଏହି ଆପ୍‌କୁ ସୋଲାର୍ ପାୱାର୍ ଏବଂ ବୋଟ୍ ବ୍ୟାଟେରୀର ସ୍ୱାସ୍ଥ୍ୟ ମନିଟରିଂ ପାଇଁ ତିଆରି କରିଥିଲେ।

## ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ: ୪ ପଡ଼ୋଶୀ ଗିରଫ


ଦୁର୍ଗାପୁର, ୩।୭(ଏଜେନ୍ସି): ପଶ୍ଚିମବଙ୍ଗର ଦୁର୍ଗାପୁରରେ ଜଣେ ଆଦିବାସୀ ନାବାଳିକାକୁ ଜଙ୍ଗଲ ଭିତରକୁ ଟେକିନେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ସ୍ଥାନୀୟ କୋର୍ଟ ସେମାନଙ୍କୁ ୬ ଦିନିଆ ପୋଲିସ ରିମାଣ୍ଡରେ ପଠାଇଛନ୍ତି। ବୁଧବାର ରାତିରେ ନାବାଳିକା ଜଣକ କମଳପୁର ଅଞ୍ଚଳରେ ଏକ ସ୍ଥାନୀୟ ମେଳା ଦେଖିବାକୁ ଯାଇଥିଲେ। ସେଠାରେ ସେ ଏକା ଥିବାର ସୁଯୋଗ ନେଇ ୪ ଜଣ ଯୁବକ ତାଙ୍କୁ ଜବରଦସ୍ତି ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ଗଣଦୁଷ୍କର୍ମ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ପୀଡ଼ିତାଙ୍କ ପଡୋଶୀ ଅଜୟ ସୋରେନ, ଲକ୍ଷ୍ମଣ ରାବିନ ବାସ୍କେ, ବୁଧନ ଟୁଡୁ ଏବଂ ରାଜୁ ମାଣ୍ଡି। ପୀଡ଼ିତା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଦୁର୍ଗାପୁର ସବ୍-ଡିଭିଜନାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ତାଙ୍କର ଚିକିତ୍ସା ଚାଲିଛି।

### ଅପହରଣ, ଗଣଦୁଷ୍କର୍ମ ଅଭିଯୋଗ

## ପାକ୍ ଉପ-ପ୍ରଧାନମନ୍ତ୍ରୀଙ୍କ ନାତି ଗିରଫ

ଲାହୋର, ୩।୭(ଏଜେନ୍ସି): ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସହାକ ଦାର୍‌ଙ୍କ ନାତି ମହମ୍ମଦ ରଜା ଦାର୍‌ଙ୍କ ସମେତ ୪ ଜଣଙ୍କୁ ଦୁଇ ବିଦେଶୀ ମହିଳାଙ୍କୁ ଗଣଦୁଷ୍କର୍ମ ଓ ଅପହରଣ କରିବା ଅଭିଯୋଗରେ ଲାହୋର ପୁଲିସ ଗିରଫ କରିଛି। କୋର୍ଟ ଅଭିଯୁକ୍ତମାନଙ୍କୁ ୫ ଦିନିଆ ପୁଲିସ ରିମାଣ୍ଡରେ ପଠାଇଛନ୍ତି। ନେଦରଲ୍ୟାଣ୍ଡ ଓ ଭେନେଜୁଏଲାର ଦୁଇ ଜଣ ମହିଳା କ୍ରିପ୍ଟୋକରେନ୍ସି ବ୍ୟବସାୟ ପାଇଁ ଗତ ୨୦୨୫ ଅକ୍ଟୋବରରେ ସିଙ୍ଗାପୁରରେ ରଜା ଦାର୍‌ଙ୍କୁ ଭେଟିଥିଲେ। ରଜା ସେମାନଙ୍କୁ ପାକିସ୍ତାନ ଆସିବାକୁ ନିମନ୍ତ୍ରଣ କରି ବିଜନେସ୍ ଭିସା ବ୍ୟବସ୍ଥା କରିଥିଲେ। ଜୁନ୍ ୨୯ରେ ମହିଳା ଦ୍ୱୟ ଲାହୋରରେ ପହଞ୍ଚିବା ମାତ୍ରେ ରଜା ଏବଂ ତାଙ୍କର ୪ ସହଯୋଗୀ ସେମାନଙ୍କୁ ଅପହରଣ କରି ଏକ ଘରକୁ ନେଇଯାଇଥିଲେ। ସେଠାରେ ସେମାନଙ୍କୁ ଗଣଦୁଷ୍କର୍ମ କରାଯିବା ସହ ମୁକ୍ତି ପାଇଁ କୋଟି କୋଟି ଟଙ୍କା ମଗାଯାଇଥିଲା। ପୀଡ଼ିତାଙ୍କ ମଧ୍ୟରୁ ଜଣଙ୍କ ପିତା ସ୍ପେନ୍‌ରୁ ପୁଲିସକୁ ଫୋନ୍ କରି ସୂଚନା ଦେବା ପରେ ଲାହୋର ପୁଲିସ ଚଢ଼ାଉ କରି ମହିଳାମାନଙ୍କୁ ଉଦ୍ଧାର କରିଥିଲା। ମାମଲାର ମୁଖ୍ୟ ଅଭିଯୁକ୍ତ ରଜା ଦାର୍ ବୋଲି ପୀଡ଼ିତାମାନେ କୋର୍ଟରେ ଚିହ୍ନଟ କରିଛନ୍ତି।

# ଆତଙ୍କବାଦ ବନ୍ଦ ନ କରିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ମିଳିବ ନାହିଁ



ନୂଆଦିଲ୍ଲୀ, ୩।୭(ଏଜେନ୍ସି): ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) କୁ ନେଇ ଭାରତ ସରକାର ଶୁକ୍ରବାର ଦିନ ନିଜର ଆଭିମୁଖ୍ୟ ପୁନର୍ବାର ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ନକରିବା ପର୍ଯ୍ୟନ୍ତ ଏହି ଚୁକ୍ତି ସ୍ଥଗିତ ରହିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରକାଶ କରିଛି। ଏହା ସହିତ ଆଫଗାନିସ୍ତାନ ଉପରେ ପାକିସ୍ତାନର ସାମରିକ ଆକ୍ରମଣକୁ ଭାରତ ନିନ୍ଦା କରିଛି ଏବଂ ଭେନେଜୁଏଲାରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବି କରିଛି। ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ୍ ମଲିକ ଧମକପୂର୍ଣ୍ଣ ସ୍ୱରରେ କହିଥିଲେ ଯେ, ଯଦି କେହି ସିନ୍ଧୁ ଚୁକ୍ତି ଅନୁଯାୟୀ ପାକିସ୍ତାନ ଭାଗର ପାଣି ରୋକିବାକୁ ଚେଷ୍ଟା କରିବ, ତେବେ ତାର 'ହାତ କାଟି ଦିଆଯିବ'। ଅନ୍ୟପଟେ ପାକିସ୍ତାନର ସୂଚନା ମନ୍ତ୍ରୀ ଅଟ୍ଟାଉଲ୍ଲା ତାରାର କହିଛନ୍ତି ଯେ ୧୯୬୦ ମସିହାର ଏହି ଚୁକ୍ତି ଆଇନଗତ ଭାବେ ବାଧ୍ୟତାମୂଳକ ଏବଂ ଏହାକୁ ଏକପାଖିଆ ଭାବେ ବଦଳାଯାଇପାରିବ ନାହିଁ। ଏହାର ଜବାବରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ, ଭାରତର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ପାକିସ୍ତାନ ଆତଙ୍କବାଦକୁ ପ୍ରଶ୍ରୟ ଦେବା ବନ୍ଦ କରୁ ବୋଲି ଭାରତ ଚାହେଁ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବରୁ କହିଥିଲେ ଯେ, 'ରକ୍ତ ଏବଂ ପାଣି ଏକାଠି ବହିପାରିବ ନାହିଁ' ଭାରତର ଯୁକ୍ତି ହେଉଛି ଯେ ସମୟ ବଦଳିବା ସହ ଏହି ଚୁକ୍ତି ଅସମାନ ହୋଇଯାଇଛି, କାରଣ ଭାରତର ଜଳ ଆବଶ୍ୟକତା ବଢୁଥିଲେ ମଧ୍ୟ ପାକିସ୍ତାନକୁ ପଶ୍ଚିମ ନଦୀଗୁଡ଼ିକ ଉପରେ ଅଧିକ ସ୍ୱାଧିକାର ମିଳିଛି। ପାକିସ୍ତାନ ଏହାକୁ ବେଆଇନ ବୋଲି କହି ଜାତିସଂଘ ଏବଂ ଆନ୍ତର୍ଜାତୀୟ ସ୍ତରରେ ଭାରତ ବିରୋଧରେ ପ୍ରଚାର କରୁଛି। ସେହିପରି ଆଫଗାନିସ୍ତାନ ସୀମା ଭିତରେ ପାକିସ୍ତାନ କରିଥିବା ସାମରିକ ଆକ୍ରମଣକୁ ଭାରତ ତୀବ୍ର ସମାଲୋଚନା କରିଛି। ଏହି ଆକ୍ରମଣରେ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ଭାରତ ଆଫଗାନିସ୍ତାନର ସାର୍ବଭୌମତ୍ୱକୁ ସମର୍ଥନ କରେ ଏବଂ ସେଠାରେ ମାନବୀୟ ସହାୟତା ଓ ବିକାଶମୂଳକ କାର୍ଯ୍ୟ ଜାରି ରଖିବ ବୋଲି ମନ୍ତ୍ରଣାଳୟ କହିଛି। ଅନ୍ୟଏକ ଘଟଣା କ୍ରମରେ ଭେନେଜୁଏଲାରେ ଭାରତୀୟ ନାବିକ ରାକେଶ ଚୌହାନଙ୍କ ମୃତ୍ୟୁ ଏବଂ ତାଙ୍କ ଶରୀରରୁ କିଛି ଅଙ୍ଗ ଗାୟବ ଥିବା ଅଭିଯୋଗ ଉପରେ ଭାରତ ଚିନ୍ତା ପ୍ରକଟ କରିଛି। କାରାକାସ୍‌ରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ଭେନେଜୁଏଲା ପ୍ରଶାସନକୁ ଅନୁରୋଧ କରିଛି। ଭାରତ ସ୍ପଷ୍ଟ କରିଦେଇଛି ଯେ ଆଲୋଚନା ଏବଂ ଆତଙ୍କବାଦ ଏକାଠି ଚାଲିପାରିବ ନାହିଁ। ପାକିସ୍ତାନର କୌଣସି ପ୍ରକାର ଗୀଦଡ଼ ଭବାଲି କିମ୍ବା ଆନ୍ତର୍ଜାତୀୟ ଚାପ ଆଗରେ ଭାରତ ନିଜ ଜାତୀୟ ସୁରକ୍ଷା ଓ ଜଳ ଅଧିକାରକୁ ନେଇ କଦାପି ମୁଣ୍ଡ ନୁଆଁଇବ ନାହିଁ।

**ପାକିସ୍ତାନକୁ ଜବାବ ଦେଲା ଭାରତ**

## ଆରମ୍ଭ ହେଲା ଅମରନାଥ ଯାତ୍ରା, ପ୍ରତି ୨ କିମିରେ ଅକ୍ସିଜେନ୍ ବୁଥ୍



ନୂଆଦିଲ୍ଲୀ, ୩।୭(ଏଜେନ୍ସି): ହିମାଳୟର ଉଚ୍ଚ ଉପତ୍ୟକାରେ ଆଜିଠାରୁ 'ବାବା ବର୍ଫାନୀ'ଙ୍କ ଜୟ ସ୍ଲୋଗାନ ସହ ଚଳିତ ବର୍ଷର ପବିତ୍ର ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୫୭ ଦିନ (ଅଗଷ୍ଟ ୨୮ ପର୍ଯ୍ୟନ୍ତ) ଧରି ଚାଲିବାକୁ ଥିବା ଏହି ଯାତ୍ରାରେ ଚଳିତ ବର୍ଷ ୪ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ସାମିଲ ହେବାର ସମ୍ଭାବନା ରହିଛି। ପ୍ରଥମ ଦଳରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୨୫୯ଟି ଗାଡ଼ିରେ ୪, ୮୨୨ ଜଣ ଶ୍ରଦ୍ଧାଳୁ (୩୭୦୭ ପୁରୁଷ, ୮୧୬ ମହିଳା, ୧୬ ଶିଶୁ ଏବଂ ୨୪୬ ସାଧୁ) ବାଲ୍‌ଟାଲ୍ ଓ ପହଲଗାମ୍ ରୁଟ୍ ଦେଇ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ୩, ୮୮୮ ମିଟର ଉଚ୍ଚରେ ଥିବା ପବିତ୍ର ଗୁଫାରେ ପ୍ରାକୃତିକ ବରଫ ଶିବଲିଙ୍ଗଙ୍କ ଦର୍ଶନ କରିବେ। ବାଲ୍‌ଟାଲ୍ ରୁଟ୍‌ର ଭୂସ୍ଖଳନ ପ୍ରବଣ ଅଞ୍ଚଳକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ୧୨ଟି ୱାଟରପ୍ରୁଫ୍ (ବର୍ଷା ନିରୋଧୀ) ଡୋମ୍ ଏବଂ ବଡ଼ ଜରୁରୀକାଳୀନ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଡିଜିଟାଲ୍ ସ୍କ୍ରିନ୍ ମାଧ୍ୟମରେ ଲାଇଭ୍ ପାଣିପାଗ ଅପଡେଟ୍ ଦିଆଯାଉଛି। ପାର୍ବତ୍ୟ ଅଞ୍ଚଳରେ ଶ୍ୱାସକ୍ରିୟାରେ ସମସ୍ୟା ଭୋଗୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତି ୧ରୁ ୨ କିଲୋମିଟର ବ୍ୟବଧାନରେ ଅକ୍ସିଜେନ୍ ବୁଥ୍ ସ୍ଥାପନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମନ୍ତବ୍ୟ ଦେଇ ଡିଏମ୍‌କେ ବିଧାୟକ ଗିରଫ

ଚେନ୍ନଇ, ୩।୭(ଏଜେନ୍ସି):ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଆପତ୍ତିଜନକ ଓ ଉତ୍ତେଜନାମୂଳକ ମନ୍ତବ୍ୟ ଦେବା ଅଭିଯୋଗରେ ଡିଏମକେ ଦଳର ବରିଷ୍ଠ ବିଧାୟକ ଅନିଥା ଆର ରାଧାକ୍ରିଷ୍ଣନଙ୍କୁ ଶୁକ୍ରବାର ଦିନ ପୁଲିସ ଗିରଫ କରିଛି। ମାଡ୍ରାସ ହାଇକୋର୍ଟ ତାଙ୍କର ଅଗ୍ରିମ ଜାମିନ ଆବେଦନକୁ ଖାରଜ କରିବା ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୨୦ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ କରୁଣାନିଧିଙ୍କ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ରାଧାକ୍ରିଷ୍ଣନ ଏହି ବିବାଦୀୟ ବୟାନ ଦେଇଥିଲେ। ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଚେହେରା ଏବଂ ଚଳଚ୍ଚିତ୍ର ଜଗତରୁ ରାଜନୀତିକୁ ତାଙ୍କର ଆଗମନକୁ ନେଇ କଟାକ୍ଷ କରିଥିଲେ। ବିଧାନସଭାରେ ଏକ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଆଚରଣକୁ ଜଣେ ଗ୍ରାହକଙ୍କ ସହ ତୁଳନା କରି ସେ ପରିହାସ କରିଥିଲେ, ଯାହାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ ଜଣେ ନିର୍ବାଚିତ ଜନପ୍ରତିନିଧି ଭାବରେ ଏଭଳି ଅଶୋଭନୀୟ ମନ୍ତବ୍ୟ ଦେବା ଜମାରୁ ଉଚିତ ନୁହେଁ। ତାମିଲନାଡୁରେ ୧୯୬୭ ମସିହାରୁ ସିନେମା ଜଗତର ବ୍ୟକ୍ତିମାନଙ୍କୁ ଜନସାଧାରଣ ଭୋଟ୍ ଦେଇ ନେତା ଭାବେ ବାଛୁଥିବାରୁ ଏଭଳି ମନ୍ତବ୍ୟ ଅନାବଶ୍ୟକ ବୋଲି କୋର୍ଟ ପ୍ରକାଶ କରିଛନ୍ତି। ଅନ୍ୟପଟେ, ଡିଏମକେ ସାଂସଦ କନିମୋଝି ଏହି ଗିରଫଦାରୀକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ସରକାରଙ୍କ ଦମନମୂଳକ ଓ ଏକଛତ୍ରବାଦୀ ନୀତି ବୋଲି ଅଭିହିତ କରିଛନ୍ତି।

# ଇରାନୀ ନେତାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରିଥିଲା ଇସ୍ରାଏଲ

ୱାସିଂଟନ, ୩।୭(ଏଜେନ୍ସି): ଇରାନର ଶୀର୍ଷସ୍ତରୀୟ ଶାନ୍ତି ଆଲୋଚନାକାରୀଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ ରଚିଥିବା ଏକ ଗୁପ୍ତ ଷଡ଼ଯନ୍ତ୍ର ବାବଦରେ ଆମେରିକା ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଚଳିତ ବର୍ଷ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଯୁଦ୍ଧବିରତି ପ୍ରକ୍ରିୟାକୁ ରକ୍ଷା କରିବା ପାଇଁ ଆମେରିକା ମଧ୍ୟପ୍ରାଚ୍ୟର କେତେକ ଦେଶ ଜରିଆରେ ଇରାନକୁ ଏହି ସାଙ୍ଘାତିକ ଖବର ପହଞ୍ଚାଇଥିବା ଜଣାପଡ଼ିଛି। ଇସ୍ରାଏଲର ଏହି ସମ୍ଭାବ୍ୟ ଆକ୍ରମଣ ଯୋଜନାର ମୁଖ୍ୟ ଟାର୍ଗେଟରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏବଂ



- ଇରାନକୁ ସତର୍କ କଲା ଆମେରିକା
- ଶାନ୍ତି ଆଲୋଚନା ବିଗାଡ଼ିବାକୁ କରିଥିଲା ଯୋଜନା

ସଂସଦ ଅଧ୍ୟକ୍ଷ ମହମ୍ମଦ ବାଘେର ଗାଲିବାଫ ଥିଲେ। ଯଦି ଏହି ଦୁଇ ନେତାଙ୍କ ଉପରେ ଆକ୍ରମଣ ହୋଇଥାନ୍ତା, ତେବେ ଚାଲୁ ରହିଥିବା ଶାନ୍ତି ଆଲୋଚନା ସମ୍ପୂର୍ଣ୍ଣ ଭାବେ ଭଣ୍ଡୁର ହୋଇଯାଇଥାନ୍ତା ବୋଲି ଆମେରିକୀୟ ଅଧିକାରୀମାନେ ଆଶଙ୍କା ପ୍ରକାଶ କରିଥିଲେ। ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଇରାନର ଶୀର୍ଷ ନେତୃତ୍ୱକୁ ଶେଷ କରିବା ଇସ୍ରାଏଲର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି କ୍ରମରେ ପୂର୍ବରୁ ଆମେରିକା ସହ ଆଲୋଚନାରେ ସାମିଲ ଥିବା ଇରାନର ଦୁଇ ପ୍ରମୁଖ ନେତା ଅଲି ଲାରିଜାନି ଏବଂ କମାଲ ଖରାଜି ଇସ୍ରାଏଲ ବିମାନ ଆକ୍ରମଣରେ ପ୍ରାଣ ହରାଇଥିଲେ। କିନ୍ତୁ ଏପ୍ରିଲରୁ ଯେତେବେଳେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ହେଲା, ସେତେବେଳେ ଆମେରିକା ଚାହୁଁନଥିଲା ଯେ ଇସ୍ରାଏଲ ପୁଣି କୌଣସି ବଡ଼ ନେତାଙ୍କୁ ହତ୍ୟା କରି ପରିସ୍ଥିତିକୁ ଜଟିଳ କରୁ। ଏପରିକି ଆମେରିକାର ଚାପ ଯୋଗୁଁ ଇସ୍ରାଏଲ ନିଜର ହିଟ୍ ଲିଷ୍ଟ ବା ସଂହାର ତାଲିକାରୁ ଆରାଗଚି ଏବଂ ଗାଲିବାଫଙ୍କ ନାମ ହଟାଇବାକୁ ବାଧ ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଗାଲିବାଫଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ ଚେଷ୍ଟା ଚଳାଇଥିଲା ଏବଂ ସେ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ଇସ୍ରାଏଲର ଏହି ଆକ୍ରୋଶମୂଳକ ମନୋଭାବ ପଛରେ ରହିଛି ଶାନ୍ତି ଚୁକ୍ତିକୁ ନେଇ ଅସନ୍ତୋଷ। ନିକଟରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଏକ ପ୍ରାଥମିକ ସାମୁଦ୍ରିକ ଓ ପରମାଣୁ ସମ୍ପର୍କିତ ବୁଝାମଣାକୁ ଇସ୍ରାଏଲ ସହଜରେ ଗ୍ରହଣ କରିପାରୁନାହିଁ। ଇସ୍ରାଏଲର ମତରେ, ଏହି ଚୁକ୍ତି ଦ୍ୱାରା ଇରାନ ଆର୍ଥିକ ସହାୟତା ପାଇ ପୁଣି ଶକ୍ତିଶାଳୀ ହେବ।



**୧୪ ଦିନିଆ ବିଚାର ବିଭାଗୀୟ ହେପାଜତକୁ ପଠାଗଲା**

## କୋଡ୍ ୱାର୍ଡରେ ଚାଟିଂ କରୁଥିଲେ ସିୟା ଓ ଚେତନ

ପୁଣେ, ୩।୭ (ଏଜେନ୍ସି): ପୁଣେର ଜଣେ ଜଣାଶୁଣା ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିବା ମାମଲାରେ ପୁଣେର ଏକ କୋର୍ଟ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ (୨୦) ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀ (୨୨)ଙ୍କୁ ଜୁଲାଇ ୧୬ ପର୍ଯ୍ୟନ୍ତ ୧୪ ଦିନିଆ ବିଚାରବିଭାଗୀୟ ହେପାଜତକୁ ପଠାଇଛନ୍ତି। କୋର୍ଟ ପୋଲିସର ରିମାଣ୍ଡ ବଢ଼ାଇବା ଆବେଦନକୁ ଖାରଜ କରିଦେଇଛନ୍ତି। ପୁଲିସ୍ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ଜୁନ୍ ୧୮ ରେ ଲୋହଗଡ଼ ଦୁର୍ଗର ଏକ ୪୦୦ ଫୁଟ୍ ଗଭୀର ଖାତକୁ କେତନଙ୍କୁ ଠେଲିବା ପୂର୍ବରୁ ସିୟା ଏବଂ ଚେତନ ପୁଣେର ଲୁଲ୍ଲାନଗର ଅଞ୍ଚଳରେ ଏହାର ରିହର୍ସାଲ୍ ବା ଅଭ୍ୟାସ ମଧ୍ୟ କରିଥିଲେ। ପରସ୍ପରକୁ ଠେଲି ସେମାନେ କେମିତି ବିନା ପ୍ରମାଣରେ ହତ୍ୟା କରିବେ, ତା'ର କୌଶଳ ଶିଖିଥିଲେ। ଦୁହେଁ ଅପରାଧ ଲୁଚେଇବା ପାଇଁ କୋଡ୍ ୱାର୍ଡରେ ଚାଟିଂ କରୁଥିଲେ। ଯୋଜନା ମୁତାବକ, ଲୋହଗଡ଼ ଦୁର୍ଗର ସେହି ପାହାଡ଼ ଉପରେ ପହଞ୍ଚିବା ପରେ ସିୟା ତଳେ ବସିପଡ଼ି ଚେତନକୁ ସଙ୍କେତ ଦେଇଥିଲେ ଏବଂ ଚେତନ ପଛରୁ ଆସି କେତନଙ୍କୁ ତଳକୁ ଠେଲି ଦେଇଥିଲେ। ଚଳିତ ବର୍ଷ ନଭେମ୍ବରରେ କେତନ ଓ ସିୟାଙ୍କର ବିବାହ ହେବାର ଥିଲା। ଉଭୟଙ୍କ ମୋବାଇଲ୍‌ରୁ ମିଳିଥିବା କୋଡ୍ ଲାଙ୍ଗୁଏଜ୍ (ସଙ୍କେତ ଭାଷା) ଏବଂ ଚାଟ୍‌ର ରହସ୍ୟ ଖୋଲିବା ପାଇଁ ପୁଲିସ୍ ଆଉ ୩ ଦିନର ରିମାଣ୍ଡ ମାଗିଥିଲା, ଯାହାକୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। ପୁଲିସ୍ ବର୍ତ୍ତମାନ ଉଭୟଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ଅନୁମତି ଲୋଡ଼ିଛି।



## 'ହନିମୁନ' ହତ୍ୟା ଅଭିଯୁକ୍ତ ସୋନମର ଜାମିନ ରଦ୍ଦ ହେବନି

ନୂଆଦିଲ୍ଲୀ, ୩।୭(ଏଜେନ୍ସି): ମେଘାଳୟରେ ହନିମୁନ ସମୟରେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ହତ୍ୟା କରିବା ମାମଲାର ମୁଖ୍ୟ ଅଭିଯୁକ୍ତ ସୋନମ ରଘୁବଂଶୀଙ୍କ ଜାମିନ ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି। କୋର୍ଟ କହିଛନ୍ତି ଯେ ଅଭିଯୁକ୍ତ ଜେଲରୁ ମୁକୁଳି ସାରିଥିବାରୁ ଏହି ପର୍ଯ୍ୟାୟରେ ଜାମିନ ସ୍ଥଗିତ କରାଯାଇପାରିବ ନାହିଁ। ଯଦି ସେ ଜେଲରେ ଥାଆନ୍ତେ, ତେବେ ଜାମିନ ଆଦେଶ ଉପରେ ରୋକ୍ ଲଗାଯାଇଥାନ୍ତା। ତେବେ ହାଇକୋର୍ଟଙ୍କ ଜାମିନ ପ୍ରଦାନର ଯୁକ୍ତିକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ମେଘାଳୟ ସରକାରଙ୍କ ଆବେଦନ ଉପରେ ସୋନମଙ୍କୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଏମ୍‌ଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ ଶୀଲ ନାଗୁଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ, କେବଳ ଆଇନର ଭୁଲ ଧାରା ଉଲ୍ଲେଖ ହେବା ଭଳି ଏକ ବୈଷୟିକ ତ୍ରୁଟି ପାଇଁ ହାଇକୋର୍ଟ ଜାମିନ ଦେବା କେତେଦୂର ଯୁକ୍ତିଯୁକ୍ତ? ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଥିଲା, ଯେଉଁଠାରେ ସୋନମ ଓ ତାଙ୍କ ସହଯୋଗୀମାନେ ସ୍ୱାମୀଙ୍କୁ ହତ୍ୟା କରି ଗଭୀର ଖାତକୁ ଫିଙ୍ଗି ଦେଇଥିଲେ। ମେଘାଳୟ ହାଇକୋର୍ଟ ଜୁନ୍ ୨୯ରେ ସୋନମଙ୍କୁ ଜାମିନ ଦେଇଥିଲେ।

## ସରିଲା ଶ୍ରୀଅଙ୍ଗ ଫିଟା ନୀତି: ଆଜି ଫୁଲୁରୀ ତେଲ ଲାଗି

ପୁରୀ,୩।୭ (ସମିସ): ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡିଛନ୍ତି ଦାରୁବିଗ୍ରହ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିପଡିଛନ୍ତି ଦଇତାପତି ସେବକ। ଚାଲିଛି ଉପଚାର। ତେବେ ଶୁକ୍ରବାର ଅଣସରର ପଞ୍ଚମ ଦିବସ। ଏହିଦିନ ଠାକୁର ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ, ଶ୍ରୀମୁଖରେ ଥିବା କନା ଆଦି କଢାଯାଇଛି। ଏହାକୁ ଶ୍ରୀଅଙ୍ଗ ଫିଟା ନୀତି କୁହାଯାଏ। ଶ୍ରୀମୁଖରୁ ଯେଉଁ କନା (ବିରୂପ) ବାହାରେ ତାକୁ ଅଲଗା ରଖାଯାଏ। ଏହି କନାକୁ ଅଣସର ଶୁଦ୍ଧସୁଆର ସେବକ ତ୍ରୟୋଦଶୀ ରାତିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରିଥାନ୍ତି। ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, ପାଟଡୋରୀକୁ ଦ୍ୱାଦଶୀରେ ରାଜପ୍ରସାଦ ଆକାରରେ ଶ୍ରୀନଅରକୁ ବିଜେ କରାଯାଏ। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ। ମହାପ୍ରଭୁ କିପରି ସୁସ୍ଥ ହେବେ ସେଥିପାଇଁ ଶନିବାର ଶ୍ରୀଅଙ୍ଗରେ ଲାଗି ହେବ ଫୁଲୁରୀ ତେଲ। ପୂର୍ବ ପରମ୍ପରା ଅନୁଯାୟୀ, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଏହି ଫୁଲୁରୀ ତେଲ ବଡ଼ଓଡିଆ ମଠ ଯୋଗାଇଦେବ। ରାଶି ତେଲରେ ବିଭିନ୍ନ ପ୍ରକାର ଚେର, ଔଷଧୀୟ ଫୁଲ ଆଦି ମିଶାଯାଇ ଗୋଟିଏବର୍ଷ ପୂର୍ବରୁ ମାଟିତଳେ ପୋତା ଯାଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଏହି ଫୁଲୁରୀ ତେଲ ଲାଗି କରିବେ।

### ମଧୁବାବୁ ପେନ୍‌ସନ୍ ଯୋଜନାରେ ମହାଦୁର୍ନୀତି

## ୩୦.୭୮ ଲକ୍ଷ ହଡ଼ପ, ୨ ପିଇଓ ଗିରଫ

ପୁରୀ,୩।୭ (ସମିସ): ମଧୁବାବୁ ପେନସନ୍ ଯୋଜନା (ଏମ୍‌ବିପିଓ୍ୱାଇ) ଅର୍ଥରୁ ୩୦ ଲକ୍ଷ ୭୮ ହଜାର ୬୨୦ ଟଙ୍କା ହଡ଼ପ ଅଭିଯୋଗରେ ଭିଜିଲାନ୍ସ ଶୁକ୍ରବାର ପୁରୀ ଜିଲ୍ଲାର ଦୁଇଜଣ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗଡ଼ମୃଗଶିରା ଓ ଜମାରସୁଆଁ ଗ୍ରାମପଞ୍ଚାୟତର ପୂର୍ବତନ ପିଇଓ ସୁଲମଣି ଜାନି (ବର୍ତ୍ତମାନ ସଦର ବ୍ଲକ କାର୍ଯ୍ୟାଳୟରେ ସଂଲଗ୍ନ) ଏବଂ କଣାସ ବ୍ଲକ ସାହୁପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ପିଇଓ ଟୁନା ପ୍ରଧାନ(ବର୍ତ୍ତମାନ ଗୋପ ବ୍ଲକ କାର୍ଯ୍ୟାଳୟରେ ସଂଲଗ୍ନ)। ଉଭୟଙ୍କୁ ଭୁବନେଶ୍ୱରସ୍ଥିତ କୋର୍ଟକୁ ଚାଲାଣ କରାଯାଇଛି। ଓଡ଼ିଶା ଭିଜିଲାନ୍ସର ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଦୁଇ ଅଧିକାରୀ ୨୦୨୨ରୁ ୨୦୨୫ ମଧ୍ୟରେ ନିଜ ପ୍ରଶାସନିକ ପଦର ଅପବ୍ୟବହାର କରି ସୁଚିନ୍ତିତ ଆର୍ଥିକ ଠକେଇ କରିଛନ୍ତି। ବୃଦ୍ଧ, ଦିବ୍ୟାଙ୍ଗ ଓ ନିରାଶ୍ରୟ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ମଧୁବାବୁ ପେନସନ୍ ଟଙ୍କାକୁ ବଣ୍ଟନ ନ କରି ନିଜ ଲାଭ ପାଇଁ ହଡ଼ପ କରିଛନ୍ତି। ସୁଲମଣି ୧୫,୭୪,୮୨୦ ଟଙ୍କା ଏବଂ ଟୁନା ୧୫,୦୩,୮୦୦ ଟଙ୍କା ଏହିପରି ମୋଟ ୩୦,୭୮,୬୨୦ ଟଙ୍କା ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ.୧୩ ଓ ୧୪/୨୦୨୬ରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

### ରଥଖଳାରୁ....

## ଚନ୍ଦ୍ରଶାଳୀରେ ଧ୍ୱଜାବତା ସଂଯୋଗ

ପୁରୀ,୩।୭ (ସମିସ): ଆଉ ୧୨ ଦିନ ପରେ ବଡ଼ଦାଣ୍ଡରେ ଗଡିବ ତିନିରଥ। ଶୁକ୍ରବାର ତିନିରଥର ଦୁଆର ବେଢାକୁ ମଜବୁତ୍ କରି ରଖିବା ପାଇଁ ଏହାର ଉପର ଭାଗ ଚନ୍ଦ୍ରଶାଳୀରେ ଧ୍ୱଜବତା ସଂଯୋଗ କରାଯାଇଛି। ସେହିପରି ତିନିରଥର ନୂତନ ବ୍ରେକ ପୁଲିରେ ଲୁହା କଡ଼ା ସଂଯୋଗ ସରିଛି। ଚିତ୍ରକାର ସେବକମାନେ ତିନିରଥର



ପ୍ରଭାର ରଙ୍ଗ କାର୍ଯ୍ୟ ପାଇଁ ସେଥିରେ ଧଳା ପ୍ରାଇମର୍ ବୋଳା ଶେଷ କରିଛନ୍ତି। ପ୍ରାଇମର୍ ଶୁଖିଲା ପରେ ପ୍ରଭାରେ ରଙ୍ଗ ଚିତ୍ର ଆଙ୍କିବେ। ଏଥିସହ ଚିତ୍ରକାର ସେବକମାନେ ତିନିରଥର ବାହ୍ୟ ଅଂଶଗୁଡିକରେ ରଙ୍ଗ କାର୍ଯ୍ୟ ସହ ସାରଥୀ, ଘୋଡ଼ା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଅପରପକ୍ଷେ ତିନିରଥର କନା କଟିଙ୍ଗ ପରେ ବତା କନାରେ ବିଳାସ ପଟି (ଜରୀ ଲେସ୍ ପଟି) ପକା କାର୍ଯ୍ୟ ଶେଷ କରି ସେଥିରେ ସିଲଭର୍ ଜରି ଫୁଲ ଏବଂ ଚକି ପଡ଼ିବା ବାକି ରହିଛି। ଶନିବାର ତିନିରଥର ଦୁଆର ବେଢ଼ା ଏବଂ ଚନ୍ଦ୍ରଶାଳୀ ପାଇଁ କନା କଟିଙ୍ଗ ସହ ସେଥିରେ ସିଲ୍‌ଭର ଜରି ସୂକ୍ଷ୍ମ କାରୁକାର୍ଯ୍ୟ ସିଲେଇ କାର୍ଯ୍ୟ ଆରମ୍ଭ କରିବେ। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନିରଥର ଧ୍ୱଜ ବତା କଣ୍ଟା ଏବଂ ନୂଆ ବ୍ରେକ ପୁଲି ପାଇଁ ଲୁହା କଡା ନିର୍ମାଣ ଶେଷ କରି ରଥ ମହାରଣାମାନଙ୍କୁ ଯୋଗାଇଦେବା ସହ ତିନିରଥର ପ୍ରଭା ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୩।୭ (ସମିସ): ରାଜ୍ୟର ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର ରୋଗୀମାନଙ୍କ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ ମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଛି। ସରକାର ଅହଙ୍କାର ମନୋଭାବ ରଖି ଡାକ୍ତରମାନଙ୍କ ନ୍ୟାୟୋଚିତ ଦାବି ବିଷୟରେ ଆଲୋଚନା ନ କରି ରୋଗୀମାନଙ୍କ ଜୀବନ ସହ ଖେଳୁଥିବାରୁ ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସରକାରଙ୍କ ଉପରେ ବର୍ଷିଛନ୍ତି।



ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ୯ ଜାନୁଆରୀ ୨୦୨୬ରେ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମସା)ର କର୍ମକର୍ତ୍ତାଙ୍କ ସହ ଡାକ୍ତରମାନଙ୍କର ୧୦ ଦଫା ଦାବି ଉପରେ ଆଲୋଚନା ହୋଇଥିଲା।ଦୁଇରୁ ତିନି ମାସ ମଧ୍ୟରେ ସମାଧାନର ବାଟ ବାହାର କରାଯିବ ବୋଲି ସରକାରଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା; କିନ୍ତୁ କମିଟି ଗଠନ ହୋଇପାରିଲା ନାହିଁ। ଫଳସ୍ୱରୂପ ଜୁଲାଇ ୧ ତାରିଖରୁ ଧର୍ମଘଟ ନେଇ ଓମସା ନୋଟିସ ଦେଇଥିଲା। ଜୁନ୍ ୨ ତାରିଖରେ ସରକାରଙ୍କ ସହ ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଭରଯୋଗ୍ୟ ଆଶ୍ୱାସନା ମିଳିନଥିଲା। ୩୦ ଜୁନ୍ ବୈଠକରେ ଡାକ୍ତରମାନଙ୍କ ଦାବି ଉପରେ ସରକାରଙ୍କ ପକ୍ଷରୁ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ମିଳିବାରୁ ଧର୍ମଘଟ ସ୍ଥଗିତ ହୋଇପାରିଲା ନାହିଁ। ଡାକ୍ତରମାନଙ୍କ ଧର୍ମଘଟ ଯୋଗୁଁ ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସ୍ୱାସ୍ଥ୍ୟସେବା ସ୍ୱାଭାବିକ କରନ୍ତୁ, ନ ହେଲେ କୌଣସି ଅଘଟଣ ଘଟିଲେ, ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ଗତ ତିନି ଦିନ ଧରି ରାଜ୍ୟର ସରକାରୀ ଡାକ୍ତରଖାନା ଗୁଡ଼ିକରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ବିଜେଡି ସରକାର ସମୟରେ ଡିଏସିପିର ୬, ୧୨,

**ସରକାରଙ୍କ ଅପାରଗତା ଲାଗି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

**ଡାକ୍ତରମାନଙ୍କ ପଞ୍ଜିକରଣ ବାତିଲ ଧମକ ଲଜ୍ଜାଜନକ**

୧୮ ଓ ୨୪ ବର୍ଷର ପଦୋନ୍ନତି ବ୍ୟବସ୍ଥାକୁ ମଞ୍ଜୁର କରାଯାଇଥିଲା। ବୀମା ସହିତ ଡାକ୍ତରମାନଙ୍କ ଅନ୍ୟାନ୍ୟ ଆନୁଷଙ୍ଗିକ ଦାବି ପୂରଣ କରାଯାଇଥିଲା। ଡାକ୍ତରମାନଙ୍କୁ କର୍ମ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇନର ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ କେନ୍ଦ୍ରୀୟ ଡିଏସିପି ଲାଗୁ କରିବା ପାଇଁ ଓମସା ଦାବି କରିଛି। ଦାବି ପୂରଣ କରିବା ପରିବର୍ତ୍ତେ ସରକାର ନିଜର ଗର୍ବ ଓ ଅହଂକାରକୁ ଆଗରେ ରଖି କାର୍ଯ୍ୟ କରୁଛନ୍ତି। ରୋଗୀ ସେବାକୁ ପ୍ରାଥମିକତା ଦେଇ ଡାକ୍ତରମାନଙ୍କ ସହ ସରକାର ଆଲୋଚନା କରନ୍ତୁ, ସେମାନଙ୍କ ଦାବି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

ପ୍ରତାପ ଜେନା କହିଥିଲେ ଯେ ବର୍ତ୍ତମାନ ସରକାରୀ ଡାକ୍ତରଖାନାଗୁଡ଼ିକର ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ହୋଇପଡ଼ିଛି, ଯାହାର ପ୍ରଭାବ ସାଧାରଣ ରୋଗୀଙ୍କ ଉପରେ ପଡୁଛି। ଗତ ୩ ଦିନ ଧରି ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଥିବାରୁ ଉଦେବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ଡାକ୍ତରମାନେ ଆନ୍ଦୋଳନ ବନ୍ଦ ନ କରିବେ, ତେବେ ସେମାନଙ୍କର ପଞ୍ଜୀକରଣ ବାତିଲ କରାଯିବ ବୋଲି ପାଲଟା ଧମକ ଦିଆଯାଉଛି। ଡାକ୍ତରମାନଙ୍କ ସହ ଆଲୋଚନା କରି ସରକାର ସମାଧାନର ବାଟ ବାହାର କରନ୍ତୁ, ନଚେତ୍ ଓଡ଼ିଶାର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବ ବୋଲି ସେ କହିଥିଲେ।

### ଦୁର୍ଘଟଣା ଖବର ସଂଗ୍ରହ ବେଳେ ମାଡ଼ିଗଲା ହାଇୱା

## ୨ ଶ୍ରମିକ ମୃତ, ୩ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର

ବାରିପଦା, ୩।୭ (ସମିସ):ଶୁକ୍ରବାର ସନ୍ଧ୍ୟାରେ ବାରିପଦା ସହରର ପାଲବଣି ବାଇପାସ ନିକଟରେ ଏକ ହାଇୱା ଧକ୍କାରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର ଆହତ ହୋଇଛନ୍ତି। ମୃତକ ୨ଶ୍ରମିକ ହେଲେ ଶୁନଗଡିଆର ଏସକେ ଜଲାଉଦ୍ଦିନ ଓ ଗୌଡଡିହାର ମିହିର ମାଇତି। ଆହତମାନେ ହେଲେ ନ୍ୟୁଜ୍ ସେଭେନର ଲଳିତ ବାରିକ, ଅର୍ଗସର ହରେକୃଷ୍ଣ ପାତ୍ର ଓ କଳିଙ୍ଗ ଟିଭିର ରଜତ ପଟ୍ଟନାୟକ। ଏକ କାଠ ବୋଝେଇ ଭ୍ୟାନ ଜାତୀୟ ରାଜପଥରେ ଓଲଟିଥିବା ଖବର ପାଇ ତିନିଜଣ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ଦୁର୍ଘଟଣା ସ୍ଥଳରେ ଏକ ଡଷ୍ଟ ବୋଝେଇ ହାଇୱା ଓଭରବ୍ରିଜରୁ ତଳକୁ ଦ୍ରୁତ ଗତିରେ ମାଡିଆସି ଓଲଟିଥିବା ଭ୍ୟାନ ଉପରକୁ ମାଡିଯାଇ ଡିଭାଇଡର ଉପରକୁ ଚଢି ଓଲଟିଯାଇଥିଲା। ଫଳରେ କାଠ ଗୋଟାଉଥିବା ୨ଶ୍ରମିକ ଘଟଣାସ୍ଥଳରେ ଚାପି ହୋଇ ମୃତ୍ୟୁ ଘଟିଥିଲା। ତିନିଜଣ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସମେତ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସମସ୍ତଙ୍କୁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଜଣଙ୍କର ହାତ ଓ କଲର ବୋନ ଭାଙ୍ଗି ଥିବା ବେଳେ ଅନ୍ୟ ଦୁଇଜଣଙ୍କ ମୁଣ୍ଡ ମାଡ ହୋଇଛି। ସମସ୍ତେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉଭୟ ପାର୍ଶ୍ୱ ରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଟାଉନ ପୁଲିସ ପହଞ୍ଚି ୨ମୃତକଙ୍କୁ ଉଦ୍ଧାର କରି ଶବବ୍ୟବଚ୍ଛେଦ ପାଇଁ ପିଆରଏମ୍ ନେଇ ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ। ତେବେ ସମ୍ବେଦନଶୀଳ ସ୍ଥାନରେ ଗଳାପୋଲ ନହେବା ଓ ବିଦେଶୀ ମଦଦୋକାନ ପାଇଁ ପ୍ରତ୍ୟେହ ଦୁର୍ଘଟଣା ଘଟୁଥିବାରୁ ଉତ୍ତେଜନା ଦେଖାଦେଇଛି।



## ବଜ୍ରପାତରେ ଜଣେ ବରଯାତ୍ରୀ ମୃତ, ୨ ଗୁରୁତର

ଢେଙ୍କାନାଳ,୩।୭ (ସମିସ): ସଦର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପ୍ରସାଦ ଝୁମ୍ପୁଡ଼ିଆ ଗ୍ରାମର ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଯାଉଥିବା ବେଳେ ହଠାତ ବଜ୍ରପାତ ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୋଇଲିପଙ୍ଗି ଗ୍ରାମର ଅମିନ ବେହେରା (୫୨)। ତପନ ଜେନା ଓ ମନୋଜ ଦେହୁରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ଅପରାହ୍ନରେ ଝୁମ୍ପୁଡ଼ିଆ ଗ୍ରାମରୁ ଏକ ବରଯାତ୍ରୀ ଦଳ ଶୋଭାଯାତ୍ରା କରି ରଞ୍ଜା ଗ୍ରାମକୁ ଯାଉଥିଲେ। ବରଯାତ୍ରୀ ଦଳ ରଞ୍ଜା ଛକ ନିକଟରେ ପହଞ୍ଚିଥିବା ସମୟରେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା।

### ମାଓବାଦୀଙ୍କ ବଡ଼ ଅସ୍ତ୍ରାଗାର ଠାବ

## ବିପୁଳ ଅସ୍ତ୍ର ଓ ବିସ୍ଫୋରକ ଜବତ

କୋରାପୁଟ, ୩।୭ (ସମିସ): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଜଙ୍ଗଲରେ କୋରାପୁଟ ଡିଭିଏଫ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇ ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି। ଏସପି ରୋହିତ ବର୍ମା ଏନେଇ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଡିଭିଏଫ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ଯବାନମାନେ ମାଓବାଦୀଙ୍କ ଅସ୍ତ୍ରାଗାର ଠାବ କରି ସେଠାରୁ ଏକ ଦେଶୀ ରିଭଲଭର, ୬ଟି ଦେଶୀ ବନ୍ଧୁକ, ୧୧ଟି ଟିଫିନ ବୋମା ଆଇଇଡି, ୨୦ ମିଟର କୋଡେକ୍ସ ୱାୟାର, ୨୫ଟି ଡିଟୋନେଟର, ୨ଟି କ୍ୟାମେରା ଫ୍ଲାଶ ଲାଇଟ, ୫୦ ଗ୍ରାମ ଗନପାଉଡର ଏବଂ ୬ ରାଉଣ୍ଡ.୩୮ ବୋର ଗୁଳି ଜବତ କରିଥିଲେ। ଜବତ ବିସ୍ଫୋରକ ଏବଂ ମାରଣାସ୍ତ୍ର ଆନ୍ଧ୍ର-ଓଡ଼ିଶା ସୀମା ସ୍ପେସାଲ ଜୋନାଲ କମିଟି ମାଓବାଦୀ ସଂଗଠନର ଥିଲା ଏବଂ ସୁରକ୍ଷା ବାହିନୀ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ପାଇଁ ଗଚ୍ଛିତ ରଖାଯାଇଥିବା ପୁଲିସ ସନ୍ଦେହ କରୁଛି। ସୂଚନା ଥାଉକି, ଦୁଇ ସପ୍ତାହ ପୂର୍ବରୁ ମଧ୍ୟ ବୈପାରୀଗୁଡା ବ୍ଲକର ବାଦୁଡି ଓ ପାହାଡ଼ରୁ ଇନସାସ ସମେତ ବନ୍ଧୁକ ଓ ବହୁ ବିସ୍ଫୋରକ ଡିଭିଏଫ ଦ୍ୱାରା ଉଦ୍ଧାର ହୋଇଥିଲା। ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା ପାଇଁ ଜଙ୍ଗଲ ଅଞ୍ଚଳରେ କମ୍ବିଂ ଅପରେସନ ଜାରି ରହିବ ବୋଲି ଏସପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସପିଙ୍କ ସହ ଅତିରିକ୍ତ ଏସପି ମନୋଜ ପୂଜାରୀ ଏବଂ ଡିଭିଏଫ ଯବାନ ଉପସ୍ଥିତ ଥିଲେ।



## ଭୁବନେଶ୍ୱରରେ ଆସନ୍ତା ୭ରେ ପୂର୍ବାଞ୍ଚଳ ଜୋନାଲ କାଉନସିଲ ବୈଠକ

ଭୁବନେଶ୍ୱର, ୩।୭ (ସମିସ): ଆସନ୍ତା ୭ ତାରିଖରେ ପୂର୍ବାଞ୍ଚଳ ଜୋନାଲ କାଉନସିଲର ଷ୍ଟାଣ୍ଡିଂ କମିଟି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ୧୫ତମ ଷ୍ଟାଣ୍ଡିଂ କମିଟି ବୈଠକରେ ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ପ୍ରତିନିଧିମାନଙ୍କ ସମେତ କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୮୭ଜଣ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି। ସୂଚନା ଅନୁସାରେ ଏହି ୧୫ତମ ଷ୍ଟାଣ୍ଡିଂ କମିଟି ବୈଠକରେ ମୁଖ୍ୟ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିବେ। ବୈଠକରେ ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ମୁଖ୍ୟ ସଚିବମାନଙ୍କ ସମେତ ଗୃହ ସଚିବ ଓ ପୁଲିସ ଡିଜିମାନେ ଯୋଗ ଦେବେ।

### ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଅନିୟମିତତା ମାମଲା

## ୧୪ ଅଭିଯୁକ୍ତଙ୍କ ଜାମିନର ପୂର୍ଣ୍ଣାଙ୍ଗ ଶୁଣାଣି ୭ରେ

କଟକ,୩।୭ (ସମିସ): ହାଇକୋର୍ଟ ଏଏସଓ ପରୀକ୍ଷା କେଳେଙ୍କାରୀ ତଥା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଲାଲବାଗ ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ସିଲିକନ ଟେକ୍ ଲାବ୍‌ର ମୁଖ୍ୟ ସୁରେଶଚନ୍ଦ୍ର ନାୟକ ଓ ପଞ୍ଚସଫ୍ଟ ସଂସ୍ଥାର ଶଙ୍କର ପୃଷ୍ଟି ସମେତ ମୋଟ ୧୪ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ। ଆସନ୍ତା ୭ତାରିଖରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ହାଇକୋର୍ଟର ଏଏସ୍‌ଓ-୨୦୨୪ ପଦବୀରେ ନିଯୁକ୍ତି ପାଇଁ ମୁଖ୍ୟ ଲିଖିତ ପରୀକ୍ଷା ଏବଂ କମ୍ପ୍ୟୁଟର ଆବେଦନ ପରୀକ୍ଷା ପରିଚାଳନା କରିବାକୁ ସମ୍ପୃକ୍ତ ସଂସ୍ଥା ସିଲିକନ ଟେକ ଲାବ ପ୍ରାଇଭେଟ ଲିମିଟେଡକୁ ଅଧିକାର ଦିଆଯାଇଥିଲା। ସମ୍ପୃକ୍ତ ସଂସ୍ଥା ଗତବର୍ଷ ଜୁଲାଇ ୧୩ରେ ମୁଖ୍ୟ ଲିଖିତ ପରୀକ୍ଷା ନିରପେକ୍ଷ ଭାବେ ପରିଚାଳନା କରିନଥିବାରୁ ପରୀକ୍ଷା ବାତିଲ ହୋଇଥିଲା।

### ଏସ୍‌ଆଇଆର୍ କସରତ୍

## ୧୦ ବରିଷ୍ଠ ଆଇଏଏସ୍ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ପ୍ରକ୍ରିୟାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଓଡ଼ିଶାର ୧୦ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ 'ଭୋଟର ତାଲିକା ପର୍ଯ୍ୟବେକ୍ଷକ' ଭାବେ ନିଯୁକ୍ତ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ପାଇଁ ଗତ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ରାଜେଶ ପ୍ରଭାକର ପାଟିଲଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଛି। ସେହିପରି ଅରବିନ୍ଦ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ, ବଳବନ୍ତ ସିଂହଙ୍କୁ କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାର ଦାୟିତ୍ୱ ମିଳିଥିବା ବେଳେ ବି. ପରମେଶ୍ୱରନଙ୍କୁ ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ଦେବଗଡ଼, ସମ୍ବଲପୁର, ବରଗଡ଼ ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ଡି. ପ୍ରସନ୍ନ କୁମାର ରେଡ୍ଡୀଙ୍କୁ ଗଞ୍ଜାମ, ଗଜପତି, ରାୟଗଡ଼ା, ସୁଧାଂଶୁ ମୋହନ ସାମଲଙ୍କୁ କଟକ, ଢେଙ୍କାନାଳ, ଅନୁଗୋଳ, ରଶ୍ମିତା ପଣ୍ଡାଙ୍କୁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱର ମହମ୍ମଦ ସାଦିକ ଆଲମଙ୍କୁ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସଂଗ୍ରାମ କେଶରୀ ମହାପାତ୍ରଙ୍କୁ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସମସ୍ତ ପର୍ଯ୍ୟବେକ୍ଷକ ଭୋଟର ତାଲିକା ସଂଶୋଧନ ଅବଧି ମଧ୍ୟରେ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲାକୁ ଅତିକମ୍‌ରେ ୩ ଥର ଗସ୍ତ କରି ସ୍ଥିତି ସମୀକ୍ଷା କରିବେ। ପର୍ଯ୍ୟବେକ୍ଷକମାନେ କେବଳ ଜିଲ୍ଲା ମୁଖ୍ୟାଳୟ ମଧ୍ୟରେ ନିଜର ଗସ୍ତକୁ ସୀମିତ ନ ରଖି, ବିଭିନ୍ନ ବିଧାନସଭାମଣ୍ଡଳୀର ମତଦାନ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବେ। ସେମାନେ ସେହି ଅଞ୍ଚଳର ସାଂସଦ, ବିଧାୟକ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ବୈଠକ କରିବେ।

ବୈଠକରେ ସେମାନଙ୍କର ଅଭିଯୋଗ ଓ ସମସ୍ୟା ଶୁଣିବା ସହ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ସହଯୋଗ ଲୋଡ଼ିବେ। କ୍ଷେତ୍ର ପରିଦର୍ଶନ ଏବଂ ସମୀକ୍ଷା ପରେ ସମସ୍ତ ପର୍ଯ୍ୟବେକ୍ଷକ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଏକ ବିସ୍ତୃତ ରିପୋର୍ଟ ପଠାଇବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

### ଦଳୀୟ ନେତାଙ୍କୁ ପିସିସି ପ୍ରଭାରୀଙ୍କ ସିଧା ଇଙ୍ଗିତ

## ସବୁଠୁ ଉପରେ ଅନୁଶାସନ

ଭୁବନେଶ୍ୱର,୩।୭ (ସମିସ): ଶୁକ୍ରବାର କଂଗ୍ରେସ ଭବନ ଠାରେ ଅଖିଳ ନବ ନିଯୁକ୍ତ ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଛି ପ୍ରଦେଶ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକ। ଏହି ବୈଠକରେ ଯୋଗ ଦେଇ ରାଜ୍ୟ ପ୍ରଭାରୀ ଲାଲ୍‌ଜୀ ଦେଶାଇ ଦଳୀୟ ନେତାଙ୍କୁ ସିଧାସଳଖ ଅନୁଶାସନ ପାଠ ପଢାଇଛନ୍ତି। କଂଗ୍ରେସ ଦଳରେ ଅନୁଶାସନ ପ୍ରଥମ।ଯେତେ ବରିଷ୍ଠ ହେଲେ ମଧ୍ୟ ସଭାପତିଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରିବେ। ଯେତେ ବଡ଼ ନେତା ହେଲେ ମଧ୍ୟ କ୍ଷେତ୍ରକୁ ଯିବାକୁ ହେବ ବୋଲି ଶ୍ରୀ ଦେଶାଇ ସିଧାସଳଖ କହିଛନ୍ତି।




କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଜେପି ଦେଶରେ ସବୁଠାରୁ ଦୁର୍ନୀତିଗ୍ରସ୍ତ।ଓଡ଼ିଶା ରାଜ୍ୟ ଖଣି ଖାଦାନରେ ପରିପୂର୍ଣ୍ଣ, କିନ୍ତୁ ବାହାର ରାଜ୍ୟରୁ କମ୍ପାନୀ ଆସି ଏଠାରେ ଲକ୍ଷ ଲକ୍ଷ କୋଟି ଉପାର୍ଜନ କରୁଥିବାବେଳେ ଓଡ଼ିଶାର ଯୁବକ ଯୁବତୀ ଗୁଜୁରାଟ ଓ ଅନ୍ୟାନ୍ୟ ରାଜ୍ୟରେ କାମ କରିବାକୁ ଯାଉଛନ୍ତି। ତେଣୁ ଆମକୁ ଓଡ଼ିଶାର ଗର୍ବ ଓ ଗୌରବ ପ୍ରତି ଦୃଷ୍ଟି ଦେବାକୁ ପଡିବ। କଂଗ୍ରେସ ଦଳକୁ ପ୍ରଥମେ ଓଡ଼ିଶାବାସୀଙ୍କ ହୃଦୟ ଜିତିବାକୁ ପଡିବ। ବିଜେପି ସରକାରର ପ୍ରତ୍ୟେକ ଦୁର୍ନୀତି ବିରୋଧରେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଭିନ୍ନ ପ୍ରସଙ୍ଗ ବିଷୟରେ ସୂଚନା ଦେଇଥିଲେ। ଦଳଠାରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି, ତେଣୁ ଦଳର ଅନୁଶାସନ ସମସ୍ତଙ୍କ ପାଇଁ ଅଗ୍ରାଧିକାର ବୋଲି ସହପ୍ରଭାରୀ ଜେଟି କୁସୁମ କୁମାର କହିଥିଲେ। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଓଡ଼ିଶା ରାଜନୀତିରେ ସୃଷ୍ଟ ଶୂନ୍ୟସ୍ଥାନକୁ ପୂରଣ କରିବାକୁ ହେଲେ କଂଗ୍ରେସକୁ ବହୁତ ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। ବ୍ଲକ୍ ସଭାପତିମାନଙ୍କୁ ନେଇ ଏକ ସମାବେଶ ଆୟୋଜନ କରିବାକୁ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। କେନ୍ଦୁଝରେ

**ଯେତେ ବଡ଼ ନେତା ହେଲେ ମଧ୍ୟ କ୍ଷେତ୍ରକୁ ଯିବାକୁ ହେବ**

**ଯେତେ ବରିଷ୍ଠ ହେଲେ ମଧ୍ୟ ସଭାପତିଙ୍କ କଥା ମାନିବେ**

**ପ୍ରଥମେ ହୃଦୟ ଜିତିଲେ ନିର୍ବାଚନ ଜିତିପାରିବ କଂଗ୍ରେସ**

ଡିଏମ୍‌ଏଫ୍ ପାଣ୍ଠିରେ ଥିବା ୧୪,୦୦୦ କୋଟି ଟଙ୍କାର ଏକ ଅଂଶ ଜନଜାତିଙ୍କ ବିକାଶ ପାଇଁ ବିନିଯୋଗ କରିଥିଲେ ଦାଦନ ସମସ୍ୟା ଦୂର ହୋଇଥା'ନ୍ତା ଓ ତେଲକୋଇର ୧୪ ମହିଳାଙ୍କୁ ତାମିଲନାଡୁରେ ମରିବାକୁ ପଡ଼ି ନ ଥା'ନ୍ତା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ। ବାହାରକୁ ଦାଦନ ଖଟିବାକୁ ଯାଇଥିବା ୧.୨୫ କୋଟି ଓଡ଼ିଆଙ୍କ ବିଷୟରେ ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଥିଲେ। ଓଡ଼ିଶାର ବିଦ୍ୟୁତ ଶୁଳ୍କ ନେଇ ଲବଣ ସତ୍ୟାଗ୍ରହ ପରି ଏକ ଆନ୍ଦୋଳନ ଆବଶ୍ୟକ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏକାଧିକ ପ୍ରସଙ୍ଗରେ କଂଗ୍ରେସର ସ୍ୱର ଆହୁରି ଶାଣିତ ହେବା ଦରକାର ବୋଲି ମତ ଦେଇଥିଲେ। ଦଳରେ ଅଧିକ ସଂଖ୍ୟକ ମହିଳା କାର୍ଯ୍ୟକର୍ତ୍ତା ଲୋଡ଼ା ବୋଲି କୋରାପୁଟ ସାଂସଦ ସପ୍ତଗିରି ଉଲାକା ମତ ଦେଇଥିଲେ। ଓଡ଼ିଶା କଂଗ୍ରେସରେ ଏକ ନବଚିନ୍ତନ ବୈଠକ କରିବାକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରସ୍ତାବ ଦେଇଥିଲେ। ରାଜ୍ୟର ଜନସଂଖ୍ୟାର ୯୦ ପ୍ରତିଶତ ଆଦିବାସୀ-ଦଳିତ-ଓବିସି; ସେମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଯୁକ୍ତି ବାଢ଼ିଥିଲେ।

ସକାଳ THE SAKALA



www.sakalaepaper.com

# ମାଖନା ହାତୀ ପାଇଁ ଘଣ୍ଟାଏ ରାସ୍ତା ଅବରୋଧ



**କଣିହାଁ,୩।୭(ସମିସ):** ଅନୁଗୋଳ ଜିଲ୍ଲାରେ ଚର୍ଚ୍ଚିତ ମାଖନା ଦନ୍ତା ହାତୀ 'ରାଜୁ' ଶୁକ୍ରବାର କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ସାପକଟା ଗ୍ରାମ ନିକଟ ଅତାବିରା ରାସ୍ତାରେ ଦୀର୍ଘ ସମୟ ଧରି ରହିବାରୁ ଯାତାୟାତ ବ୍ୟାହତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ି ଓ ଯାତ୍ରୀ ଅଟକି ରହିଥିଲେ।

**ଯାତାୟାତ ବ୍ୟାହତ**

ହାତୀଟି ଛେଣ୍ଡିପଦା ଅଞ୍ଚଳରୁ ଆସି କଣିହାଁ ଅଞ୍ଚଳରେ ପ୍ରବେଶ କରିଥିଲା। ଅତାବିରା ରାସ୍ତାକଡ଼ ଗଛର ଡାଳ ଭାଙ୍ଗିବା ସହ ଦୀର୍ଘ ସମୟ ଧରି ରାସ୍ତା ଉପରେ ରହିଥିଲା। ଫଳରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସତର୍କତାର ସହ ହାତୀକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଛି।

# ଶିକ୍ଷୟିତ୍ରୀ ଅନୁପସ୍ଥିତ ▸ ବାରଣ୍ଡାରେ ବସି ପାଠ ପଢ଼ିଲେ ଛାତ୍ରଛାତ୍ରୀ

**କଣିହାଁ,୩।୭(ସମିସ)**



ଶିକ୍ଷୟିତ୍ରୀ ଅନୁପସ୍ଥିତ ଥିବାରୁ ଛାତ୍ରଛାତ୍ରୀମାନେ ବାରଣ୍ଡାରେ ବସି ପାଠ ପଢ଼ିବା ଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତ ଶିପୁର କେନ୍ଦୁଡିପ ସାହି ପ୍ରାଥମିକ ବିଦ୍ୟାଳୟରେ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ବାରଣ୍ଡାରେ ବସି ନିଜେ ନିଜେ ପାଠ ପଢୁଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, କେନ୍ଦୁଡିପ ସାହି ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ଟା ସୁଦ୍ଧା କୌଣସି ଶିକ୍ଷୟିତ୍ରୀ ଉପସ୍ଥିତ ନ ଥିଲେ। ବିଦ୍ୟାଳୟରେ ମାତ୍ର ଦୁଇଜଣ ଶିକ୍ଷୟିତ୍ରୀ କାର୍ଯ୍ୟରତ ଥିବାବେଳେ ଉଭୟ ଅନୁପସ୍ଥିତ ଥିବାରୁ ଛାତ୍ରଛାତ୍ରୀମାନେ ବାରଣ୍ଡାରେ ବସି ନିଜେ ନିଜେ ପାଠ ପଢୁଥିବା ଦେଖିବାକୁ ମିଳିଥିଲା। ସରକାର ଶିକ୍ଷାର ମାନରେ ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏଭଳି ଘଟଣା ତୃଣମୂଳ ସ୍ତରରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାକୁ ଆଣିଛି ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କଣିହାଁ ବିଇଓଙ୍କୁ ପଚାରିବାରେ ଘଟଣାର ତଦନ୍ତ କରାଯିବ ଏବଂ ଯଦି ଅବହେଳା ପ୍ରମାଣିତ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଦୁଇଦିନ ପରେ ସ୍ୱାଭାବିକ ହେଲା ଖଣି କାର୍ଯ୍ୟ

**କଣିହାଁ,୩।୭(ସମିସ):** ଆନ୍ଦୋଳନ ଯୋଗୁଁ କଣିହାଁ କୋଇଲା ଖଣିରେ ଗତଦୁଇ ଦିନ ଧରି ବନ୍ଦ ରହିଥିବା କୋଇଲା ଉତ୍ତୋଳନ ଓ ପରିବହନ କାର୍ଯ୍ୟ ଶୁକ୍ରବାର ଅପରାହ୍ନରୁ ପୁଣି ସ୍ୱାଭାବିକ ହୋଇଛି। ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆୟୋଜିତ ସମାଧାନ ବୈଠକରେ ଆଲୋଚନା ପରେ ନିଷ୍ପତ୍ତିକୁ ଲିଖିତ ଭାବେ ଜାରି କରାଯାଇଥିଲା। ପରେ ଖଣିପକ୍ଷ, ପରିବହନ ସଂସ୍ଥା ଓ ଶ୍ରମିକମାନେ କାର୍ଯ୍ୟ ଆରମ୍ଭ କରିଥିଲେ। ବୈଠକରେ କଣିହାଁ ଓସିପିରେ ନିଯୁକ୍ତି ସମ୍ପର୍କିତ ଦାବିକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ଯୋଗ୍ୟ ପ୍ରାର୍ଥୀଙ୍କ ଆବେଦନ ଗ୍ରହଣ, ଯାଞ୍ଚ ପାଇଁ ସ୍କ୍ରିନିଂ କମିଟି ଗଠନ, ଆବଶ୍ୟକ ଦଲିଲ ଓ ପୁଲିସ କ୍ଲିୟରାନ୍ସ ସାର୍ଟିଫିକେଟ୍ ଦାଖଲ ଏବଂ ଯୋଗ୍ୟତା ଆଧାରରେ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟା ଆଗେଇ ନେବାକୁ ସହମତି ପ୍ରକାଶ ପାଇଥିଲା। ଉପଜିଲ୍ଲାପାଳଙ୍କ ଲିଖିତ କାର୍ଯ୍ୟ ବିବରଣୀ ପ୍ରକାଶ ପରେ ଦୁଇ ଦିନ ଧରି ଅଚଳ ରହିଥିବା ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଛି।

# ଖୁଣ୍ଟ ପୋତି ସର୍ବସାଧାରଣ ରାସ୍ତା ଅବରୋଧ

**ଅନୁଗୋଳ,୩।୭(ସମିସ):** ଅନୁଗୋଳ ବ୍ଲକ ତଥା ତହସିଲ ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତ ଚନ୍ଦନପୁର ରାଜନଗର ଗ୍ରାମକୁ ଯାଇଥିବା ସର୍ବସାଧାରଣ ସରକାରୀ ରାସ୍ତାକୁ ଚନ୍ଦନପୁରର କୃତିବାସ ପ୍ରଧାନ ଜୋରଜବରଦସ୍ତ ଖୁଣ୍ଟ ପୋତି ଅବରୋଧ କରିଥିବା ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏପ୍ରିଲ ୨୦ ଓ ୨୧ ତାରିଖ ଚନ୍ଦନପୁର ଗ୍ରାମ ସଭାପତି ଶ୍ରୀପତି ଭୋଇ, ସମ୍ପାଦକ ଅନନ୍ତ ବେହେରା, ୱାର୍ଡ ମେମ୍ବର କାର୍ତ୍ତିକେଶ୍ୱର ବେହେରାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏ ନେଇ ତହସିଲଦାର ଓ ବନ୍ତଲା ଥାନା ଆଇଆଇସିଙ୍କୁ ଅଭିଯୋଗ କରିଥିଲେ। ତହସିଲଦାର ମେ ୧୨ ତାରିଖରେ କୃତିବାସଙ୍କୁ ଏକ ନୋଟିସ କରିଥିଲେ। ଏହା ପୂର୍ବରୁ ପୋକୁତୁଙ୍ଗା ଆରଆଇ ଓ ଚମ୍ପତିମୁଣ୍ଡା ଆରଆଇ ମିଳିତ ଭାବେ ଏହି ରାସ୍ତାକୁ ମାପ କରି ଚିହ୍ନଟ କରିଥିଲେ। କିନ୍ତୁ କୃତିବାସ ଏହାକୁ ଅମାନ୍ୟ କରି ରାସ୍ତାରେ ଖୁଣ୍ଟ ପୋତି ଅବରୋଧ କରିଥିବା ଅଭିଯୋଗ ହେଉଛି। ସର୍ବସାଧାରଣ ରାସ୍ତାରୁ ତୁରନ୍ତ ବେଆଇନ ନିର୍ମାଣ ଉଠାଇବାକୁ ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ନ ଦେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



**ଗ୍ରାମବାସୀଙ୍କ ଯାତାୟାତରେ ବାଧା**

## ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ ପାଳିତ

# ସୁସ୍ଥ ସମାଜ ନିମନ୍ତେ ଶୋଭନୀୟତା ଏକମାତ୍ର ମାର୍ଗ



**ଜରପଡ଼ା,୩।୭(ସମିସ):** ସାମ୍ପ୍ରତିକ ପରିସ୍ଥିତିରେ ମାନବିକତାର ଅବକ୍ଷୟ ଯୋଗୁଁ ସମଗ୍ର ପୃଥିବୀ ଓ ମାନବ ଜୀବନ ଅଶାନ୍ତ ହୋଇ ଉଠୁଥିବାବେଳେ ଏକ ସ୍ନେହ ଶାନ୍ତିଭରା ସୁସ୍ଥ ସମାଜ ଗଠନ ନିମନ୍ତେ ଶୋଭନୀୟତା ହିଁ ଏକମାତ୍ର ମାର୍ଗ ବୋଲି ଛେଣ୍ଡିପଦା ବ୍ଲକ୍ ତୁକୁଡ଼ା ହାଟପଦାସ୍ଥିତ ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ କଞ୍ଚୀରା ସରପଞ୍ଚ ମଧୁସୂଦନ ପ୍ରଧାନ, ସୁନୀଲ କୁମାର ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ୨୦୧୪ରେ ପ୍ରତିଷ୍ଠିତ ଜିଲ୍ଲାର ଏକମାତ୍ର ଏହି ଶୋଭନୀୟ ଶିକ୍ଷାଶ୍ରମରୁ ବହୁ ଯୋଗ୍ୟ ଆଦର୍ଶ ଛାତ୍ରଛାତ୍ରୀ ବାହାରି ସାଧୁତା, ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟକରି ଜଗତ କଲ୍ୟାଣ ଯଜ୍ଞରେ ନିଜକୁ ନିୟୋଜିତ କରିଥିବା ସଭାପତି ମତବ୍ୟକ୍ତ କରିଥିଲେ। ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ସମାଜ ସଂସ୍କାରକ ପୂଜ୍ୟ କୁମାର ଭାଇଙ୍କ ରଚନାରୁ ମନ ଗଠନକାରୀ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

# ରାସ୍ତା ଖୋଳି ନଷ୍ଟ କରୁଛି ପାନୀୟ ଜଳ ବିଭାଗ

**କିଶୋରନଗର,୩।୭(ସମିସ):** ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ ପିଡବ୍ଲ୍ୟୁଡି ବିଭାଗ ଜରିଆରେ କୋଟି କୋଟି ଟଙ୍କା ଖର୍ଚ୍ଚକରି ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ରାସ୍ତା ନିର୍ମାଣ ପରେ ପାନୀୟ ଜଳ ପକ୍ଷରୁ ମେଗା ପ୍ରକଳ୍ପ ପାଇପ୍ ବିଛାଇବା ଉଦ୍ଦେଶ୍ୟରେ ଠିକାସଂସ୍ଥା ରାସ୍ତା ଖୋଳି ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ବାମୁର-ମାଧପୁର ପୂର୍ତ୍ତ ରାସ୍ତାର କସ୍ତୁରୀବାହାଲ ଗ୍ରାମରେ ଏହି ଘଟଣା ଘଟିଛି। ପୂର୍ତ୍ତ ବିଭାଗର ବିନା ଅନୁମତିରେ ମେଗା ପାନୀୟ ଜଳ ପ୍ରକଳ୍ପ ଦାୟିତ୍ୱରେ ଥିବା ନାଗାର୍ଜୁନ ଠିକାସଂସ୍ଥା ନବନିର୍ମିତ ସୁନ୍ଦର ପିଚୁ ରାସ୍ତାକୁ ଖୋଳି ନଷ୍ଟ କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ନଷ୍ଟ କରାଯାଇଥିବା ରାସ୍ତାକୁ ମରାମତି କରାଯିବାକୁ ଦାବି ହେଉଛି।



# ୨ ବର୍ଷ ବିକାଶର ହିସାବ ରଖିଲେ ବିଧାୟକ



**ଅନୁଗୋଳ,୩।୭(ସମିସ):** ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ଗତ ଦୁଇବର୍ଷ ମଧ୍ୟରେ ହୋଇଥିବା ଜନକଲ୍ୟାଣ ମୂଳକ ତଥା ଉନ୍ନୟନ ଯୋଜନାଗୁଡ଼ିକର ହିସାବ ରଖିଛନ୍ତି ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ। ପାନୀୟ ଜଳ ଯୋଗାଣ, ଜଳସେଚନ, ପୋଖରୀ ପୁନରୁଦ୍ଧାର, ରାସ୍ତା, ବ୍ରିଜ, ଆଲୋକୀକରଣ, ଚାରାରୋପଣ, ହାତୀଉପଦ୍ରବ ନିରାକରଣ, ଶିକ୍ଷକ ନିଯୁକ୍ତି, ଡାକ୍ତର ନିଯୁକ୍ତି, କଲ୍ୟାଣ ମଣ୍ଡପ, ଯାତ୍ରୀ ପ୍ରତୀକ୍ଷାଳୟ, ସହର ସୌନ୍ଦର୍ଯ୍ୟକରଣ, ସହରରୁ ବର୍ଷାଜଳ ନିଷ୍କାସନ, ଡ୍ରେନେଜ୍ ବ୍ୟବସ୍ଥା, ରାସ୍ତା ପ୍ରଶସ୍ତୀକରଣ, ବଜାର ମଧ୍ୟରେ ସର୍ବସାଧାରଣ ଶୌଚାଳୟ, ମନ୍ଦିର ସୌନ୍ଦର୍ଯ୍ୟକରଣ, ଷ୍ଟାଡିୟମ ନିର୍ମାଣ, ବନ୍ତଲାରେ ଦମକଳ କେନ୍ଦ୍ର ସ୍ଥାପନ ଆଦି ଅନେକ ପ୍ରକଳ୍ପ ସଫଳତାର ସହ ସମ୍ପନ୍ନ ହୋଇଛି। ଗାଁ, ପଞ୍ଚାୟତ ପ୍ରତିନିଧି, ଜିଲ୍ଲାସ୍ତରୀୟ ନେତୃତ୍ୱ ମଣ୍ଡଳୀ, ଦଳୀୟ ନେତାଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଇଚ୍ଛାଶକ୍ତିର ଅବଦାନ ସ୍ୱରୂପ ଅନୁଗୋଳ ନିର୍ବାଚନ ମଣ୍ଡଳୀ ଆଜି ବିକାଶ ପଥରେ ଆଗେଇ ଚାଲିଛି। ସମସ୍ତେ ମିଳିମିଶି ଗଠନମୂଳକ ଚିନ୍ତାଧାରାରେ ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଧାନ ଆହ୍ୱାନ ଦେଇଛନ୍ତି।

ଲୋକଙ୍କ ଭଲପାଇବା ତଥା ସମର୍ଥନରେ ଲୋକପ୍ରତିନିଧି ହୋଇଛୁ ଲୋକଙ୍କ ସମସ୍ୟା ଶୁଣିବା ପାଇଁ। କେବଳ ମୋବାଇଲରେ କଥା ହେବାକୁ ନୁହଁ କାମରେ ଦେଖାଇବାକୁ ପଡ଼ିବ। ଇଚ୍ଛାଶକ୍ତି ଥିଲେ ଲୋକଙ୍କ ସମସ୍ୟା ଦୂର କରିପାରିବା। ଲୋକଙ୍କ ଦୀର୍ଘଦିନର ମୌଳିକ ସମସ୍ୟା ଏବଂ ଦାବିଗୁଡ଼ିକୁ ଦୁଇବର୍ଷ ଭିତରେ ଅନେକ ସମାଧାନ କରାଯାଇଛି ବୋଲି ସେ କହିଥିଲେ। ଅନୁଗୋଳ ସଦର ଏବଂ ଆଂଶିକ ବଅଁରପାଳ ବ୍ଲକ ଅଞ୍ଚଳରେ ନିର୍ବାଚନ ମଣ୍ଡଳୀର ଅନେକ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟର ବିବରଣୀ ପ୍ରଦାନ କରିବା ସହ କ୍ଷେତକୁ ଜଳସେଚନ ଓ ଘର ଘରକୁ ପାନୀୟଜଳ ଯୋଗାଣ ଯୋଜନାର ସଫଳ କାର୍ଯ୍ୟକାରିତା ଏବଂ ନିର୍ମାଣାଧୀନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଗୋଳ ସହରରେ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇନ୍‌ଡୋର ଷ୍ଟାଡିୟମ ସାଙ୍ଗକୁ ସନ୍ତରଣ ପ୍ରଶିକ୍ଷଣ ୟୁନିଟ ହେଉଛି। ଅନୁଗୋଳ କଦମ ପଡ଼ିଆରେ ଫ୍ଲଡ୍‌ଲାଇଟ ବ୍ୟବସ୍ଥା କରାଯାଇଛି। ବଅଁରପାଳ ବ୍ଲକ ବଉଳିଗଡ଼ ଏବଂ ଅନୁଗୋଳ ବ୍ଲକ ଖାଲଗାଁରେ ଦୁଇଟି ଷ୍ଟାଡିୟମ ତିଆରି ହେବାକୁ ଯାଉଛି। ବଅଁରପାଳ-ମହିଧରପୁର, ମହିଧରପୁର-ଅନୁଗୋଳ, ମହିଧରପୁର-ବଡ଼କେରା ରାସ୍ତା ଆଲୋକୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ବଅଁରପାଳ କଲେଜର ଉନ୍ନୟନ କାର୍ଯ୍ୟ ସହ ବଅଁରପାଳ ବଜାରରେ ଉନ୍ନତ ଯାତ୍ରୀନିବାସ ଓ ଶୌଚାଳୟ ନିର୍ମାଣ କରାଯାଇଛି। ଅନୁଗୋଳ କଲେଜ ଏବଂ ବଡ଼କେରାସ୍ଥିତ କଲେଜରେ ଅଧିକ କ୍ଲାସରୁମ ନିର୍ମାଣ ହୋଇଛି। ଏଭଳି ଅନେକ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବିଧାୟକ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ଗୋପାଳ ଚନ୍ଦ୍ର ନାୟକ, ବରିଷ୍ଠ ନେତା ଭକ୍ତିପ୍ରସାଦ ଦାସ, ପ୍ରତିମା ମିଶ୍ର, ମହେଶ ଚନ୍ଦ୍ର ଧଳ, ପ୍ରଭାତ ପ୍ରଧାନ, ଛବିମୋହନ ସାହୁ, ନମିତା ଦଳବେହେରା, ସୁଲଭ ଦେହୁରୀଙ୍କ ସମେତ ନିର୍ବାଚନ ମଣ୍ଡଳୀର ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୭ ଦଫା ଦାବି ନେଇ କର୍ମଚାରୀଙ୍କ ଧାରଣା

**ତାଳଚେର,୩।୭(ସମିସ):** ୭ଦଫା ଦାବି ନେଇ ତାଳଚେର ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏଆଇଟିୟୁସି ଶ୍ରମିକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ସଂଗଠନ ପକ୍ଷରୁ ଗତ ଏପ୍ରିଲ ୧୪ ତାରିଖ ୭ଟି ଦାବି ଉପସ୍ଥାପନ କରାଯାଇଥିଲା। ପରିଚାଳନା କର୍ତ୍ତୃପକ୍ଷ ୧୫ରୁ ୨୦ଦିନ ସମୟ ନେଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏଆଇଟିୟୁସିର ସାଧାରଣ ସମ୍ପାଦକ ବୃନ୍ଦାବନ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଧାରଣା ଦିଆଯାଇଛି। କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ପ୍ରମୁଖ ଦାବିଗୁଡ଼ିକ ହେଲା ହିଙ୍ଗୁଳା କ୍ଷେତ୍ରର କର୍ମଚାରୀଙ୍କୁ କ୍ୱାର୍ଟର୍ସ ପ୍ରଦାନ, ଅନେକ ଦିନ ଧରି ଗୋଟିଏ ଗ୍ରେଡ୍‌ରେ କାମ କରୁଥିବା କର୍ମଚାରୀଙ୍କୁ ପ୍ରଦୋନ୍ନତି ପ୍ରଦାନ, ମମତା ଦେହୁରୀଙ୍କ ସର୍ଭିସ ରେକର୍ଡ ଅପଡେଟ୍ କରିବା, ସିଏମପିଏଫ ଅଫଲାଇନ ଜରିଆରେ ଶ୍ରମିକଙ୍କ ଆକାଉଣ୍ଟ ତଥ୍ୟ ପ୍ରଦାନ, ସୁରକ୍ଷା ପ୍ରତି ଧ୍ୟାନ ଦେବା ଆଦି ରହିଛି। ସମସ୍ତ ଦାବି ଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଖଣିବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଧାରଣାରେ ହିଙ୍ଗୁଳା କ୍ଷେତ୍ରର ଏଆଇଟିୟୁସି ଶ୍ରମିକ ସଙ୍ଗଠନର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।



# ଲାଇଟ ନ ଥିବାରୁ ବଢୁଛି ହାତୀ ଓ ବାର୍‌ହା ଉପଦ୍ରବ

**ବଅଁରପାଳ,୩।୭(ସମିସ):** ବଅଁରପାଳ ବ୍ଲକ ସାନ୍ତରାପୁର ପଞ୍ଚାୟତ କଲଣ୍ଡାପାଳ ଗ୍ରାମରେ ବିଦ୍ୟୁତ ଖୁଣ୍ଟ ଥିଲେ ମଧ୍ୟ ଲାଇଟ୍ ନାହିଁ। ଫଳରେ ରାତିରେ ହାତୀ ଓ ବାର୍‌ହା ଉପଦ୍ରବ ବଢୁଛି। ଗତ ୩ ମାସ ହେବ ବିଦ୍ୟୁତ ଖୁଣ୍ଟରେ ଲାଇଟ୍ ଜଳୁନାହିଁ। ତେଣୁ ଗାଁ ସମ୍ପୂର୍ଣ୍ଣ ଅନ୍ଧକାର ରହୁଛି। ଏହି ଗ୍ରାମରେ ଛନ୍ଦକବି ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ ଜନ୍ମଗ୍ରହଣ କରିଥିଲେ। ହେଲେ ଏହି ଗ୍ରାମ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋକେ ଚାଷବାସ କରି ପେଟ ପୋଷୁଥିବା ବେଳେ ହାତୀ ଓ ବାରହା ଫସଲ ନଷ୍ଟ କରୁଛନ୍ତି। ଏହାଦ୍ୱାରା ଗ୍ରାମବାସୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଉଛି। କଲଣ୍ଡାପାଳ ଗ୍ରାମ ୟୁପି ସ୍କୁଲଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ୧୦ ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ଲାଗୁନାହିଁ। ଫଳରେ ଗତ ରାତିରେ ବିଦ୍ୟାଳୟ ଭିତରକୁ ହାତୀପଲ ପ୍ରବେଶ କରି ଗାଁ ଭିତରକୁ ପ୍ରବେଶ କରିଥିଲେ। ଗ୍ରାମବାସୀ ବିଡିଓ ଏବଂ ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ଫଳ ମିଳୁନାହିଁ। ତୁରନ୍ତ ଗ୍ରାମରେ ଲାଇଟ୍ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବସ୍ ଚଳାଚଳରେ ବାଧା

# ପ୍ରଶାସନର ହସ୍ତକ୍ଷେପ, ପୂଜା କମିଟି ସହ ଆଲୋଚନା

**କିଶୋରନଗର,୩।୭(ସମିସ):** ଆଠମଲ୍ଲିକରୁ ଗଣେଶ ବଜାର ଦେଇ ଆମ୍ବସରମୁଣ୍ଡା ଯାଉଥିବା 'ଆମ ବସ' ଓ ଭାରୀଯାନ ଚଳାଚଳ ନେଇ ଠାକୁରଗଡ଼ ଗଣେଶ ବଜାର ଛକରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଆଠମଲ୍ଲିକ ତହସିଲଦାର ପ୍ରସନ୍ନ କୁମାର ଟେଟେ ଗଣେଶ ବଜାର ପୂଜା କମିଟିର ୨୧ ସଦସ୍ୟଙ୍କୁ ନୋଟିସ୍ ଜାରି କରିଥିଲେ। ବୁଧବାର ସ୍ଥାନୀୟ ଆର୍‌ଆଇଙ୍କ କାର୍ଯ୍ୟାଳୟରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ରାସ୍ତା ଉପରକୁ ଦୋକାନ ମାଡ଼ି ରହିବା କଥା କମିଟି ସଦସ୍ୟମାନେ ପୂର୍ବରୁ ଜାଣି ନ ଥିବା ବୈଠକରେ ପ୍ରକାଶ କରିଥିଲେ। ପରେ କମିଟି ସଭାପତି ଗଣେଶ ବିଶ୍ୱାଳ ପ୍ରଶାସନ ନିକଟରୁ ୧୦ ଦିନ ସମୟ ମାଗିବା ସହ ସମସ୍ତ ସଦସ୍ୟଙ୍କ ସହିତ ଆଲୋଚନା କରି ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରି ସମସ୍ୟା ସମାଧାନ କରିବାକୁ ତହସିଲଦାର ଉଭୟ ପକ୍ଷକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ସୁବ୍ରତ ସତ୍ୟବ୍ରତ ପ୍ରଧାନ, ବରିଷ୍ଠ କିରାଣି ସନ୍ତୋଷ ନାଏକ ଓ ଆର୍‌ଆଇ ଅରଜିତ୍ ପ୍ରଧାନ ଉପସ୍ଥିତ ଥିଲେ। ପ୍ରଶାସନର ଏହି ପଦକ୍ଷେପକୁ ଅଞ୍ଚଳରେ ସ୍ୱାଗତ କରାଯାଇଛି।

# ଆଇନସେବା କମିଟି ପକ୍ଷରୁ ଚାରାରୋପଣ



**ଆଠମଲ୍ଲିକ,୩।୭(ସମିସ):** ଆଠମଲ୍ଲିକ ତାଲୁକ ଆଇନସେବା କମିଟି ଓ ଜଙ୍ଗଲ ବିଭାଗ ମିଳିତ ଉଦ୍ୟମରେ ଶୁକ୍ରବାର ସ୍ଥାନୀୟ ଟାଙ୍ଗିଆନିଶାଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୭୭ତମ ବନ ମହୋତ୍ସବ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ରଞ୍ଜନ କୁମାର ସୁତାର ଯୋଗଦେଇ ଚାରାରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସବ୍‌ଜଜ୍ ଲିଙ୍କିପ୍ରିୟା ସାହୁ, ଏସଡିଜେଏମ ସିଙ୍କୁନ ରାୟ, ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, କ୍ରିମିନାଲ କୋର୍ଟ ଓକିଲସଂଘ ସଭାପତି ଅଞ୍ଜନ କୁମାର ପ୍ରଧାନ, ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ସାହୁ ଯୋଗଦେଇଥିଲେ। ଆଇନଜୀବୀ, ତାଲୁକ ଆଇନସେବା କମିଟି ସମ୍ପାଦକ ଅମିତ କୁମାର ନାୟକ, ସହାୟକ ସିଦ୍ଧାର୍ଥ ମହାନ୍ତି, ବନପାଳ ସୁବ୍ରତ ଶତପଥୀ, ଗୋବିନ୍ଦ ମାର୍ଣ୍ଡି, ଜଙ୍ଗଲ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦନ୍ତା ହାତୀର ଉତ୍ପାତ

# ଗାଈ ମାରିଲା, ଧାନ ଚାଉଳ ଖାଇଗଲା

**ବଅଁରପାଳ,୩।୭(ସମିସ):** ବଅଁରପାଳ ବ୍ଲକ ବନ୍ଧା ତୁଳସୀ ପାଳ ଝଜିରୀ ଗ୍ରାମରେ ୧୦ ଦିନ ଧରି ଏକ ଦନ୍ତାହାତୀ ଉତ୍ପାତ କରୁଛି। ଗୁରୁବାର ରାତି ପ୍ରାୟ ୧ଟା ୩୦ରେ ହାତୀ ଝଜିରୀ ଓ ବନ୍ଧା ଗ୍ରାମରେ ପଶି ଘଣ୍ଟି ସାହୁଙ୍କ ଏକ ଗାଈକୁ ଦଳି ମାରିଦେବା ସହ ଯୁଧିଷ୍ଠିର ସାହୁଙ୍କ ଘରେପଶି ଧାନ ଚାଉଳ ଖାଇଦେଇଛି। ଏଥିସହ ଘର ଆଜବେଷ୍ଟସ ଭାଙ୍ଗିଥିବା ଅଭିଯୋଗ ହୋଇଛି। ସେହିପରି ବନ୍ଧା ଗ୍ରାମର ବୃନ୍ଦାବନ ରାଉଳଙ୍କ ଘର ଫାଟକ ଭାଙ୍ଗି ଅସବାବପତ୍ର ଓ ଗଛ ନଷ୍ଟ କରିଛି। ଗ୍ରାମବାସୀ ଭୟଭୀତ ଥିବାବେଳେ ସକାଳେ ବନ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଶୀଘ୍ର କ୍ଷତିପୂରଣ ମିଳିବ ବୋଲି କହିଛନ୍ତି।




# ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଅନୁଗୋଳ ସହର,୩।୭(ସମିସ):** ଅନୁଗୋଳ ସହର ଉତ୍ତରପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ, ସିଆରସିସି ସୁଦର୍ଶନ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନାନୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ପ୍ରଣତି ମିଶ୍ର, କଳ୍ପନା ବିଜୟିନୀ ସ୍ୱାଇଁ, ମିତା ମିଶ୍ର, ସୁମତୀ ପ୍ରଧାନ, ଯଶସ୍ୱିତା ସାହୁ, ଅଞ୍ଜନା କୁମାରୀ ସାହୁ ଓ ନବାଗତା ଅନିତା ସିଂ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତିଳୋତ୍ତମା କର୍ଣ୍ଣ, ଗୀତା ମିଶ୍ର, ସଂଯୁକ୍ତା ସ୍ୱାଇଁ, ସଂଯୁକ୍ତା ନାଥ, ରଶ୍ମିତା ପଟ୍ଟନାୟକ, ନୀଳିମା ଦେହୁରୀ, ଶିକ୍ଷୟିତ୍ରୀ ସବିତା ନାୟକ, ଶିକ୍ଷକ ବିଜୟ କୁମାର ବେହେରା ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ

**ଅନୁଗୋଳ,୩।୭(ସମିସ):** ଅନୁଗୋଳ ବନ ବିଭାଗର ସମସ୍ତ ବନାଞ୍ଚଳରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଚାରାରୋପଣ ଅଭିଯାନ, ସଚେତନତା କାର୍ଯ୍ୟକ୍ରମ, ଜନସହଭାଗିତା ଏବଂ ଶିକ୍ଷାମୂଳକ କାର୍ଯ୍ୟକଳାପ ଆୟୋଜିତ ହେଉଛି। ଲୋକଙ୍କୁ ବନ ସଂରକ୍ଷଣ ଓ ପ୍ରକୃତି ପ୍ରତି ଯତ୍ନଶୀଳ ହେବା ପାଇଁ ପ୍ରେରିତ କରାଯାଉଛି। ଆଜି ରୋପଣ କରାଯାଇଥିବା ପ୍ରତ୍ୟେକ ଚାରା ଏକ ସବୁଜ ଓ ସମୃଦ୍ଧ ଭବିଷ୍ୟତ ପାଇଁ ଆମର ଦୃଢ଼ ସଂକଳ୍ପର ପ୍ରତୀକ। ସମସ୍ତେ ମିଶି ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ଅତୁଟ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ସୁସ୍ଥ ବନ, ସମୃଦ୍ଧ ଜୈବ ବିବିଧତା ଏବଂ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ଗଢ଼ିବାରେ ସହଯୋଗ କରିବାକୁ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ପ୍ରକାଶ କରିଛନ୍ତି।



# ଶୈଳଶ୍ରୀକ୍ଷେତ୍ରରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

**ଅନୁଗୋଳ,୩।୭(ସମିସ)**



ଆସନ୍ତା ୧୬ ତାରିଖ ହେବାକୁ ଥିବା ପବିତ୍ର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରଥଯାତ୍ରା ଓ ବାହୁଡ଼ାଯାତ୍ରାର ଶୃଙ୍ଖଳିତ ପରିଚାଳନା ନିମନ୍ତେ ପରାମର୍ଶ ଦେଇଛନ୍ତି। ବୈଠକରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ ରଥଯାତ୍ରାର ସୁପରିଚାଳନା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଶେଷକରି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରିବାକୁ ଦାୟିତ୍ୱରେ ଥିବା ଅନୁଗୋଳ ଉପଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ନିୟମ କଡ଼ାକଡ଼ି ପାଳନ କରିବା ପାଇଁ ଏସ୍‌ପିଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଅନୁଗୋଳ ଉଚ୍ଚ ବିଦ୍ୟାଳୟଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଜାତୀୟରାଜପଥର ଉଭୟପାର୍ଶ୍ୱର୍ ମରାମତି, ଶୁଖିଲା ଗଛ ଡାଳ କାଟିବା, ଅସ୍ଥାୟୀ ଦୋକାନଗୁଡ଼ିକୁ ସ୍ଥାନାନ୍ତର ଆଦି କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଭକ୍ତଙ୍କ ସ୍ୱାସ୍ଥ୍ୟ ସେବା, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଏବଂ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ ପ୍ରୋବେସନର ଅଭି ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସାମ୍ବାଦିକ ସମ୍ମିଳନୀ

# ଉପକୂଳ ଜାତୀୟ ରାଜପଥରୁ ରାଜନଗର ବାଦ୍‌କୁ ନେଇ ପ୍ରତିବାଦ

ରାଜନଗର, ୩।୭ (ସମିସ)

ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱରଠାରୁ ପାରାଦୀପ ପର୍ଯ୍ୟନ୍ତ ୧୭୦ କିମି ରାଜପଥକୁ ମଞ୍ଜୁରୀ ଦେଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ପାରାଦୀପଠାରୁ ଦିଘା ପର୍ଯ୍ୟନ୍ତ ମାର୍ଗର ଡିପିଆର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରକଳ୍ପରୁ କେନ୍ଦ୍ରାପଡ଼ା ଜିଲ୍ଲାର ଦୀର୍ଘ ଉପକୂଳ ଅଞ୍ଚଳ ଥିବା ରାଜନଗର ବ୍ଲକ ଏଥିରୁ ବାଦ ପଡିଛି। ଦୀର୍ଘ ୨୦ ବର୍ଷ ହେଲା ଉପକୂଳ ଜାତୀୟ ରାଜପଥର ସ୍ୱପ୍ନ ଦେଖାଇ ଶେଷରେ ରାଜନଗରକୁ ସମ୍ପୂର୍ଣ୍ଣ ବାଦ ଦିଆଯିବା ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ରାପଡା ଜିଲ୍ଲାର ରାଜନଗର ବ୍ଲକ୍ ଦେଇ ଫେଜ୍-୨ ଉପକୂଳ ରାଜପଥ (ପାରାଦୀପ-ଦୀଘା, କରିଡର) ଅତିକ୍ରମ କରିବା ପାଇଁ ଆଜି ରାଜନଗର ସାଗରବେଳା ମହୋତ୍ସବ ସାଂସ୍କୃତିକ



ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଦାବି କରାଯାଇଛି। ଚଳିତ ମାସ ୧୩ ତାରିଖ ଦିନ ରାଜନଗର ବ୍ଲକର ବୁଦ୍ଧିଜୀବୀ, ଛାତ୍ର , ଜନପ୍ରତିନିଧି ଓ ସବୁ ବର୍ଗର ଲୋକଙ୍କୁ ନେଇ ସମାବେଶ କରାଯିବ। ସମାବେଶରେ ରାଜନଗରକୁ ଉପକୂଳ ରାଜପଥ ପ୍ରକଳ୍ପରେ ସାମିଲ କରାଯିବା ପର୍ଯ୍ୟନ୍ତ ଆନ୍ଦୋଳନକୁ କିପରି ଜୋରଦାର କରାଯିବ, ସେ ନେଇ ରୂପରେଖ ପ୍ରସ୍ତୁତି କରାଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ମହାସଚିବ ପ୍ରଫେସର ସତ୍ୟବାଦୀ ଜେନା, ଉପସଭାପତି ଅଧ୍ୟାପିକା ଭଗବତୀ ନାୟକ, ସମ୍ପାଦକ ତଥା ଶିକ୍ଷାବିତ କ୍ଷୀରୋଦ କୁମାର ମଲ୍ଲିକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଭିନ୍ନ କୁମାର ସ୍ୱାଇଁ, ଅକ୍ଷୟ କୁମାର ମିଶ୍ର, ଶିକ୍ଷାବିତ ସର୍ବେଶ୍ୱର ମହାନ୍ତି, ଅଧ୍ୟାପିକା ତନୁଶ୍ରୀ ମିଶ୍ର ପ୍ରମୁଖ କହିଛନ୍ତି।

ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଉପକୂଳ ରାଜପଥ ପ୍ରକଳ୍ପ ପ୍ରସ୍ତାବ କରିଛନ୍ତି। ଏହାର ଫେଜ୨ ଡିପିଆର୍ ଅନୁଯାୟୀ ପାରାଦୀପରୁ ଦୀଘା ପର୍ଯ୍ୟନ୍ତ ଏକ ରାଜପଥ ଆଳି, ରାଜକନିକା, ଚାନ୍ଦବାଲି, ଧାମରା, ବାସୁଦେବପୁର, ଚାନ୍ଦିପୁର ଓ ଚନ୍ଦନେଶ୍ୱର ଦେଇ ସଂଯୋଗ କରିବାକୁ ପ୍ରସ୍ତାବିତ ହୋଇଛି। କିନ୍ତୁ ଏହି ପ୍ରସ୍ତାବିତମାର୍ଗରାଜନଗରବ୍ଲକ୍‌କୁସମ୍ପୂର୍ଣ୍ଣବାଦ୍ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ସବୁଠାରୁ

**୧୩ରେ ବୁଦ୍ଧିଜୀବୀ, ଛାତ୍ର, ଜନପ୍ରତିନିଧିଙ୍କୁ ନେଇ ସମାବେଶ**

ଦୀର୍ଘ ଉପକୂଳ ରାଜନଗରରେ ରହିଛି। ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ଘେରି ରହିଥିବା ପରିବେଶ ସମ୍ବେଦନଶୀଳ ଅଞ୍ଚଳ କାରଣରୁ ରାଜନଗରକୁ ଏହି ପ୍ରକଳ୍ପରୁ ବାଦ ଦିଆଯାଇଛି ବୋଲି କୁହାଯାଉଛି। ପରିବେଶ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ରାଜନଗରକୁ ଉପକୂଳ ରାଜପଥରୁ ସମ୍ପୂର୍ଣ୍ଣ ବାଦ୍ ଦେବା ଫଳରେ ଏହି ଅଞ୍ଚଳରେ ଦୀର୍ଘ ମିଆଦି ବିକାଶ ସମ୍ଭାବନା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପରୁ ରାଜନଗରକୁ ବାଦ ଦେଲେ ସ୍ଥାନୀୟ ଲୋକଙ୍କ ଉନ୍ନତ ସଡକ ସଂଯୋଗ ଓ ଆର୍ଥିକ ବିକାଶ ପ୍ରଭାବିତ ହେବ। ରାଜନଗର ବ୍ଲକକୁ ସମୁଦ୍ର, ନଦୀ ଘେରି ରହିଛି। ବାତ୍ୟା ଓ ସୁନାମୀ ଏ ଅଞ୍ଚଳର ଚିର ସହଚର। ସୁନାମୀ କାରଣରୁ ୧୯୭୧ରେ ୧୦ ହଜାର ଲୋକ ପ୍ରାଣ ହରାଇଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ର ଓ ନଦୀର ଜଳପତ୍ତନ ବୃଦ୍ଧି ପାଇଛି। ସୁନାମୀ ଆସିଲେ ସମୁଦ୍ର କୂଳିଆ ଅଞ୍ଚଳ ନୁହେଁ ରାଜନଗର ବ୍ଲକ ହେଡ କ୍ୱାଟର ସମୁଦ୍ରରେ ଲୀନ ହେବାର ଆଶଙ୍କା ରହିଛି। ତେଣୁ ଉପକୂଳ ରାଜପଥ ରାଜନଗର ପାଇଁ ଜରୁରୀ ବୋଲି ବୈଠକରେ କୁହାଯାଇଛି। ଏଠି ସହ ଆମେ ଓ ଆମର ପୂର୍ବ ପିଢିଙ୍କ ପାଇଁ ଭିତରକନିକା ସୁରକ୍ଷିତ ରହିଛି। ଭିତରକନିକା ସୁରକ୍ଷିତ ରହୁ, ପରିବେଶର ସୁରକ୍ଷା ସହିତ ରାଜନଗରବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ସରକାରଙ୍କ ଦାୟିତ୍ୱ। ଯଦି ଉପକୂଳ ରାଜପଥ ଚିଲିକା ଓ ବାଲୁଖଣ୍ଡ ଅଭୟାରଣ୍ୟ ଦେଇ ଯାଇପାରୁଛି ରାଜନଗର ଦେଇଯିବାରେ ଅସୁବିଧା କେଉଁଠି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରାଯାଇଛି।

● ଅଧିକାରୀଙ୍କ ବେପରୁଆ ମନୋଭାବ

## ତହସିଲ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟ ନଷ୍ଟ



ରାଜକନିକା,୩।୭ (ସମିସ): ଏକଦା କନିକା ରାଜଶାସନର ପ୍ରାଣକେନ୍ଦ୍ର ଥିବା କନିକା ତହସିଲ ତା'ର ଅବସ୍ଥିତି ଓ ପ୍ରାକୃତିକ ପରିବେଶ ପାଇଁ ଆକର୍ଷଣ ପାଲଟିଥିଲା। ସୁଉଚ୍ଚ ଦେବଦାରୁ ଗଛ ସହ ରାଜକୀୟ ଢାଞ୍ଚାର କଚେରୀ ଗୃହ ଏହାର ଗାରିମା ବଢ଼ାଇଥିଲା। ସମୟ ବଦଳିବା ସହ ସାରା ଓଡ଼ିଶାର ତହସିଲକୁ ଗୋଟିଏ ମଡେଲରେ ତିଆରି କରିବାକୁ ଐତିହ୍ୟପୂର୍ଣ୍ଣ ଏହି ତହସିଲ କୋଠାକୁ ଭାଙ୍ଗି ନୂଆ ବିଲଡିଂ ଠିଆ କରାଯାଇଛି। ଦୁଃଖର ବିଷୟ କନିକା ତହସିଲର ଏହି ନବନିର୍ମିତ କୋଠା ଉଦଘାଟନ ଦିନ ଏହାକୁ ସୁନ୍ଦର ଭାବେ ସଜାଇବାକୁ ପ୍ରୟାସ ହୋଇ ଏହାର ସାମ୍ନା ବାରଣ୍ଡା, ପୋର୍ଟିକରେ କିଛି କୁଣ୍ଡରେ ଫୁଲ ଗଛ ଲଗାଯାଇ ରଖଯାଇଥିଲା। ମାତ୍ର ଉଦଘାଟନ ପରେ ତହସିଲଦାର, କର୍ମଚାରୀ ନିଜ ନିଜ ପ୍ରକୋଷ୍ଠ ବାଛି ନେଇ ଡ୍ୟୁଟି କରୁଥିବାବେଳେ ବାରଣ୍ଡାରେ ଥିବା ସେସବୁ ଫୁଲ କୁଣ୍ଡ ଗଛ ଟୋପାଏ ପାଣି ନ ପାଇ ମରିଯାଇଛି। ଯଦି ଗୋଟିଏ ଅଫିସର ସୌନ୍ଦର୍ଯ୍ୟ ବଢ଼ାଇବାକୁ କୁଣ୍ଡର ଫୁଲ ଗଛ ଏତେ ଦରକାରୀ ହେଲା, ସେସବୁକୁ ବଞ୍ଚାଇ ରଖିବାକୁ କେହି ବି ସାମାନ୍ୟ ଉଦ୍ୟମ ନ କରିବା, ସମସ୍ତଙ୍କ ଆଖି ସାମ୍ନାରେ ଗଛ ପାଣି ବିନା ମରିଯିବା ଘଟଣା ବେଶ ସମ୍ବେଦନ ସାବ୍ୟସ୍ତ ହୋଇଛି। ଏହି ଅଫିସରୁ ନିଜର ଚାକିରି ଜୀବନ ଅତିବାହିତ କରୁଥିବା ଅଫିସର ଓ କର୍ମଚାରୀଙ୍କ ମନରେ କେମିତି ଏହି ଗଛ ବଞ୍ଚାଇବାକୁ ତିଳେ ହେଲେ ବି ଦୟା ଆସିଲାନି, ତାହା ଆମର ମାନସିକତାକୁ ପ୍ରମାଣ କରିଛି।

## ମାଟିଆପଡ଼ା ହାଇସ୍କୁଲରେ ବିଦ୍ୟୁତ ସୁରକ୍ଷା ସପ୍ତାହ



ପଟ୍ଟାମୁଣ୍ଡାଇ, ୩।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଟିଆପଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ଶକ୍ତି ବିଭାଗ ଓ ଭୁବନେଶ୍ୱର ପରିବେଶ ଶିକ୍ଷଣ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଦ୍ୟୁତ ସୁରକ୍ଷା ସଚେତନତା କର୍ମଶାଳାରେ ପ୍ରଧାନଶିକ୍ଷକ କବି ମନୋଜ ଶତପଥୀ ପୌରୋହିତ୍ୟ କରିଥିଲେ। ଏଥିରେ ବିଦ୍ୟୁତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ଭବାନୀ ଶଙ୍କର ରାଉତ ମୁଖ୍ୟଅତିଥି, ବିଦ୍ୟୁତ ପରିଦର୍ଶକ ଇଂ ବିକାଶକାନ୍ତି ନାୟକ ମୁଖ୍ୟବକ୍ତା ଓ ଇଂ ଚିରଞ୍ଜୀବ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦୈନନ୍ଦିନ ଜୀବନରେ ବିଦ୍ୟୁତ ଦୁର୍ଘଟଣାରୁ ରକ୍ଷା ପାଇବା ସହିତ ସୁରକ୍ଷିତ ରହିବା ପାଇଁ ଉପଯୁକ୍ତ ତାର ଓ ଉପକରଣ ବ୍ୟବହାର ସହିତ ବିଦ୍ୟୁତଜନିତ କାର୍ଯ୍ୟ କରିବା ବେଳେ ଉପଯୁକ୍ତ ସୁରକ୍ଷା ଉପକରଣ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ମାନସ ସାହୁ ସ୍ୱାଗତ ଭାଷଣ ଓ ଶକ୍ତି କ୍ଲବ ଶିକ୍ଷୟତ୍ରୀ ଶୁଭଶ୍ରୀ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହିତ ଛାତ୍ରଛାତ୍ରୀଙ୍କୁ ଏକ ଶୋଭାଯାତ୍ରା ବିଭିନ୍ନ ଗାଁ ପରିକ୍ରମା କରି ବିଦ୍ୟୁତ ସୁରକ୍ଷା ଉପରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଚନ୍ଦ୍ରଭାନୁ ସାହୁ, ଦୀପ୍ତିମୟୀ ସାମଲ, ରଞ୍ଜିତ ସାହୁ, ତପନ ବେହେରା, ବିଶ୍ୱଜିତ ସାହୁ, ଶିବାଶିଷ ପତ୍ରୀ ଓ ମାଧୁରୀ ଭୁଏ ପରିଚାଳନା କରିଥିଲେ।

## ଜମ୍ବୁ ପଞ୍ଚାୟତରେ ବନ ମହୋତ୍ସବ



ମହାକାଳପଡ଼ା, ୩।୭ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ପଞ୍ଚାୟତରେ ବନ ମହୋତ୍ସବ ପାଳିତ ହୋଇଛି। ମହାକାଳପଡ଼ା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ଜମ୍ବୁ ପିଏଫ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ମା ପାଇଁ ଗଛଟିଏ ସବୁଜ ପଦକ୍ଷେପ ମାଧ୍ୟମରେ ପୃଥିବୀକୁ ସୁସ୍ଥ କରିବା' ସ୍ଲୋଗାନକୁ ଆଧାର କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଚାର କରାଯାଇଥିଲା। ଡିଏଫ୍‌ଓ ଭରଦରାଜ ଗାଓଁକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଏସିଏଫ୍ ଗଗନ ବିହାରୀ ମଲ୍ଲିକ, ରେଞ୍ଜର ବିଶ୍ୱରଞ୍ଜନ ବେହେରା, ଜିଲ୍ଲାପାଳ ରଘୁରାମ ଆୟର, ଉପଜିଲ୍ଲାପାଳ ଅରୁଣ ନାୟକ ଉପସ୍ଥିତ ଥିଲେ। ଏଥିସହ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଗ୍ରାମବାସୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ମହିଳା ଓ ବନ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବନ ମହୋତ୍ସବ ଅବସରରେ 'ମା ପାଇଁ ଗଛଟିଏ' ଅଭିଯାନ ଅନ୍ତର୍ଗତ ଉପସ୍ଥିତ ଛାତ୍ରଛାତ୍ରୀ, ମହିଳା ଓ ସ୍ଥାନୀୟ ବାସିନ୍ଦାଙ୍କୁ ବିଭିନ୍ନ ପ୍ରଜାତିର ଚାରା ବଣ୍ଟନ କରାଯାଇଥିଲା। ନିଜ ମା'ଙ୍କ ନାମରେ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ସୁରକ୍ଷା ଓ ଯତ୍ନ ନେବାକୁ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଡିଏଫ୍‌ଓ ଭରଦରାଜ ଗାଓଁକର କହିଥିଲେ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ପାଇଁ ବୃକ୍ଷରୋପଣ ଏକ ପ୍ରଭାବଶାଳୀ ଉପାୟ। "ମା ପାଇଁ ଗଛଟିଏ' ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ପରିବେଶ ସୁରକ୍ଷା ସହ ଯୋଡ଼ିବା ଆମର ଲକ୍ଷ୍ୟ। ଶେଷରେ ସବୁଜ ପୃଥିବୀ ଗଠନ, ପରିବେଶ ସୁରକ୍ଷା ଓ ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ପରିବେଶ ଛାଡ଼ିଯିବା ନେଇ ସମସ୍ତେ ସଂକଳ୍ପ ଗ୍ରହଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୩।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୂଆପଡ଼ା ପ୍ରକଳ୍ପ ଉଚ୍ଚପ୍ରାଥମିକ ସ୍କୁଲର ସେବା ନିବୃତ୍ତ ଆଦର୍ଶ ପ୍ରଧାନଶିକ୍ଷକ ଶିକ୍ଷକ ଶ୍ରୀନିବାସ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାକ୍ତନ ସ୍କୁଲ ଶିକ୍ଷା ଅନୁନିରୀକ୍ଷକ ବିଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ଜରିଆ ବଳଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସିଦ୍ଧ ପରମହଂସ ନୋଡାଲ ୟୁପି ସ୍କୁଲ କ୍ଲଷ୍ଟରର ପକ୍ଷରୁ ଅନୁଷ୍ଠିତ ମିଳିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, ରାଜନଗରର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟବକ୍ତା, ପ୍ରାକ୍ତନ ପଟ୍ଟାମୁଣ୍ଡାଇ ଶିକ୍ଷା ଜିଲ୍ଲା ଅଧିକାରୀ ସରୋଜକାନ୍ତ ବିହାରୀ, କୁଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ମନୋଜ ବେହେରା, ଅବସରପ୍ରାପ୍ତ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସ୍ୱାଇଁ, ଅଭିମନ୍ୟୁ ପଢିହାରୀ, ଉଦକର ସାମଲ, ଉମାକାନ୍ତ ମହାପାତ୍ର, ପ୍ରାକ୍ତନ ସିଆରସି ଅଶୋକ ପରିଡା ଓ ରମେଶ ଚନ୍ଦ୍ର ମହାନ୍ତି, ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭାଂଶୁ କୁମାର ଦାସ, ଶିକ୍ଷକ ନେତା କବି ଅନ୍ତର୍ଯ୍ୟାମୀ ବେଜ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଜିଲ୍ଲା ସଭାପତି କରୁଣାକର ଭଳ, ସମାଜସେବୀ ଟୁବୁଲି ଚୌଧୁରୀ, ସିଆରସିସି ରଞ୍ଜନ ବେହେରା ଓ ସତ୍ୟବ୍ରତ ସାମନ୍ତରାୟ, ଶିକ୍ଷକ ନେତା ସୁଲେଖ ପ୍ରଧାନ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରତାପ ଜେନା, ଶିକ୍ଷକ ନେତା ବିଜୟ କେତନ ଦାସ ଓ ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀନିବାସ ସାହୁ ଏକାଧାରରେ ଜଣେ ସଫଳ ପ୍ରଧାନଶିକ୍ଷକ, ଶିକ୍ଷକ ନେତା,ପରିବେଶବିତ, ଜଣେ ଭଲ ମଣିଷ ହୋଇଥିବାରୁ ତାଙ୍କର ଅବସର ଶିକ୍ଷା ବିଭାଗରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ମତ ପ୍ରକାଶ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ପ୍ରଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓ ମନୀଷାରାଣୀ ଦାସ ମାନପତ୍ର ପାଠ କରିଥିଲେ। ଶିକ୍ଷକ ନେତା ଆରତ ନାୟକ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ସମ୍ପର୍କରେ ସ୍ୱରଚିତ କବିତା ପାଠ କରିଥିବାବେଳେ ଶିକ୍ଷାବିତ୍ ବିଜୟ ବେହେରା ଧନ୍ୟବାଦ ଦେଇଥିଲେ।

## ନିଗମାନନ୍ଦ ହାଇସ୍କୁଲରେ ବନ ମହୋତ୍ସବ

ରାଜନଗର,୩।୭ (ସମିସ): ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଅନ୍ତର୍ଗତ ନାଉକଣାସ୍ଥ ନିଗମାନନ୍ଦ ହାଇସ୍କୁଲ ପରିସରରେ ୭୭ତମ ଜାତୀୟ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ବୃକ୍ଷ ରୋପଣ କରି ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦଘାଟନ କରି ସାରା ଜଗତ କଲ୍ୟାଣ ପାଇଁ ଗଛର ରହିଥିବା ଅତୁଳନୀୟ ଦାନ, ଧରିତ୍ରୀ ମା'କୁ ସୁସ୍ଥ, ସୁଦୃଢ, ସବୁଜିମା, ଅସଂଖ୍ୟ ଜୀବଜନ୍ତୁଙ୍କ ସୁରକ୍ଷା କବଚ ପ୍ରକୃତିର ଅମୁଲ୍ୟ ବରଦାନ



ବୃକ୍ଷ ହୋଇଥିବାରୁ ଏହାର ଯତ୍ନ ନେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ରାଜନଗର ଡିଏଫଓ ଭରଦରାଜ ଗାଓଁକର ଏଥିରେ ସଭାପତିତ୍ୱ କରିବା ସହିତ ବନ ମହୋତ୍ସବର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପତ୍ରକାର ଭାସ୍କର ରାଉତରାୟ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସରପଞ୍ଚ ବୀଣାପାଣି ପ୍ରଧାନ, ସମିତି ସଭ୍ୟା ରବିନ ମଲ୍ଲିକ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପଢିହାରୀ, ସରପଞ୍ଚ ନିରଞ୍ଜନ ରାଉତ, ପ୍ରଧାନଶିକ୍ଷକ ରାମସ୍ୱାମୀ ଲେଙ୍କା, ପ୍ରମୋଦ ପ୍ରଧାନ, ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା ଧନ୍ୟବାଦ ଦେଇଥିଲେ। ବନପାଳ ବିଜୟ ପାତ୍ର, ବିଭୂତି ଭୂଷଣ ତରାଇ, ରଞ୍ଜନ ପାଣି, ତ୍ରିଦେବ ପ୍ରଧାନ, ବିଶ୍ୱରଞ୍ଜନ ତରାଇ ଓ ହାଇସ୍କୁଲର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଡେରାବିଶ, ୩।୭ (ସମିସ): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁରର ବଟ ମହାପୁରୁଷ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚୌଧୁରୀ ସରୋଜ କାନ୍ତ ପ୍ରହରାଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ବିଶ୍ୱଜିତ ମୁଦୁଲି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଭାରତ ଚନ୍ଦ୍ର ଦାସ, ମନୋରଞ୍ଜନ ନାୟକ ଯୋଗଦେଇଥିଲେ। ସ୍ମାରକ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା ହୋତା ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଜ୍ଞା ପାରମିତା ନାୟକ ଉତ୍ସବ ପରିଚାଳନା କରିଥିବାବେଳେ ଶିକ୍ଷକ ଭାବଗ୍ରାହୀ କର ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର ନାଥ ଦାସ, ରଘୁନାଥ ଦାସ, ସୁଧୀର ରଞ୍ଜନ ମହାନ୍ତି, ହୃଷିକେଶ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଦୀପିକା ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


## ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପିଲାଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୩।୭ (ସମିସ): ପରିବେଶକୁ ସନ୍ତୁଳନ ରକ୍ଷା କରିବା ପ୍ରତ୍ୟେକଙ୍କ ନୈତିକ କର୍ତ୍ତବ୍ୟ ଓ ପରିବେଶ ଓ ପ୍ରକୃତିର ଉତ୍ତମ ସନ୍ତୁଳନ ରହିଲେ ଦେଶ ରାଜ୍ୟ ଓ ପରିବାର ସୁରକ୍ଷିତ ରହିପାରିବ ଓ ସମ୍ପ୍ରତି ପରିବେଶର ସନ୍ତୁଳନ କରିବା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ବନିକରଣ ସପ୍ତାହ ପାଳନ ପାଳନ କରାଯାଉଛି। କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରଚେଷ୍ଟା କରି ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି। ବନିକରଣ ସପ୍ତାହ ପାଳନ ଅବସରରେ ଟ୍ରଷ୍ଟ ପକ୍ଷରୁ ସତନ୍ତ୍ର କାର୍ଯ୍ୟକ୍ରମ "ପିଲାଙ୍କ ପାଇଁ ଗଛ ଟିଏ' ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତି ପରିବାରର ମୁରବିଙ୍କ ହାତରେ ତାଙ୍କ ଘରର ଛୋଟ ପିଲାଙ୍କ



ନାମରେ ଗୋଟେ ଲେଖାଏଁ ଫଳ ଚାରା ପ୍ରଦାନ କରାଯାଇଛି। ଛୋଟ ପିଲାଟି ଯେତିକି ଅମ୍ଳଜାନ ଗ୍ରହଣ କରିବ ଏହି ଗଛ ତାହା ପ୍ରଦାନ କରିବ, ଯାହା ପାଇଁ ଦୁଇ ଜଣ ପରିପୂରକ ହେବ। ଯଦି ଗଛର ଉପଯୁକ୍ତ ଯତ୍ନ ନିଆନଯାଏ ଓ ଗଛଟି ମରିଯାଏ ତା'ହେଲେ ପିଲାଟିର ଅନିଷ୍ଟ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସଚେତନତା ବାର୍ତ୍ତା ଦିଆଯାଇଛି। ଏ ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ଗୁଣ୍ଡୁପୁରପଟଣା ଗ୍ରାମରେ ଟ୍ରଷ୍ଟ ପକ୍ଷରୁ ପିଲାଙ୍କ ପାଇଁ ଗଛଟି ଆୟୋଜନ କରାଯାଇଥିଲା। ଏଥିରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ପରାମର୍ଶଦାତା ନିମାଇଁ ଚରଣ କର, ଉପଦେଷ୍ଟା ପ୍ରମୋଦ ନାୟକ, ସଂସ୍କୃତି ବିଭାଗ ଅଧିକାରୀ ସଞ୍ଜୀବ ତରାଇ, ପୀତାମ୍ବର ସ୍ୱାଇଁ, ବାବୁରାମ ତରାଇ ଓ ସୁରେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ସଚେତନତା ବାର୍ତ୍ତା ଦେଇଥିଲେ।

## ବାଙ୍କୁଆଳ ଇକୋ ଡେଭେଲପମେଣ୍ଟ କମିଟି ପୁରସ୍କୃତ



ରାଜନଗର, ୩।୭ (ସମିସ): ଭିତରକନିକା ଜାତୀୟ ଉଦ୍ୟାନ ମୁଖ୍ୟ ଫାଟକ ନିକଟରେ ଥିବା ବାଙ୍କୁଆଳ ଗାଁର ଇକୋ ଡେଭେଲପମେଣ୍ଟ କମିଟିକୁ ଜିଲ୍ଲାର ଶ୍ରେଷ୍ଠ ଇକୋ ଡେଭେଲପମେଣ୍ଟ କମିଟି ଭାବେ ପୁରସ୍କୃତ କରାଯାଇଛି। ଆଜି ଜମ୍ବୁଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଡିଏଫଓ ଭରଦରାଜ ଗାଓଁଙ୍କର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଏସିଏଫ ଗଗନ ବିହାରୀ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଙ୍କୁଆଳ ଗାଁର ଇକୋ ଡେଭେଲପମେଣ୍ଟ କମିଟି ସଭାପତି ରଞ୍ଜନ କୁମାର ବେହେରାଙ୍କୁ ମାନପତ୍ର ଓ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ବାଙ୍କୁଆଳ ଗାଁର ଇକୋ ଡେଭଲପମେଣ୍ଟ କମିଟି ସଦସ୍ୟ ଦିଗାମ୍ବର ବେହେରା, ପ୍ରମିଳା କୁଅାଁର, ନମ୍ରତା ବେହେରା, ମନୋରମା ବେହେରା, କମଳାକାନ୍ତ ଦାସ, ଧନେଶ୍ୱର ବେହେରା, ନିରାକାର ବେହେରା, ଆରତି ରାଉତ, କଲ୍ୟାଣୀ ବେହେରା ପ୍ରମୁଖ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପରିବେଶ ସୁରକ୍ଷା, ଜଙ୍ଗଲର ସୁରକ୍ଷା, ଲୋକଙ୍କୁ ସଚେତନ କରିବା, ଜୀବଜନ୍ତୁ ଶିକାର ନ କରିବା ଓ ଜାତୀୟ ଉଦ୍ୟାନ ମଧ୍ୟକୁ ନ ପଶିବା ପାଇଁ ଲୋକଙ୍କୁ ବୁଝାଇବା, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ପାଇଁ ଲୋକଙ୍କୁ ଓ ଭିତରକନିକାକୁ ଆସୁଥିବା ଟୁରିଷ୍ଟଙ୍କୁ ବୁଝାଇବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ଚୋରାମଦ ଜବତ, ୬ ଗିରଫ

କେନ୍ଦ୍ରାପଡ଼ା/ଡେରାବିଶ,୩।୭ (ସମିସ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ ଓ ଡେରାବିଶ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବଡହାଟ ଗ୍ରାମର ହରେକୃଷ୍ଣ ବେହେରାଙ୍କଠାରୁ ୨୧ ଲିଟର ଚୋରା ବିଦେଶୀ ମଦ, ଗୁଲନଗର ଗ୍ରାମର ଅଶୋକ ମଲିକଙ୍କଠାରୁ ୧୯ ଲିଟର ଚୋରା ଦେଶୀ ମଦ ଓ ଜଳଧର ସେଠୀଙ୍କଠାରୁ ୧୦ ଲିଟର ଚୋରା ଦେଶୀ ରନ୍ଧାମଦ, ଠାକୁରହାଟ ଗ୍ରାମର ଅମର ସେଠୀଙ୍କଠାରୁ ୨୫ ଲିଟର ଚୋରା ବିଦେଶୀ ମଦ, ବେଲାରପୁର ଗ୍ରାମର କାହ୍ନୁଚରଣ ବେହେରାଙ୍କଠାରୁ ୨୧ ଲିଟର ବିଦେଶୀ ଚୋରା ମଦ ଓ ବେଲାରପୁର ଗ୍ରାମର ଆଦୀପ୍ତ କରଙ୍କଠାରୁ ୩୦



ଲିଟର ବିଦେଶୀ ଚୋରା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୨୬ ଲିଟର ବିଦେଶୀ ଓ ଦେଶୀ ଚୋରା ରନ୍ଧା ମଦ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ତୃତୀୟ ଦିନରେ ଡାକ୍ତରଙ୍କ ଧର୍ମଘଟ

## ଓପିଡି ଅଚଳ, ଚିକିତ୍ସା ନ ପାଇ ରୋଗୀ ହଟହଟା

କେନ୍ଦ୍ରାପଡ଼ା,୩।୭ (ସମିସ)

ବିଭିନ୍ନ ଦାବି ପୂରଣ ଦାବିରେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା)ର ଆହ୍ୱାନକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାର ଡାକ୍ତରଙ୍କ ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟ ତୃତୀୟ ଦିନରେ ପହଞ୍ଚିଛି। ଧର୍ମଘଟ ଯୋଗୁଁ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଥିବାବେଳେ ଓପିଡି ସେବା ପ୍ରାୟ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଫଳରେ ଜିଲ୍ଲାର ବିଭିନ୍ନ ଦୂରଦୂରାନ୍ତରୁ ଆସିଥିବା ଶହଶହ ରୋଗୀ ଚିକିତ୍ସା ନ ପାଇ



ନିରାଶ ହୋଇ ଫେରିଯାଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡାକ୍ତରମାନେ ଧାରଣା ଜାରି ରଖିଥିବାବେଳେ ସରକାରୀ ହସ୍ପିଟାଲରେ ଓପିଡି ସେବା ଠପ୍ ହୋଇଯାଇଛି। ରୋଗୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଚିକିତ୍ସା ନ ପାଇ ହଟହଟା ହୋଇଥିଲେ। କେବଳ ଆୟୁଷ ଡାକ୍ତରମାନେ ସାଧାରଣ ରୋଗୀଙ୍କ ଚିକିତ୍ସା କରୁଥିବାବେଳେ ଗୁରୁତର ରୋଗୀଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ରେଫର କରାଯାଉଛି। ଏଥିଯୋଗୁଁ ରୋଗୀ ଓ ସେମାନଙ୍କ ପରିବାରକୁ ଅତିରିକ୍ତ ଖର୍ଚ୍ଚ ଓ ଦୁର୍ଭୋଗର ସମ୍ମୁଖୀନ ହେବାକୁ ପଡୁଛି।

କେନ୍ଦ୍ରାପଡ଼ା ଜିଲ୍ଲା ଓମସା ସଭାପତି ଡା. ଗୌରାଙ୍ଗ ଚରଣ ଗିରିଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ସରକାରୀ ଡାକ୍ତର ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲ୍ଲା ଶାଖା ସମ୍ପାଦକ ଡା. ନିରଞ୍ଜନ କର, ଓମସାର ରାଜ୍ୟ ଯୁଗ୍ମ ସମ୍ପାଦକ ଡା. ସଞ୍ଜୀବ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ସଚିଦାନନ୍ଦ ମିଶ୍ରଙ୍କ ସମେତ ଶତାଧିକ ଡାକ୍ତର ଧାରଣାରେ ବସିଛନ୍ତି। ଓମସାର ରାଜ୍ୟ ସଭାପତି ଡା. କିଶୋର ମିଶ୍ର କହିଛନ୍ତି, ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ସରକାରଙ୍କ ସହ ଆଲୋଚନା ହେବ। ସରକାର ଦାବିଗୁଡ଼ିକ ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନ ପ୍ରତ୍ୟାହାର କରାଯିବ, ନଚେତ୍ ଧର୍ମଘଟ ଜାରି ରହିବ। ଡାକ୍ତରଙ୍କ ଲଗାତର ତୃତୀୟ ଦିନର ଧର୍ମଘଟ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ସରକାର ଓ ଡାକ୍ତର ସଂଗଠନ ମଧ୍ୟରେ ହେବାକୁ ଥିବା ଆଲୋଚନା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ସକାଳ
THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

# ଏଆଇର ଆତଙ୍କ

ନ୍ୟାୟିକ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପସ୍ଥିତି ଅଦୃଶ୍ୟ ହେଲେ ହେଁ ଭୟଙ୍କର ବୋଲି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଟିପ୍ପଣୀ ଦେଇଛନ୍ତି। କୌଣସି ମାମଲାର ଶୁଣାଣି ବେଳେ ଏଆଇ ସାହାରାରେ କରାଯାଉଥିବା ବିଭିନ୍ନ ରାୟର ଉଦ୍ଧୃତି କିଭଳି ବିଭ୍ରାନ୍ତିକର ଓ ତ୍ରୁଟିପୂର୍ଣ୍ଣ ତାହାର ଉଦାହରଣ ଭାବେ ବମ୍ବେ ଉଚ୍ଚ ନ୍ୟାୟାଳୟ ଦେଇଥିବା ଏକ ରାୟକୁ ସର୍ବୋଚ୍ଚ ନ୍ୟାୟାଳୟ ଗ୍ରହଣ କରିଛନ୍ତି। ଏଆଇର ପ୍ରୟୋଗ ବିଚାର ବ୍ୟବସ୍ଥାକୁ ସତ୍ୱର କରିପାରେ; କିନ୍ତୁ ପାଦେ ପାଦେ ଏହାର ବିପଦ ରହିଛି - ଏହି ମର୍ମରେ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିବା ସର୍ବାଦୌ ସମୟୋପଯୋଗୀ ଓ ଗ୍ରହଣୀୟ। ଏଆଇର ଏହି ସମ୍ଭାବ୍ୟ ବିପଦ କେବଳ ନ୍ୟାୟିକ ବା ବିଚାର ବ୍ୟବସ୍ଥାରେ ସୀମିତ ନାହିଁ। ଧୀରେ ଧୀରେ ଏହା ଜନଜୀବନ ଓ ପ୍ରକୃତି-ପରିବେଶକୁ ଗ୍ରାସିବାକୁ ଆରମ୍ଭ କଲାଣି - ଏ ସମ୍ପର୍କରେ ଯେତେ ଆଲୋଚନା ହେବା କଥା ତାହା ହେଉନାହିଁ।

ଏଆଇ କେବଳ ଏକ ଯାନ୍ତ୍ରିକ ପ୍ରକ୍ରିୟା; ଏହା ମାନବୀୟ ଚିନ୍ତା ଚେତନା, ବିଶେଷକରି ସୃଜନଶୀଳତାର ସ୍ଥାନ ନେଇପାରିବ ନାହିଁ ବୋଲି କିଛିଦିନ ପୂର୍ବରୁ ଯେଉଁ ଦମ୍ଭୋକ୍ତି ପ୍ରକାଶ ପାଉଥିଲା, ତାହା ଭୁଲ୍ ବୋଲି 'କମନ୍‌ୱେଲ୍‌ଥ ଲିଟେରାରି ପ୍ରାଇଜ୍' ବିବାଦ ସହିତ ନିମିଷକେ ଧୂଳିସାତ୍ ହୋଇଗଲା। ଗତ ମେ' ମାସରେ ଏହି ପୁରସ୍କାର ଜିତିଥିବା ତ୍ରିନିଦାଦ୍ ଲେଖକ ଜମିର ନାଜିରଙ୍କ ପୁସ୍ତକର କଥାବସ୍ତୁ ତାଙ୍କ ନିଜସ୍ୱ ସୃଜନ ନୁହେଁ, ବରଂ ଏଆଇ ଦ୍ୱାରା ପ୍ରସ୍ତୁତ ବୋଲି ଜଣାପଡ଼ିଲା ପରେ ପୁରସ୍କାର ପ୍ରତ୍ୟାହୃତ ହେଲା ସତ; କିନ୍ତୁ ଏହାପରେ ଅସଂଖ୍ୟ ସୃଜନକୃତିଗୁଡ଼ିକର ମୌଳିକତା ଉପରେ ଏକ ସନ୍ଦେହ ବିଜଡ଼ିତ ପ୍ରଶ୍ନଚିହ୍ନ ଛାଡ଼ିଦେଇ ଗଲା।

ଏହା ଅନସ୍ୱୀକାର୍ଯ୍ୟ ଯେ ଏଆଇ ଚାଟ୍‌ବଟ୍‌ର ବିକାଶ ପ୍ରକ୍ରିୟା ଯେତେ ତ୍ୱରାନ୍ୱିତ ହେଉଛି ଲେଖକ ସଂଖ୍ୟା ସେତେ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଚାଟ୍‌ବଟ୍‌କୁ କୌଣସି ନିର୍ଦ୍ଦେଶ ଦେବାର ମାତ୍ର କିଛିସମୟ ଭିତରେ ଏଆଇ କାହାଣୀଟିଏ ଲେଖି ସମର୍ପି ଦେଉଛି ଏବଂ ନିର୍ଦ୍ଦେଶକ ତାହାକୁ ନିଜ ନାମ ଦେଇ ପ୍ରକାଶ କରିବାରେ କୌଣସି କୁଣ୍ଠା ପ୍ରକାଶ କରୁନାହିଁ। ଏଭଳି ଦ୍ରୁତ କ୍ରମବର୍ଦ୍ଧିଷ୍ଣୁ ଲେଖକମାନଙ୍କ ଆବିର୍ଭାବ ପରେ ଏକ ଆନ୍ତର୍ଜାତିକ ପ୍ରକାଶନୀ ସଂସ୍ଥା ବାଧ୍ୟ ହୋଇ କିଛିମାସ ପାଇଁ ପ୍ରକାଶନ କାର୍ଯ୍ୟକୁ ସ୍ଥଗିତ ରଖିଥିଲା। କମନ୍‌ୱେଲ୍‌ଥ ଲିଟେରାରୀ ପ୍ରାଇଜ୍‌ରେ ଏଆଇର ପ୍ରାଦୁର୍ଭାବ ଧରାପଡ଼ିବା ପରେ ଆଉ କେତେକ ସ୍ୱନାମଧନ୍ୟ ପୁରସ୍କାର ପ୍ରଦାନକାରୀ ସଂସ୍ଥା ଲେଖକମାନଙ୍କ ପାଇଁ କଠୋର ସର୍ତ୍ତ ଜାରି କରିଛନ୍ତି ଏବଂ ତାହା ଏଆଇ ଦ୍ୱାରା ସମ୍ଭୂତ କି ନୁହେଁ ତାହା ନିଶ୍ଚିତ କରିବା ପାଇଁ ପରୀକ୍ଷଣ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଏହି ପରୀକ୍ଷଣ ବା ଯାଞ୍ଚ ପ୍ରକ୍ରିୟା କେତେ ତ୍ରୁଟିଶୂନ୍ୟ ତାହାକୁ ନେଇ ପୁଣି ଏକ ପ୍ରଶ୍ନ ଉଠିଛି। ଏଆଇ ଦ୍ୱାରା ହେବାକୁ ଥିବା ଏହି ପରୀକ୍ଷଣ ଯଦି ତ୍ରୁଟିପୂର୍ଣ୍ଣ ହୁଏ ତେବେ ଜଣେ ମୌଳିକ ଲେଖକ ଲାଞ୍ଛିତ ଓ ପୁରସ୍କାରରୁ ବଞ୍ଚିତ ହେବା ଅବଧାର୍ଯ୍ୟ। ତେଣୁ ଏହା ନୈତିକତା ପ୍ରସଙ୍ଗକୁ ଜନ୍ମ ଦେଇଛି।

ଏଆଇ ଦ୍ୱାରା ଆଉ ଯେଉଁକେତେକ ସାଂଘାତିକ ଚିନ୍ତାଜନକ ସମସ୍ୟା ମାନବ ସଭ୍ୟତାକୁ କବଳିତ କରିବାକୁ ଯାଉଛି ସେ ବିଷୟରେ କିଞ୍ଚିତ ଆଲୋଚନା କରାଯାଉ। ଏଆଇର ପ୍ରାଣକେନ୍ଦ୍ର ରୂପେ ବିଦିତ ଗୋଟିଏ ଗୋଟିଏ ଡାଟା ସେଣ୍ଟର ଯେତିକି ପରିମାଣର ପାଣି ଶୋଷି ନେବେ ତାହାର ପ୍ରଭାବରେ ଶହଶହ ଏକର ଜମି ଶୁଷ୍କମରୁରେ ପରିଣତ ହୋଇଯିବ। ଚାଷବାସ ଦୂରେ ଥାଉ ବୃକ୍ଷଲତା ମଧ୍ୟ ବଞ୍ଚିପାରିବେ ନାହିଁ। ଏହାଦ୍ୱାରା ପିଇବା ପାଣିର ଯେଉଁ ଉତ୍କଟ ସଙ୍କଟ ସୃଷ୍ଟି ହେବ ତାହା କିଛିଟା ଅନୁମାନ କରାଯାଇପାରେ। କିନ୍ତୁ ଡାଟା ସେଣ୍ଟର ଯୋଗୁଁ ସବୁଜ ବନାନୀ ନିଶ୍ଚିହ୍ନ ହେବା ଫଳରେ ଜଳବାୟୁର ବ୍ୟାପକ ଅସ୍ୱାଭାବିକତା ମାନବ ସଭ୍ୟତାକୁ କେଉଁସ୍ଥିତିକୁ ନେଇଯିବ ତାହା ଅକଳନୀୟ। ପରିସ୍ଥିତି ଏଭଳି ହେବ ଯେ ମଣିଷ ଯନ୍ତ୍ରଘେରରେ ରହିଥିବ ଅଥଚ ବଞ୍ଚିବା ପାଇଁ ଖାଦ୍ୟ କିମ୍ବା ପାଣି ନଥିବ। ଏ ସମ୍ପର୍କରେ ଯେ ଆମ ଦେଶର ବିଜ୍ଞ ନୀତି ନିର୍ଦ୍ଧାରକମାନେ ଅବଗତ ନ ଥିବେ ତାହା ନୁହେଁ। ଅଥଚ ନିକଟରେ ଅନୁଷ୍ଠିତ ଏଆଇ ଶିଖର ସମ୍ମିଳନୀରେ ଭାରତ ଏଆଇ ଡାଟା ସେଣ୍ଟର ହବ୍ ହେବା ପାଇଁ ଘୋଷଣା କରିଛି। ଅର୍ଥାତ୍ ଭାରତ କେବଳ ଏକ ଉପଭୋକ୍ତା ଦେଶ ହୋଇ ଯାବତୀୟ ଆନୁଷଙ୍ଗିକ ବିପଦ ବରଣ କରିବ ଏବଂ ଭାରତର ଏହି କେନ୍ଦ୍ରମାନଙ୍କୁ ଉପଯୋଗ କରି ବିକଶିତ ଦେଶମାନେ ସାରା ପୃଥିବୀରେ ରାଜତ୍ୱ କରିବେ।

ଯେଉଁ ସଫ୍ଟସ୍କିଲ୍(ମେଧାଶକ୍ତି)କୁ ନେଇ ଭାରତ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ବିଶ୍ୱବିଦିତ ହୋଇଥିଲା ତାହା ହିଁ ଏବେ ଏଆଇର ପ୍ରବଳ ଆହ୍ୱାନର ସମ୍ମୁଖୀନ ହେବାରେ ଲାଗିଛି। ଗୋଟିଏ ପ୍ରୋଗାମ୍‌ର କୋଡିଂ କରିବା ପାଇଁ ଆମ ଦେଶର ମେଧାବୀମାନେ ହାରାହାରି ଦୁଇମାସ ସମୟ ନେଉଥିବା ବେଳେ ତାହା ଏଆଇ ମାତ୍ର କିଛି ମିନିଟ୍ ମଧ୍ୟରେ ସମାପନ କରିଦେଉଛି। ତେଣୁ ଆଉ ମେଧାଶକ୍ତିର ଆବଶ୍ୟକ ହିଁ ନାହିଁ। ଏହି କାରଣରୁ ଲକ୍ଷ ଲକ୍ଷ ପ୍ରତିଭାଧାରୀ ଛଟେଇ ହେଉଛନ୍ତି। କମ୍ପାନୀମାନେ ନିଯୁକ୍ତିରେ ଅଭିଜ୍ଞତାକୁ ପରିହାର କରି ସୁଲଭତା ବା କମ୍ ଦରମାରେ କାମ କରିବାକୁ ଇଚ୍ଛୁକ ଥିବା ନବୀନ ପେସାଦାରମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି, ତାହା ମଧ୍ୟ ମାତ୍ର କିଛିବର୍ଷ ପାଇଁ। ସମସ୍ୟା କେବଳ ଏତିକିରେ ସରିଯାଇନାହିଁ। ଏଆଇର ପ୍ରଭାବରେ ଆଗାମୀ ଦିନରେ ବୃତ୍ତିଧାରୀ ଡାକ୍ତର, ଇଞ୍ଜିନିୟର, ଡ୍ରାଇଭର, ଝାଡ଼ୁଦାର ପର୍ଯ୍ୟନ୍ତ ବେକାର ହୋଇଯିବେ। କେବଳ ବଞ୍ଚିବା ପାଇଁ ଗଣ୍ଡେ ଖାଇବା ଯୋଗାଡ଼ କରିବା ମଧ୍ୟ ସେତେବେଳେ କଷ୍ଟକର ହୋଇଯିବ; କାରଣ ସେତେବେଳକୁ ଆଉ ଚାଷ ପାଇଁ ପାଣି ନ ଥିବ।

ଏବେ ସମୟ ଆସିଛି ମଣିଷ ଓ ଯନ୍ତ୍ର ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ। ନିଜକୁ ଡାଟା ସେଣ୍ଟର ହବ୍ ଘୋଷଣା କରି ଗର୍ବିତ ଅନୁଭବ କରୁଥିବା ଭାରତ ଏ ପର୍ଯ୍ୟନ୍ତ ଏଆଇର ପାର୍ଶ୍ୱପ୍ରତିକ୍ରିୟାରୁ ଭାରତବାସୀଙ୍କୁ ସୁରକ୍ଷା ଦେବା ପାଇଁ ଦୂରଦର୍ଶୀ ଯୋଜନା କିମ୍ବା ନୀତି ସ୍ପଷ୍ଟ କରିନାହିଁ। ଏହି ପୃଷ୍ଠଭୂମିର ଏଆଇର ରୂପ କିଭଳି ଭୟଙ୍କର ହେବାକୁ ଯାଉଛି ତାହା ଅନୁମେୟ। ●

# ମାଗଣା ଶିକ୍ଷା ବ୍ୟବସ୍ଥା

ବୃହସ୍ପତି ସାମଲ

କେଜିରୁ ପିଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦେୟମୁକ୍ତ ଶିକ୍ଷା ଅର୍ଥାତ୍ ମାଗଣା ପାଠପଢ଼ା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। କିନ୍ତୁ ବାସ୍ତବରେ ଏଭଳି ଘୋଷଣା କେତେଦୂର ସଫଳତାର ସହ କାର୍ଯ୍ୟକାରୀ ହେବ ସେସବୁ ଆଲୋଚନା କରିବା ପୂର୍ବରୁ କିଛି ସାଧାରଣ ମୌଳିକ ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ। ଓଡ଼ିଶାରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାଡ଼ିଦେଲେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଯେତେବେଳେ ଏଲକେଜି, ୟୁକେଜି ଭଳି ପାରମ୍ପରିକ କେଜି ବ୍ୟବସ୍ଥା ନାହିଁ, ସେତେବେଳେ 'କେଜିରୁ ପିଜି' ଶବ୍ଦ ପ୍ରୟୋଗର ଅର୍ଥ କ'ଣ? ଆର୍ଥିକ ଭାବେ ଦୁର୍ବଳ ପରିବାରର ଛାତ୍ରଛାତ୍ରୀମାନେ ପ୍ରକୃତରେ କେତେ ଉପକୃତ ହେବେ? ଅଧିକନ୍ତୁ, ସାମ୍ପ୍ରତିକ ପରିସ୍ଥିତିରେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ନିମ୍ନମାନର ଶିକ୍ଷାଦାନ ବ୍ୟବସ୍ଥା ଓ ପରିଚାଳନାରେ କ୍ଷୁବ୍ଧ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଘରୋଇ ଶିକ୍ଷାନୁଷ୍ଠାନରେ ଦାଖଲ କରିବାକୁ ଉଚିତ୍ ମନେକରୁଛନ୍ତି। ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡ଼ିଥିବା ସହ ପାଠାଗାର, ପରୀକ୍ଷାଗାର, ଖେଳ ପଡ଼ିଆ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ଅଭାବ ରହିଛି। ତେଣୁ କେବଳ ମାଗଣା ଶିକ୍ଷା ଘୋଷଣା କରିଦେଲେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ ହୋଇଯିବ କି?

ଏଭଳି ଅନେକ ପ୍ରଶ୍ନର ଉତ୍ତର ଖୋଜିବା ପୂର୍ବରୁ ନିକଟ ଅତୀତରେ ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥାର ଗଭୀର କ୍ଷତକୁ ସ୍ପଷ୍ଟ କରିଥିବା କନ୍ଧମାଳର ତୁମୁଡ଼ିବନ୍ଧ ବ୍ଲକ ଅଧୀନସ୍ଥ ସିମିଳିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେହି ଭୟଙ୍କର ଅବ୍ୟବସ୍ଥା କଥା ମନେ ପକେଇବା ଜରୁରୀ, ଯାହା ଶିଶୁ କଲ୍ୟାଣ ଯୋଜନାରେ ଦାୟିତ୍ୱବୋଧର ପତନ ଏବଂ ଶିକ୍ଷକମାନଙ୍କୁ ତାଙ୍କର ମୂଳ ଶିକ୍ଷାଦାନ କାର୍ଯ୍ୟରୁ ବିଚ୍ୟୁତ କରାଯାଉଥିବା ଏକ ପ୍ରତିଷ୍ଠାନଗତ ଅନ୍ୟାୟ ଭଳି ଦୁଇଟି ଗୁରୁତର ସତ୍ୟକୁ ନିର୍ମମ ଭାବରେ ସାମ୍ନାକୁ ଆଣିଛି। ମଧ୍ୟାହ୍ନ ଭୋଜନ ଯୋଜନାରେ ପିଲାମାନଙ୍କୁ କେବଳ ଲୁଣ ସହିତ ଭାତ ଦିଆଯାଇଥିବା ଖବର କୌଣସି ସଭ୍ୟ ସମାଜ ପାଇଁ ଲଜ୍ଜାଜନକ। ସୂଚନା ଅନୁସାରେ, ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କର ଘୋର ଅଭାବ, ଖାଲିପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକର ପୂରଣ କରିବାରେ ସରକାରଙ୍କ କାଳକ୍ଷେପଣ ନୀତି, ଆସୁଥିବା ଶିକ୍ଷକମାନଙ୍କୁ ବିଭିନ୍ନ ଅଣଶିକ୍ଷାଦାନ କାର୍ଯ୍ୟରେ ନିୟୋଜନ ଯୋଗୁଁ ବିଦ୍ୟାଳୟରେ ଶିକ୍ଷକଙ୍କ କୃତ୍ରିମ ଅନୁପସ୍ଥିତି, ପ୍ରଶାସନିକ ଅବହେଳା, ଗୋଟିଏ ପଟେ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ବିଶେଷ କର୍ମଚାରୀ ନିଯୁକ୍ତ ନଥିବା ଏବଂ ଅନ୍ୟ ପଟେ ସୀମିତ ଶିକ୍ଷକଙ୍କ ଉପରେ ନିର୍ଭରଶୀଳତା ଯୋଗୁଁ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଅନିୟମିତତା, ନିରୀକ୍ଷଣ ବ୍ୟବସ୍ଥାର ଦୁର୍ବଳତା ପରି ଗୁରୁତର ସମସ୍ୟା ସାମ୍ନାକୁ ଆସିଥିଲା। ଏହା କେବଳ ଗୋଟିଏ ବିଦ୍ୟାଳୟର ସମସ୍ୟା ନୁହେଁ, ବରଂ ଦୁର୍ଗମ ଓ ଆଦିବାସୀ ଅଞ୍ଚଳର ଶିକ୍ଷା ପରିଚାଳନାରେ ଥିବା ଗଠନାତ୍ମକ ତ୍ରୁଟିର ଏକ ଉଦାହରଣ ଭାବେ ଦେଖାଯାଉଛି। ସଂକ୍ଷେପରେ, ସିମିଳିପଦର ଘଟଣା ଏକ ସତର୍କ ଘଣ୍ଟି ଭାବରେ ସ୍ପଷ୍ଟ କରିଛି ଯେ କେବଳ ନୂଆ ଯୋଜନା ଘୋଷଣା କଲେ ଶିକ୍ଷାର ମାନ ବଢ଼ିବ ନାହିଁ; ବରଂ ବିଶେଷ ଯୋଜନା ପାଇଁ ବିଶେଷ କର୍ମଚାରୀ ନିଯୁକ୍ତି, ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ସହ ଶିକ୍ଷକଙ୍କ ଉତ୍ତରଦାୟିତ୍ୱ, ସ୍ଥାନୀୟ ସମୁଦାୟର ଭାଗୀଦାରୀ, ନିୟମିତ ନିରୀକ୍ଷଣ ଏବଂ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସରକାରୀ ବିଦ୍ୟାଳୟ ଉପରେ ଲୋକଙ୍କ ବିଶ୍ୱାସ ପୁନଃସ୍ଥାପିତ ହୋଇପାରିବ।

ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସବୁଠୁ ବଡ଼ ସଙ୍କଟ ଶିକ୍ଷକ ଅଭାବ। ଯେଉଁକେତେକ ଶିକ୍ଷକ ଉପସ୍ଥିତ ରହୁଛନ୍ତି ସେମାନଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜନ କରାଯାଉଛି। ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକମାନେ ପାଠ ପଢ଼ାଇବା ବ୍ୟତୀତ ନିର୍ବାଚନ, ଜନଗଣନା, ବିଭିନ୍ନ ସର୍ଭେ, ମଧ୍ୟାହ୍ନ ଭୋଜନ ପରିଚାଳନା, ଛାତ୍ରବୃତ୍ତି ବଣ୍ଟନ, ଅନଲାଇନ୍ ତଥ୍ୟ ଅପଲୋଡ୍, ସ୍ୱାସ୍ଥ୍ୟ ଓ ଟିକାକରଣ କାର୍ଯ୍ୟକ୍ରମ, ପରୀକ୍ଷା ପରିଚାଳନା ଏବଂ ବିଭିନ୍ନ ସରକାରୀ ସଚେତନତା ଅଭିଯାନରେ ନିୟୋଜିତ ଥିବା ବେଳେ ଅନେକ ବିଦ୍ୟାଳୟରେ ଜଣେ ଜଣେ ସହକାରୀ ଶିକ୍ଷକଙ୍କ ଉପରେ ସମଗ୍ର ବିଦ୍ୟାଳୟର ଶିକ୍ଷା ଓ ପ୍ରଶାସନିକ ଦାୟିତ୍ୱ ଲଦିଦେବା ଏକ ନିର୍ମମ ପ୍ରତିଷ୍ଠାନଗତ ବିଫଳତା। ଶିକ୍ଷକମାନେ କିରାଣୀ, ଗଣନାକାରୀ କିମ୍ବା ଯୋଜନା ପରିଚାଳକ ନୁହନ୍ତି; ସେମାନେ ଦେଶର ଭବିଷ୍ୟତ ଗଢ଼ନ୍ତି।

ଓଡ଼ିଶା ବିଧାନସଭାରେ ସରକାର ନିଜେ ସ୍ୱୀକାର କରିଛନ୍ତି ଯେ ରାଜ୍ୟର ୪୧, ୪୦୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୭, ୦୦୦ରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ରାଜ୍ୟରେ ୧, ୩୫, ୬୫୬ ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବୀ ଥିବା ସତ୍ତ୍ୱେ ଏତେସଂଖ୍ୟକ ପଦବୀ ଖାଲି ପଡ଼ିବା ଶିକ୍ଷା ବ୍ୟବସ୍ଥାର ପ୍ରଶାସନିକ ବିଫଳତାକୁ ପ୍ରମାଣ କରେ।

ଭାରତୀୟ ସଂବିଧାନର ଅନୁଚ୍ଛେଦ ୨୧ (କ) ଅନୁସାରେ ୬ରୁ ୧୪ ବର୍ଷ ବୟସର ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଦେବା ରାଷ୍ଟ୍ରର ସାମ୍ବିଧାନିକ ଦାୟିତ୍ୱ। ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ପ୍ରତ୍ୟେକ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା, ପର୍ଯ୍ୟାପ୍ତ ଶିକ୍ଷକ, ଭଲ ପରିବେଶ ଓ ମୌଳିକ ସୁବିଧା ଦେବା ଆବଶ୍ୟକ। କିନ୍ତୁ ଅନେକ ସ୍କୁଲରେ ଆଜି ବି ଶୌଚାଳୟ ଓ ପାନୀୟ ଜଳର ଅଭାବ, ଶ୍ରେଣୀକକ୍ଷ ଭଙ୍ଗାରୁଜା ଓ ଶିକ୍ଷକ ସଂଖ୍ୟା ଅତ୍ୟନ୍ତ କମ। ଅନେକ ପିଲା ପଞ୍ଚମ ଶ୍ରେଣୀକୁ ପହଞ୍ଚି ମଧ୍ୟ ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ଏହା ଶିକ୍ଷାର ପରିମାଣ ଓ ଗୁଣବତ୍ତା ମଧ୍ୟରେ ଥିବା ଗଭୀର ଅନ୍ତରକୁ ଦର୍ଶାଏ। ନୂତନ ଶିକ୍ଷା ନୀତି ୨୦୨୦ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଜୋର ଦେଇଥିଲେ ମଧ୍ୟ ବାସ୍ତବରେ ଗ୍ରାମାଞ୍ଚଳରେ ମୌଳିକ ଶିକ୍ଷା ଅବସ୍ଥା ଅତ୍ୟନ୍ତ ଦୁର୍ବଳ। ଶିକ୍ଷାର ଅଧିକାର କାଗଜରେ ରହିଛି, କିନ୍ତୁ ଗୁଣାତ୍ମକ ଶିକ୍ଷା ଆଜିବି ଗରିବ ପିଲାଙ୍କ ପାଇଁ ଏକ ସ୍ୱପ୍ନ।

ପିଏମ୍ ପୋଷଣ ଯୋଜନା ଅଧୀନରେ ପ୍ରାଥମିକ ସ୍ତରରେ ପ୍ରତି ଛାତ୍ର ପିଛା ଦୈନିକ ୧୧.୧୫ ଟଙ୍କା ଓ ଉଚ୍ଚ ପ୍ରାଥମିକ ସ୍ତରରେ ୧୪.୭୪ ଟଙ୍କା ଖର୍ଚ୍ଚ ନିର୍ଦ୍ଧାରଣ କରାଯାଇଛି। ସପ୍ତାହକୁ ତିନୋଟି ଅଣ୍ଡା ଓ ଲଡୁ ଦେବାକୁ ମଧ୍ୟ ସରକାର ଘୋଷଣା କରିଛନ୍ତି। କିନ୍ତୁ ଯେତେବେଳେ ତୃଣମୂଳ ସ୍ତରରେ ଲୁଣ ଭାତ ପରିବେଷଣ ହେଉଛି, ସେତେବେଳେ ଏହି ବଜେଟ ଓ ଘୋଷଣାଗୁଡ଼ିକ କେଉଁଠିନା କେଉଁଠି ତା'ର ସତ୍ତା ହରାଇଦେଉଛି। ଓଡ଼ିଶାରେ ବିଦ୍ୟାଳୟ ସଂଖ୍ୟା ଓ ଛାତ୍ର ନାମଲେଖାରେ ହ୍ରାସ ଘଟିଥିବା ତଥ୍ୟ ଗ୍ରାମାଞ୍ଚଳରେ ସରକାରୀ ଶିକ୍ଷା ପ୍ରତି ଆସ୍ଥା କମିବାର ଏକ ଗୁରୁତର ସଙ୍କେତ। ସତ୍ୟ ହେଉଛି ଆଜି ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥାରେ 'ପ୍ରଚାର' ଶିକ୍ଷାଠାରୁ ବଡ଼ ହୋଇଯାଇଛି। ସ୍କୁଲର ରଙ୍ଗ ବଦଳାଯାଉଛି, ଗେଟ୍ ନିର୍ମାଣ ହେଉଛି, ସେଲଫି ପଏଣ୍ଟ ତିଆରି ହେଉଛି; କିନ୍ତୁ ଭିତରେ ଶିକ୍ଷକ ନାହାନ୍ତି। ସ୍ମାର୍ଟ କ୍ଲାସରୁମ ଘୋଷଣା ହେଉଛି; କିନ୍ତୁ ଅନେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ସ୍ଥିର ନୁହେଁ। ଡିଜିଟାଲ ଶିକ୍ଷାର ପ୍ରଚାର ହେଉଛି; କିନ୍ତୁ ଅନେକ ଛାତ୍ରଙ୍କ ପାଖରେ ସ୍ମାର୍ଟଫୋନ ନାହିଁ। ଏହା ହେଉଛି ନୀତିଗତ ବିରୋଧାଭାସ। ସହରର ଶିଶୁ ଡିଜିଟାଲ ଲ୍ୟାବରେ ପଢୁଥିବା ବେଳେ ଗ୍ରାମାଞ୍ଚଳର ଶିଶୁ ଆଜି ବି ଶିକ୍ଷକ ଅପେକ୍ଷାରେ ବସିରହିଛି। ଓଡ଼ିଶାର ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ପରିସ୍ଥିତି ଆହୁରି ଦୟନୀୟ। କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ପରି ଜିଲ୍ଲାରେ ଅନେକ ସ୍କୁଲ ଏବେବି ଏକକ ଶିକ୍ଷକରେ ଚାଲୁଛି। ଏହା କେବଳ ପ୍ରଶାସନିକ ତ୍ରୁଟି ନୁହେଁ; ଏହା ସାମାଜିକ ଅସମାନତାର ଏକ ନୂତନ ରୂପ।

ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ଏକ ଗଠନାତ୍ମକ ସଂସ୍କାର ଆବଶ୍ୟକ। ପ୍ରଥମତଃ, ଶିକ୍ଷକମାନଙ୍କୁ ସମସ୍ତ ଅଣଶିକ୍ଷାଦାନ କାର୍ଯ୍ୟରୁ ସଂପୂର୍ଣ୍ଣ ମୁକ୍ତ କରି ଜନଗଣନା, ନିର୍ବାଚନ, ସର୍ଭେ, ଡାଟା ଏଣ୍ଟ୍ରି, ଯୋଜନା ନିରୀକ୍ଷଣ ଇତ୍ୟାଦି ପାଇଁ ଅଲଗା ପ୍ରଶାସନିକ କ୍ୟାଡର ଗଠନ ହେବା ଆବଶ୍ୟକ। ଦ୍ୱିତୀୟତଃ, ମଧ୍ୟାହ୍ନ ଭୋଜନ ଯୋଜନାର ନିରୀକ୍ଷଣ ପାଇଁ ସ୍ୱାଧୀନ ଓ ପେଶାଦାର ମନିଟରିଂ ବ୍ୟବସ୍ଥା ଗଠନ ସହ ପ୍ରତ୍ୟେକ ବ୍ଲକରେ ନିୟମିତ ଅକସ୍ମାତ ଯାଞ୍ଚ, ଖାଦ୍ୟର ଗୁଣବତ୍ତା ପରୀକ୍ଷା ଓ ସାମୁଦାୟିକ ନିରୀକ୍ଷଣ ଅନିବାର୍ଯ୍ୟ ହେବା ବାଞ୍ଛନୀୟ। ତୃତୀୟତଃ, କେବଳ ନିଯୁକ୍ତି ଘୋଷଣା ନକରି ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ସହ ଦୁର୍ଗମ ଅଞ୍ଚଳରେ ସ୍ଥାୟୀ ପୋଷ୍ଟିଂ ଓ ନିରୀକ୍ଷଣ ବ୍ୟବସ୍ଥା କଡ଼ାକଡ଼ି କରିବା ଆବଶ୍ୟକ। ଚତୁର୍ଥତଃ, ସରକାରୀ ସ୍କୁଲର ମୂଲ୍ୟାୟନ କେବଳ ଭବନର ରଙ୍ଗ କିମ୍ବା ଡିଜିଟାଲ ପୋର୍ଟାଲ ଆଧାରରେ ନୁହେଁ, ବରଂ ପିଲାମାନଙ୍କର ପ୍ରକୃତ ଶିକ୍ଷାଗତ କ୍ଷମତା, ପଢ଼ିବା ଦକ୍ଷତା, ଗଣିତ ଜ୍ଞାନ ଓ ଚିନ୍ତନଶକ୍ତି ଆଧାରରେ କରାଯିବା ଉଚିତ। ଲୋକେ ଦେଖୁଛନ୍ତି, ପିଲାମାନେ ଭୋଗୁଛନ୍ତି ଏବଂ ଭବିଷ୍ୟତ ଧୀରେ ଧୀରେ ଅନ୍ଧକାରକୁ ଠେଲି ହେଇଯାଉଛି।

ଏବେ ନିର୍ଣ୍ଣାୟକ ସମୟ ଉପନୀତ। ଶିକ୍ଷାକୁ ରାଜନୈତିକ ପ୍ରଚାରର ମାଧ୍ୟମ ନୁହେଁ, ରାଷ୍ଟ୍ର ଗଠନର ଆଧାର ଭାବେ ଦେଖାଯିବା ଦରକାର। ନଚେତ ଇତିହାସ କ୍ଷମା କରିବ ନାହିଁ। ଶିକ୍ଷା କେବଳ ମାଗଣା ହେଲେ ହେବ ନାହିଁ, ତାହା ଗୁଣାତ୍ମକ, ସୁଲଭ ଏବଂ ସର୍ବସମାବେଶୀ ହେବା ଜରୁରୀ। ଆଶା କରାଯାଏ, ପୂର୍ବ ସରକାର ଉପରେ ପ୍ରତ୍ୟେକ କଥାରେ ଦୋଷ ନ ଲଦି, ସରକାର ଶିକ୍ଷାର ଭିତ୍ତିଭୂମି ଓ ମାନବ ସମ୍ବଳ ସୁଦୃଢ଼ କରିବା ଦିଗରେ ସମାନ ଗୁରୁତ୍ୱ ଦେବେ। ●

ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬୯

# ଯାନ୍ତ୍ରିକରଣରେ ହିଁ କୃଷିର ସମୃଦ୍ଧି

ଡ. ପ୍ରେରଣା ପ୍ରିୟଦର୍ଶିନୀ

ନିକଟ ଅତୀତରେ ଆମ ଦେଶ ପୃଥିବୀର ସର୍ବାଧିକ ଚାଉଳ ଉତ୍ପାଦନକାରୀ ରାଷ୍ଟ୍ରର ମାନ୍ୟତା ପାଇଛି, ବହୁ ରାଷ୍ଟ୍ରକୁ ଚାଉଳ ରପ୍ତାନି କରିଛି। କେବଳ ଚାଉଳ ନୁହେଁ ଗହମ, ପନିପରିବା, ଫଳ, ଦୁଗ୍ଧ, ମାଛ, ଅଣ୍ଡା ଉତ୍ପାଦନରେ ଉତ୍କର୍ଷ ପ୍ରତିପାଦନ କରିଛି। ଖାଦ୍ୟ ଶସ୍ୟ ଉତ୍ପାଦନରେ ଏକଦା ନିର୍ଭରଶୀଳ ଭାରତକୁ ସ୍ୱାବଲମ୍ବୀ କରାଇବାରେ କୃଷି ଯାନ୍ତ୍ରିକରଣର କିଛି କମ୍ ଭୂମିକା ନାହିଁ। ନୂତନ ପ୍ରକାରର ଯନ୍ତ୍ରର ବ୍ୟବହାର ବିନା ଚିରନ୍ତନ କୃଷି, ଖାଦ୍ୟ ନିରାପତ୍ତା ଏକ ଦିବାସ୍ୱପ୍ନ କୁହାଯାଇପାରେ। ଅପରପକ୍ଷରେ ଭାରତୀୟ କୃଷିରେ ଯାନ୍ତ୍ରିକରଣର ପରିମାଣ ବିକଶିତ ରାଷ୍ଟ୍ରଙ୍କ ତୁଳନାରେ ବହୁତ କମ।

ସମ୍ପ୍ରତି ଭାରତୀୟ କୃଷି ଏକ ଦୋଛକିରେ ଛିଡ଼ା ହୋଇଛି। ଗୋଟିଏ ପାର୍ଶ୍ୱରେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଥିବା ବେଳେ କୃଷି କ୍ଷେତ୍ର ପ୍ରତି ବିମୁଖତା ଏହି କ୍ଷେତ୍ରରେ ବିନିଯୋଗ ଶ୍ରମ ଶକ୍ତିର ଆବଶ୍ୟକତା ପ୍ରତି ଏକ ସମସ୍ୟା ସୃଷ୍ଟି କରିଛି। ଭାରତୀୟ ଚାଷୀଙ୍କର ହାରାହାରି ଆୟୁଷ ପଚାଶ ବର୍ଷ। ଯୁବ ଚାଷୀ ଚାଷ କାମ ପ୍ରତି ବିମୁଖ। ସେମାନେ ଗାଁ ଛାଡ଼ି ସହରାଭିମୁଖୀ। ଅଣକୃଷି କାର୍ଯ୍ୟରେ ରୋଜଗାର ଅଧିକ, ଅପେକ୍ଷାକୃତ ନିଶ୍ଚିତ ଆୟ, ସାମାଜିକ ପ୍ରତିଷ୍ଠା ଏବଂ କମ କଷ୍ଟଦାୟୀ। ସେଥିପାଇଁ ଏବେ କୃଷି ସବୁଠାରୁ କଷ୍ଟଦାୟକ ଜୀବିକା ବୋଲି ଧାରଣା ସୃଷ୍ଟି ହୋଇଛି। ଏହି ପୃଷ୍ଠଭୂମିରେ ଯାନ୍ତ୍ରିକ କୃଷି ଆହୁରି ଅଧିକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଯାଇଛି।

ଫସଲ ଉତ୍ପାଦନର ବିଭିନ୍ନ ପର୍ଯ୍ୟାୟରେ ନିୟୋଜିତ ଶ୍ରମ ଶକ୍ତିର ଆବଶ୍ୟକତାକୁ ଏଡ଼ାଇବା ପାଇଁ ଯନ୍ତ୍ରର ବ୍ୟବହାର ଜରୁରୀ। ବହୁ କଷ୍ଟଦାୟୀ କାମରେ ମହିଳାମାନଙ୍କ ସମ୍ପୃକ୍ତି ପୁରୁଷମାନଙ୍କଠାରୁ ବହୁ ଆଗରେ। ଏକ ଗବେଷଣାରୁ ଜଣାଯାଏ ଯେ ଜଣେ ମହିଳା ଏକ ଏକର ଧାନ ରୋଇବା ପାଇଁ ଏକ ଲକ୍ଷରୁ ଅଧିକ ଥର ଅଣ୍ଟା ନୁଆଇଁ ଥାଏ। ସେହିପରି ଘାସ ବାଛିବା, ଧାନ କାଟିବା ଆଦି କଷ୍ଟଦାୟକ କାର୍ଯ୍ୟ ମହିଳାମାନେ ହିଁ କରିଥା'ନ୍ତି। ଅମଳ ପରବର୍ତ୍ତୀ ଯତ୍ନ ଓ ପରିଚାଳନାର ଦାୟିତ୍ୱ ତ ପ୍ରାୟ ମହିଳାମାନଙ୍କର। ସେବା ଓ ଶିଳ୍ପକୁ ପ୍ରାଧାନ୍ୟ ଦେଇ ଚାଲିଥିବା ଅର୍ଥନୀତି ଅନୁସାରେ ଏବେ ଚାଷ କାମରେ ମହିଳାଙ୍କ ସମ୍ପୃକ୍ତି ଦିନକୁ ଦିନ ବଢ଼ି ଚାଲିଛି। ବିଭିନ୍ନ ସାମାଜିକ ବର୍ଗୀକରଣ ଅନୁସାରେ ସ୍ୱଳ୍ପ ଆୟକାରୀ ଗୋଷ୍ଠୀ, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗମାନଙ୍କ ଦାୟିତ୍ୱ ଆହୁରି ଅଧିକ। ତେଣୁ କୃଷିକ୍ଷେତ୍ରରେ ଯନ୍ତ୍ର ବ୍ୟବହାର ନ ହେବାର ଅଧିକ କଷ୍ଟ ଏହି ଶ୍ରେଣୀର ଲୋକମାନେ ହିଁ ପାଉଛନ୍ତି।

ଯନ୍ତ୍ରର ବ୍ୟବହାର ନ ହେଲେ କୃଷି କାର୍ଯ୍ୟ ଧିମେଇ ଯାଏ। ଚାରା ପକେଇବାଠାରୁ ଆରମ୍ଭ କରି ଅମଳ କରିବା କ୍ଷେତ୍ରରେ ସବୁଠି ଯନ୍ତ୍ର ବ୍ୟବହାର ନ ହେଲେ କେବଳ ଯେ କାମ ଅଧିକ ସମୟ ନିଏ ତାହା ନୁହେଁ, ଖର୍ଚ୍ଚ ଅଧିକ ହୁଏ ଏବଂ ଅମଳ ପରବର୍ତ୍ତୀ ନଷ୍ଟ ମଧ୍ୟ ଅଧିକ ହୁଏ। ଫସଲ କୃଷି ଏକ ଜଳବାୟୁ ସମ୍ବେଦନଶୀଳ ଜୀବିକା। ଆଜିକାଲିର ଜଳବାୟୁ ଅବସ୍ଥା ଯେମିତି ହେଲାଣି ସେଥିରେ ଯନ୍ତ୍ରର ବ୍ୟବହାରକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଏକକାଳୀନ ବର୍ଷା, ତା'ପରେ ସ୍ୱଳ୍ପ ବୃଷ୍ଟି, ଏମିତି ଅବସ୍ଥାରେ ଆବଶ୍ୟକୀୟ ମାନବ ସମ୍ବଳର ଅଭାବକୁ କେବଳ ଧାନ ରୁଆ ଯନ୍ତ୍ର, ଅମଳ କରିବା ଯନ୍ତ୍ର, ଉଡ଼େଇବା ଯନ୍ତ୍ର, ପ୍ୟାକିଂ କରାଇବା ଯନ୍ତ୍ର ଆଦି ପୂରଣ କରିପାରିବ। ଯନ୍ତ୍ରର ସମୟ ଅନୁସାରେ ବ୍ୟବହାର କୃଷିକ୍ଷେତ୍ରରେ ଅମଳ ବଢ଼ାଇବାକୁ ଉପଯୋଗୀ ସାବ୍ୟସ୍ତ ହୋଇପାରିବ।

ଯାନ୍ତ୍ରିକ କୃଷିର ମୁଖ୍ୟ ସମସ୍ୟାଟି ହେଉଛି ଭାରତୀୟ କୃଷକମାନଙ୍କ ମଧ୍ୟରୁ ଛୟାଅଶୀ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଶ୍ରେଣୀର। ଓଡ଼ିଶାରେ ସେମାନଙ୍କ ସଂଖ୍ୟା ତେୟାନବେ ପ୍ରତିଶତ। ଛୋଟ ଛୋଟ, ଉଚ୍ଚାନୀଚା ଭୂମିରୂପ ଥିବା ଜମିରେ ବଡ଼ ବଡ଼ ଯନ୍ତ୍ରରେ କୃଷି କାର୍ଯ୍ୟ କରାଇବା ଖର୍ଚ୍ଚବହୁଳ ଓ ପ୍ରଯୁଜ୍ୟ ନୁହେଁ। ଏହା ହିଁ ଆମ ଓଡ଼ିଶା ପରି ରାଜ୍ୟରେ କୃଷି ଯାନ୍ତ୍ରିକରଣରେ ମୁଖ୍ୟ ସମସ୍ୟା। କୃଷିକ୍ଷେତ୍ରରେ ନିୟୋଜିତ ବିଭିନ୍ନ ଯାନ୍ତ୍ରିକ ଉପକରଣର ବିକ୍ରୟମୂଲ୍ୟ ଓ ଭଡ଼ା ମଧ୍ୟ କମ ନୁହେଁ। ଏହି ପରିପ୍ରେକ୍ଷୀରେ ଆମ ସରକାର ଗାଁ ମାନଙ୍କରେ କଷ୍ଟମ ହାୟାରିଂ ସେଣ୍ଟର କରାଇ ବା କୃଷକ ଉତ୍ପାଦକ ସଂଘ ମାଧ୍ୟମରେ ଯନ୍ତ୍ର ରଖି ତା'ର ବ୍ୟବହାରିତାକୁ ଆଦୃତ କରାଇବାକୁ ଚେଷ୍ଟା କରୁଛନ୍ତି। କୃଷି ଯାନ୍ତ୍ରିକରଣରେ କୃଷକମାନଙ୍କୁ ରିହାତି ପ୍ରଦାନ କରିବାରେ ଓଡ଼ିଶା ଆଗୁଆ। କୃଷକମାନଙ୍କୁ କଷ୍ଟମ ହାୟାରିଂ ସେଣ୍ଟର ପ୍ରତିଷ୍ଠା କରାଇବାରେ ସହଯୋଗ କରିବା, ରିହାତି ଯୋଗାଇବା, ଆବଶ୍ୟକ ପ୍ରଶିକ୍ଷଣ ଦେବା ପାଇଁ ସରକାରଙ୍କର କୃଷି ଯାନ୍ତ୍ରିକରଣ ବିଭାଗ କାମ କରୁଛି। 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ମଧ୍ୟ ଏହା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ଯାହାର ଫଳସ୍ୱରୂପ ଏବେ ପ୍ରତ୍ୟେକ ଗ୍ରାମରେ ଟ୍ରାକ୍ଟର, ପାୱାର ଟିଲର, ଅମଳ ଯନ୍ତ୍ର ପରି ବଡ଼ ଯନ୍ତ୍ର ସହ ବହୁ ଛୋଟ ଛୋଟ ଯନ୍ତ୍ର ରହୁଛି। ଏବେ ମଞ୍ଜି ବୁଣା ଯନ୍ତ୍ର, ଘାସ ବଛା ଯନ୍ତ୍ର, ପାଛୁଡ଼ିବା ଯନ୍ତ୍ର, ବର୍ଗୀକରଣ ଯନ୍ତ୍ର ମିଳିଲାଣି। ଏହାବ୍ୟତୀତ ସରକାର ସୌର ଶକ୍ତି ବିନିଯୋଗୀ ଯନ୍ତ୍ରକୁ ପ୍ରୋତ୍ସାହିତ କଲେଣି।

ସରକାର ଜଳ ଦ୍ରବୀଭୂତ ଚାରା ଓ ଔଷଧ ସିଞ୍ଚନ ପାଇଁ ଡ୍ରୋନ୍ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ 'ଡ୍ରୋନ ଦିଦି' ଯୋଜନା ଆରମ୍ଭ କରିଛନ୍ତି। ଏହା ସମୟ ଓ ସମ୍ବଳର ଉଚିତ ବିନିଯୋଗ। ଡିଜିଟାଲ କୃଷି, ସେନ୍ସର ଲଗାଇ ଜଳସେଚନ, ରୋବଟ ମାଧ୍ୟମରେ କଷ୍ଟ କାମ ସାଧନ, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗରେ ଅନୁପ୍ରାଣିତ କୃଷି ଭବିଷ୍ୟତର କୃଷିକୁ ଆହୁରି ଯନ୍ତ୍ରାଭିମୁଖୀ, ସହଜ ଓ ସରଳ କରିବ। ଏହା ବିକଶିତ ଭାରତ ୨୦୪୭ ଯୋଜନା ପାଇଁ ବେଶ ଫଳପ୍ରଦ ହେବ। ●

(ସହକାରୀ କୃଷି ଯନ୍ତ୍ରୀ, ଜଳଛାୟା ବିଭାଗ)
ଖୋର୍ଦ୍ଧା, ମୋ: ୬୩୭୦୨୪୫୬୨୬

# ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନଲୀଳା

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଚନ୍ଦନ ସୁବୁଦ୍ଧି

*(ପୂର୍ବପ୍ରକାଶିତ ଉତ୍ତାରୁ...)*

ମନ୍ଦିର ଲୁଣ୍ଠନ କରି ସେ ଓଡ଼ିଆମାନଙ୍କ ହୃଦୟର କୋମଳ ତନ୍ତ୍ରୀକୁ ଖିନ୍ନଭିନ୍ନ କରି ଛିଡ଼େଇବା ପାଇଁ ମୁହାଁଇ ଥିଲା ଚିଲିକାର ହାତୀପଡ଼ା ଆଡ଼େ। କେଉଁଠାରୁ ଖବର ପାଇ ସେ ସନ୍ଧାନ କରିଥିଲା ଦାରୁବ୍ରହ୍ମଙ୍କ ପାତାଳି ସ୍ଥାନ। ମାଟି ତଳୁ ଦିଅଁଙ୍କୁ ବାହାର କରି ହାତୀପିଠିରେ ଚମଡ଼ା ଦଉଡ଼ିରେ ବାନ୍ଧି ବୋହିନେଲା ଧାନ ଓଳିଆ ପରି। ପ୍ରତିବାଦ-ପ୍ରତିରୋଧ-ଶୂନ୍ୟ ଜନତା ଦେଖୁଥିଲେ ନିଜ କଳାଶ୍ରୀମୁଖଙ୍କୁ ଶେଷଥର ପାଇଁ। ଏହାପରେ ସେ ବୋହିନେଲା ଦିଅଁମାନଙ୍କୁ ଗଙ୍ଗାନଦୀକୂଳକୁ। ସେଠାରେ ଅଗ୍ନିରେ ଦାହ କଲା ଚତୁର୍ଦ୍ଧାମୂର୍ତ୍ତିଙ୍କୁ। ପୋଡ଼ି ନପାରି ଶେଷରେ ଫିଙ୍ଗିଦେଲା ଗଙ୍ଗାନଦୀ ଭିତରକୁ। କିଏ ବା ତାଙ୍କ ଅସ୍ତିତ୍ୱକୁ ଲିଭେଇ ପାରିଲାଣି? ଅଗ୍ନି ତାଙ୍କୁ ଦଗ୍ଧ କରିପାରେନା, ଜଳ ତାଙ୍କୁ ନିମଜ୍ଜିତ କରିପାରେନା, ସେ ନିଗୃହିତ ଓଡ଼ିଆର ଅପରାଜେୟ ଆତ୍ମା।...

...ନିଖିଳ ବିଶ୍ୱର ଅକ୍ଷୟ ଅବ୍ୟୟ ଆତ୍ମା ଜଗନ୍ନାଥ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ପଡ଼ି ରହିଲେ ଜାଳେଣି କାଠ ସଦୃଶ। ଏସବୁ ଦୃଶ୍ୟର ଏକମାତ୍ର ସାକ୍ଷୀ ଭାବେ ମହାପ୍ରଭୁଙ୍କ ପରମ ଭକ୍ତ ବିଶର ମହାନ୍ତି ଉଦ୍ଧାର କଲେ ବ୍ରହ୍ମଙ୍କୁ। ଅନୁରୋଧ କରି ମୃଦଙ୍ଗ ତିଆରି ପାଇଁ ଅପୋଡ଼ା ବିଗ୍ରହଙ୍କୁ ମାଗିଆଣିଲେ ଉପରୋକ୍ତ ବ୍ୟକ୍ତିଙ୍କଠାରୁ। କୋଟି ଓଡ଼ିଆଙ୍କ ପ୍ରାଣଶକ୍ତିର ପ୍ରେରଣା ଜଗନ୍ନାଥ ଆଶ୍ରୟ ନେଲେ ମୃଦଙ୍ଗ ଭିତରେ। କୋଟି ଓଡ଼ିଆଙ୍କ ହୃଦୟ ସ୍ପନ୍ଦନକୁ ମୃଦଙ୍ଗରେ ଧରି ଗୋଟିଏ ମାଛ ଧରା ଡଙ୍ଗା ସାହାଯ୍ୟରେ ବିଶର ମହାନ୍ତି ପହଁଚିଥିଲେ କୁଜଙ୍ଗ ଗଡ଼ରେ। ମହାବାହୁଙ୍କୁ କୁଜଙ୍ଗ ଜାବୁଡ଼ି ଧରିଲା ଦୀର୍ଘ ୮ ବର୍ଷ ପର୍ଯ୍ୟନ୍ତ। ଦାରୁର କମନୀୟ କଳେବର ତ୍ୟାଗ କରି ମହାବାହୁ ଆପଣେଇଥିଲେ ମୃଦଙ୍ଗ ଅବତାର। ସତରେ କିଏ ବା ତାଙ୍କ କଳେବରର ବାଖ୍ୟା କରିପାରିବ! ଯଜୁର୍ବେଦ କହେ 'ନ ତସ୍ୟ ପ୍ରତିମା ଅସ୍ତି'। ବୋଧେ ମୃଦଙ୍ଗର କଳେବର ସେହି ଉକ୍ତିକୁ ସାର୍ଥକ କରିଥିଲା।...

...ଭୟଙ୍କର ରାତିର ଅବସାନ ଘଟି ଉତ୍କଳ ଆକାଶରେ ସେଦିନ ନୂତନ ଭାନୁଦୋୟ ହୋଇଥିଲା ଯେଉଁଦିନ ଉତ୍କଳର ଗଜପତି ଭାବେ ଭୋଇ ବଂଶ କେଶରୀ ପ୍ରଥମ ରାମଚନ୍ଦ୍ର ଦେବ ଗଜପତି ଆସନ ଅଳଙ୍କୃତ କଲେ। ସ୍ୱପ୍ନାଦେଶ ପାଇ ବ୍ରହ୍ମଙ୍କ ସନ୍ଧାନ କଲେ। ବହୁ ଆଡ଼ମ୍ବର ସହ ଖୋର୍ଦ୍ଧାର ଗୋପାଳ ମନ୍ଦିରରେ ବ୍ରହ୍ମଙ୍କୁ ବିଜେ କରାଇଲେ। ସେଠାରେ ମହାପ୍ରଭୁଙ୍କ ନବକଳେବର କରି ମହାପ୍ରଭୁଙ୍କୁ ଶ୍ରୀବସ୍ତ୍ରଖଣ୍ଡଶାଳରେ ପୁନଃପ୍ରତିଷ୍ଠା କଲେ। ଆଜି ବି ଉତ୍କଳୀୟ ଇତିହାସ ରାମଚନ୍ଦ୍ର ଦେବଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି ସମ୍ବୋଧନ କରେ।



ପୁରୁଷୋତ୍ତମ ଦେବ (ଦ୍ୱିତୀୟ): ଦ୍ୱିତୀୟ ପୁରୁଷୋତ୍ତମ ଦେବଙ୍କ ଅଷ୍ଟମ ଅଙ୍କରେ ଖୁରମ (ମୋଗଲ ସୁବେଦାର) ଶ୍ରୀମନ୍ଦିର ଆକ୍ରମଣ ଯୋଜନା କଲା। ଖବର ପାଇ ଗଜପତି ପୁରୁଷୋତ୍ତମଦେବ ଦିଅଁମାନଙ୍କୁ ଚଉଦୋଳରେ ପୁରୀ ସନ୍ନିକଟ ବ୍ରହ୍ମଗିରି ଅଞ୍ଚଳର କପିଳେଶ୍ୱରପୁର ଶାସନ ଅନ୍ତର୍ଗତ ପଞ୍ଚମୁଖୀ ଗୋସାଣୀଙ୍କ ପୀଠରେ ଲୁଚେଇ ରଖିଲେ। କିଛିଦିନ ପରେ ଶ୍ରୀଜୀଉମାନେ ଫେରିଆସିଲେ। ଏହାଙ୍କ ୯ଅଙ୍କ (୧୬୦୭)ରେ ହାସୀମ ଖାଁ ଆକ୍ରମଣ କରିବାରୁ ଠାକୁରମାନଙ୍କୁ ପୁଣି ଖୋର୍ଦ୍ଧାର ଗୋପାଳ ମନ୍ଦିରକୁ ସ୍ଥାନାନ୍ତର କରାଯାଇଥିଲା। ପୁରୁଷୋତ୍ତମ ଦେବଙ୍କ ୧୨ଅଙ୍କ (୧୬୧୦) ରଥଯାତ୍ରା ସମୟରେ କେଶୋଦାସ ମାରୁ ଶ୍ରୀମନ୍ଦିର ଆକ୍ରମଣ କଲା। ସେସମୟରେ ପୁରୁଷୋତ୍ତମଦେବ ଶ୍ରୀକ୍ଷେତ୍ରରେ ନଥିଲେ। ଗଜପତିଙ୍କ ଅନୁପସ୍ଥିତି ତଥା ଶ୍ରୀମନ୍ଦିର ଖାଲି ଥିବା ଦେଖି ସେ ମନ୍ଦିର ଲୁଣ୍ଠନ କଲା। ପ୍ରାୟ ତିନି କୋଟି ଟଙ୍କାର ଅଳଙ୍କାର ଲୁଟିନେଲା। ଏହା ସହ ଆଉ ଏକ ବର୍ବର କାଣ୍ଡ ରଚିଲା। ହିନ୍ଦୁ ବିଦ୍ୱେଷ ନୀତି ରଖି ମହାପ୍ରଭୁଙ୍କ ତିନିରଥ ଜାଳିଦେଲା। ଦୀର୍ଘ ୮ମାସ ଦିଅଁ ଦରବନ୍ଧାରେ ରହିଲେ। ଏହାପରେ ଶ୍ରୀମନ୍ଦିର ଚଉଦୋଳରେ ଫେରିଲେ। ପୁରୁଷୋତ୍ତମଦେବଙ୍କ ୧୭ଅଙ୍କରେ କଲ୍ୟାଣ ମଲ୍ଲ ଆକ୍ରମଣ କଲା। ଦିଅ ଚାପରେ ଯାଇ ଚିଲିକା ଗର୍ଭରେ ଥିବା ମହିଷାନାସି ଦ୍ୱୀପରେ ରହିଲେ। କଲ୍ୟାଣ ମଲ୍ଲ ପୁଣିଥରେ ଆକ୍ରମଣ କଲା। ଦିଅଁ ମହିଷାନାଶିରୁ ସିପିନାସି ହୋଇ ଗୁରୁବାଇ ଦ୍ୱୀପରେ ରହିଲେ। କିଛିଦିନ ଚାପରେ ରହିଲେ।

ପୁରୁଷୋତ୍ତମଦେବଙ୍କ ୨୧ଅଙ୍କରେ (୧୬୧୭) ମକରମ ଖାଁ ଶ୍ରୀକ୍ଷେତ୍ର ଆକ୍ରମଣ କଲା। ସାକ୍ଷୀଗୋପାଳ ମନ୍ଦିର ଭାଙ୍ଗିଲା। ସେବକମାନେ ମହାପ୍ରଭୁଙ୍କୁ ଗୁରୁବାଇ ଦ୍ୱୀପରୁ ନେଇ ବାଣପୁର ସୀମାରେ ଥିବା ଗବପଦର ଠାଇ ନଈରେ ଚାପ ଭିତରେ ଲୁଚେଇ ରଖିଲେ। ଷାଠିଏ ପଉଟି ଛପନ ଭୋଗୀ କାଳିଆ ସାଆନ୍ତେ ଚାପରେ ଶୀତଳ ଭୋଗ ଖାଇ ରହିଲେ। ପୁରୁଷୋତ୍ତମଦେବଙ୍କ ୨୩ଅଙ୍କରେ ମକରମ ଖାଁ କ୍ଷେତ୍ର ଛାଡ଼ି ଯିବାରୁ ଦିଅଁମାନେ ଦେଉଳକୁ ଫେରିଲେ। ପୁରୁଷୋତ୍ତମଦେବଙ୍କ ଶେଷ ସମୟ ଆଡ଼କୁ ତାଙ୍କ ୨୫ଅଙ୍କରେ ଅହମ୍ମଦ ବେଗ ଶ୍ରୀକ୍ଷେତ୍ର ଆକ୍ରମଣ କଲା। ରାଜା ପ୍ରତିରୋଧ ନ କରିପାରି ଖୋର୍ଦ୍ଧା ଛାଡି ଗଡ଼ମାଣିତ୍ରୀରେ ଆତ୍ମଗୋପନ କଲେ। ପୁଣିଥରେ ଗଜପତି ତଥା ଉତ୍କଳର ମାନ ରକ୍ଷା ପାଇଁ ମହାପ୍ରଭୁ ପୁରୋତ୍ତମ ଛାଡ଼ି ବାଣପୁର ଓ ରଣପୁର ସୀମାନ୍ତ ଅନ୍ଧାରି ଗଡ଼କୁ ବିଜେ କରିଥିଲେ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୯୮୫୩୪୫୪୪୯୩

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ‘ଦି ଲାନ୍‌ସେଟ୍’ରେ ସ୍ଥାନ ପାଇଲା କିଟ୍ ଗବେଷକଙ୍କ ନିବନ୍ଧ

ଭୁବନେଶ୍ୱର,୩।୭(ସମିସ): କିଟ୍ ଗବେଷକମାନଙ୍କ ଦ୍ୱାରା ଲିଖିତ ଏକ ନିବନ୍ଧ ‘ଦି ଲାନସେଟ୍’ରେ ପ୍ରକାଶିତ ହୋଇଛି। ଏଥିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ସ୍ତନ କର୍କଟ ସ୍କ୍ରିନିଂ ମୂଲ୍ୟାଙ୍କନ କରିବା ସମୟରେ ବୟସ-ସମ୍ବନ୍ଧୀୟ ଟ୍ୟୁମର ଜୀବବିଜ୍ଞାନକୁ ବିଚାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଜୈବିକ ପାଥର୍କ୍ୟଗୁଡିକୁ ସାମିଲ କରିବା ଦ୍ୱାରା ଏଆଇ-ଆଧାରିତ ମାମୋଗ୍ରାଫି କାର୍ଯ୍ୟକ୍ରମଗୁଡିକର ମୂଲ୍ୟାଙ୍କନ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଏହା ଉପରେ ମତ ଦେଇ କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍ଥ ନିର୍ଦ୍ଦେଶକ ଡ. ରମ୍ୟା ପିନ୍ନାମାନେନି, ଆସୋସିଏଟ୍ ପ୍ରଫେସର ଡ. ପ୍ରତାପ କୁମାର ଜେନା ଏବଂ ପିଏଚଡି ଗବେଷକ ସବ୍ୟସାଚୀ ଶୁକ୍ଲା କହିଛନ୍ତି,କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାମୋଗ୍ରାଫି ଉପକରଣଗୁଡିକୁ କେବଳ ସେମାନଙ୍କର ବୈଷୟିକ କାର୍ଯ୍ୟଦକ୍ଷତା ଉପରେ ଆଧାର କରି ମୂଲ୍ୟାଙ୍କନ କରିବା ଉଚିତ୍ ନୁହେଁ, ବରଂ ସ୍ତନ କର୍କଟ ସ୍କ୍ରିନିଂର ପ୍ରଭାବଶାଳୀତା ସମ୍ପର୍କରେ ଅଧିକ ନିର୍ଭରଯୋଗ୍ୟ ପ୍ରମାଣ ପାଇଁ ବିଭିନ୍ନ ବୟସ ଗୋଷ୍ଠୀ ମଧ୍ୟରେ ଟ୍ୟୁମର ବୃଦ୍ଧିରେ ଥିବା ଜୈବିକ ପାଥର୍କ୍ୟକୁ ବିଚାର କରିବା ଆବଶ୍ୟକ। ସ୍ୱିଡେନରେ ହୋଇଥିବା ଏମ୍ଏଏସଏଆଇ ପରୀକ୍ଷଣ ନିଷ୍କର୍ଷ ଆଧାରରେ ସ୍ତନ କର୍କଟ ଚିହ୍ନଟରେ ଏଆଇର ପ୍ରଭାବ ମୂଲ୍ୟାଙ୍କନ କରୁଥିବା ବିଶ୍ୱର ସବର୍ବୃହତ ଅଧ୍ୟୟନ ମଧ୍ୟରୁ ଏହା ଅନ୍ୟତମ। ପରୀକ୍ଷଣରେ ଦର୍ଶାଯାଇଥିଲା ଯେ ଏଆଇ-ସହାୟତାପ୍ରାପ୍ତ ସ୍କ୍ରିନିଂ ଅଧିକ କର୍କଟ ଚିହ୍ନଟ କରିଛି ଏବଂ ରେଡିଓଲୋଜିଷ୍ଟମାନଙ୍କ ଦ୍ୱାରା ବ୍ୟବହୃତ ପାରମ୍ପରିକ ‘ଡବଲ-ରିଡିଂ’ ପଦ୍ଧତି ଅପେକ୍ଷା ଭଲ ପ୍ରଦର୍ଶନ କରିଛି।ଡ. ପ୍ରତାପ ଜେନା ଉଲ୍ଲେଖ କରିଛନ୍ତି ଯେ ଏଆଇ ମୂଲ୍ୟାଙ୍କନ ଢାଞ୍ଚାରେ ଜୈବିକ କାରକଗୁଡିକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ପୂର୍ବାନୁମାନ ସଠିକତା ବୃଦ୍ଧି ପାଇପାରେ ଏବଂ ଏଆଇ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନରେ ତ୍ରୁଟି ହ୍ରାସ ପାଇପାରେ। ଏହାକୁ ଦୃଷ୍ଟିରେ ରଖି ଗବେଷକମାନେ ପରାମର୍ଶ ଦେଇଛନ୍ତି ଯେ ଏଆଇ -ସହାୟତାପ୍ରାପ୍ତ ମାମୋଗ୍ରାଫି ଉପରେ ଭବିଷ୍ୟତର ଅଧ୍ୟୟନରେ ଗାଣିତିକ ମଡେଲଗୁଡିକୁ ଅନ୍ତର୍ଭୁକ୍ତ କରିବା ଉଚିତ ଯାହା କର୍କଟ ପ୍ରଗତିରେ ବୟସ-ସମ୍ବନ୍ଧୀୟ ପରିବର୍ତ୍ତନ ଜଣାପଡିବ।

# ଡ. ଅଜିତ ଶାସନୀ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ନିଯୁକ୍ତ



ଭୁବନେଶ୍ୱର, ୩।୭ (ସମିସ): କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଡ. ଅଜିତ କୁମାର ଶାସନୀ ନିଯୁକ୍ତି ପାଇଛନ୍ତି। ସମ୍ପ୍ରତି ଡ. ଶାସନୀ ଲକ୍ଷ୍ନୌର ସିଏସ୍ଆଇଆର୍-ନ୍ୟାସନାଲ୍ ବୋଟାନିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏନ୍‌ବିଆର୍‌ଆଇ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ କାର୍ଯ୍ୟକାଳ ୫ ବର୍ଷ କିମ୍ବା ତାଙ୍କୁ ୭୦ ବର୍ଷ ବୟସ ହେଲା ପର୍ଯ୍ୟନ୍ତ ରହିବ। ଯେଉଁଟି ପ୍ରଥମେ ଆସିବ ତାହାକୁ ବିଚାରକୁ ନିଆଯିବ। ରାଷ୍ଟ୍ରପତି ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଏହି ନିଯୁକ୍ତି ପ୍ରଦାନ କରିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ଭାବେ ଡ. ଶାସନୀ ସିଏସ୍ଆଇଆର୍-ଏନ୍‌ବିଆର୍‌ଆଇରେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହା ପୂର୍ବରୁ ସେ ଆଇସିଏଆର୍-ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ପ୍ଲାଣ୍ଟ ବାୟୋଟେକ୍ନୋଲୋଜି, ନୂଆଦିଲ୍ଲୀର ନିର୍ଦ୍ଦେଶକ ଏବଂ ସିଏସ୍ଆଇଆର୍-ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିସିନାଲ୍ ଆଣ୍ଡ ଆରୋମେଟିକ୍ ପ୍ଲାଣ୍ଟସ୍, ଲକ୍ଷ୍ନୌର ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଛନ୍ତି। ଏସବୁ କ୍ଷେତ୍ରରେ ସେ ଅନେକ ସଫଳତା ହାସଲ କରିଥିବାବେଳେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହା ପ୍ରତିଫଳିତ ହେବ ବୋଲି ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷାବିତ୍‌ମାନେ ଆଶାବ୍ୟକ୍ତ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା ହେବ...

ପ୍ରଶଂସା କରି କହିଥିଲେ ଯେ ଓଡ଼ିଶାରେ ଶକ୍ତି କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ସହଯୋଗ ଓ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଶକ୍ତି ନୀତି ବେଶ୍ ପ୍ରଶଂସନୀୟ। ଜାପାନ ପାଇଁ ସବୁଜ ଶକ୍ତି (ଗ୍ରୀନ୍ ଏନର୍ଜି) କ୍ଷେତ୍ରରେ ବୃହତ ପୁଞ୍ଜିନିବେଶ କରିବା ନିମନ୍ତେ ଓଡ଼ିଶା ଏକ ସର୍ବୋତ୍ତମ ଏବଂ ସୁଦୃଢ଼ ମାଧ୍ୟମ ସାଜିଛି ବୋଲି ସେ କହିଥିଲେ। ଏସିଏମଇ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡିରେକ୍ଟର ମନୋଜ କୁମାର ଉପାଧ୍ୟାୟ ଓଡ଼ିଶାର ଶିଳ୍ପାନୁକୂଳ ପରିବେଶକୁ ପୁଞ୍ଜିନିବେଶର ଶ୍ରେଷ୍ଠ ଗନ୍ତବ୍ୟସ୍ଥଳ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଜାପାନୀ ପ୍ରତିନିଧିମଣ୍ଡଳ ସମେତ ଟି.ଆର୍.ଏଲ୍. କ୍ରୋସାକି, ଟି.ୱାଇ.କେ. କର୍ପୋରେସନ୍, ଇଣ୍ଡୋ ନିସିନ୍, ଏ.ସି.ଏମ୍.ଇ. ଗ୍ରୁପ୍, ଆଇ.ଏଚ୍.ଆଇ. କର୍ପୋରେସନ୍ ଓ ମିତ୍‌ସୁବିଶିର ପ୍ରତିନିଧିବୃନ୍ଦ ଏବଂ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତୀୟ ଅର୍ଥ ନିଗମ ଓ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କର ପ୍ରତିନିଧିମାନେ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇଥିଲେ।

## ବିଦ୍ରୋହୀଙ୍କ କବଜାରେ...

ଚୁକ୍ତିନାମା କରାଯାଇଛି। ଆଜିଠାରୁ ସେମାନେ ଏହି ବିଲଡିଂରୁ କାର୍ଯ୍ୟ କରିବେ।

ନିର୍ବାଚନ କମିସନ ନିକଟରେ ଟିଏମ୍‌ସିର ନାମ ଏବଂ ଚିହ୍ନ ଉପରେ ନିଜର ଦାବି ଉପସ୍ଥାପନ କରିଥିବା ବିଦ୍ରୋହୀ ଗୋଷ୍ଠୀ ଆଜି ଏଭଳି ଅଫିସ କବଜା କରି ଦଳ ଉପରେ ନିଜର ସାଂଗଠନିକ ଅଧିକାର ସାବ୍ୟସ୍ତ କରିବାକୁ ଚେଷ୍ଟା କରିଛନ୍ତି। ଅଫିସ ସମ୍ମୁଖରେ ସେମାନେ ଏକ ବ୍ୟାନର ଲଗାଇଛନ୍ତି, ଯେଉଁଥିରେ ଅରୁପ ରାୟଙ୍କୁ ଟିଏମ୍‌ସି ଅଧ୍ୟକ୍ଷ ଦର୍ଶାଯାଇଛି।

ସୂଚନାଯୋଗ୍ୟ ଯେ ଟିଏମ୍‌ସିର ମୁଖ୍ୟାଳୟ ଇଏମ୍ ବାଇପାସରେ ରହିଛି। ତେବେ ସେଠାରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ୨୦୨୨ରୁ ଅଫିସକୁ ମେଟ୍ରୋପୋଲିଟାନ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଏକ ଭଡ଼ା ଘରେ ଅଫିସ କାମ ହେଉଛି ଏବଂ ଏହି ଅଫିସକୁ ବିଦ୍ରୋହୀ ଗୋଷ୍ଠୀ ଆଜି କବଜା କରିନେଇଛନ୍ତି।

## ୧୨ ଜିଲ୍ଲାରେ...

ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଲଘୁଚାପ ଆହୁରି ଘନୀଭୂତ ହେଉଥିବାରୁ ମୌସୁମୀ ସକ୍ରିୟ ରହିଛି। ଏହା ପ୍ରଭାବରେ ବର୍ଷାର ପ୍ରଭାବ ଅଧିକ ବଢ଼ିବା ନେଇ ମଧ୍ୟ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଶୁକ୍ରବାର ସକାଳୁ ସନ୍ଧ୍ୟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଛତ୍ରପୁରରେ ସର୍ବାଧିକ ୮୩ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଗୋପାଳପୁରରେ ୬୭, ନୟାଗଡ଼ରେ ୫୩, ଖୋର୍ଦ୍ଧା ୪୫, ଜଗତସିଂହପୁର ୪୫, ବରଗଡ଼ ୫୪, କଟକ ୪୪.୪, ଚାନ୍ଦବାଲି ୩୧, କଟକ ୪୪ ଓ ଭୁବନେଶ୍ୱର ୨୮ ମିମି ବର୍ଷା ରେକର୍ଡ ହୋଇଛି। ପାଗକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଘଣ୍ଟା ପ୍ରତି ୪୦-୫୦ କିମି ବେଗରେ ପବନ ସହିତ ଝଡ଼ବର୍ଷା ହୋଇପାରେ ଏବଂ ପବନର ବେଗ ବଢ଼ି ଘଣ୍ଟା ପ୍ରତି ୬୦ କିଲୋମିଟର ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ୪ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

## ସନ୍ଦେହ ଘେରରେ...

କେତେକ ସମ୍ପର୍କୀୟ ମଧ୍ୟ ସାମିଲ ଅଛନ୍ତି। ଚାକିରି କରାଇଦେବା ବଦଳରେ ସେ ମୋଟା ଅଙ୍କର କମିସନ ନେଉଥିବା ଜଣାପଡ଼ିଛି। ଟ୍ରଷ୍ଟି ହେବା ପରେ ତାଙ୍କ ସମ୍ପତ୍ତିରେ ମଧ୍ୟ ବେଆଇନ ବୃଦ୍ଧି ଘଟିଛି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସିସିଟିଭି କ୍ୟାମେରାରୁ ବଞ୍ଚିବା ପାଇଁ ଏମାନେ ସଂଘବଦ୍ଧ ଭାବେ ଟଙ୍କା ଲୁଚାଉଥିଲେ। ଅନିଲ ମିଶ୍ରଙ୍କ ସହ ନିବିଡ଼ ସମ୍ପର୍କ ଥିବାରୁ କେହି ସେମାନଙ୍କୁ ସନ୍ଦେହ କିମ୍ବା ଯାଞ୍ଚ କରୁନଥିଲେ।

ଇତିମଧ୍ୟରେ ଟ୍ରଷ୍ଟର ଗତ ୫ ବର୍ଷର ଆକାଉଣ୍ଟର ପୁନଃ ଯାଞ୍ଚ କରିବ ଏସଆଇଟି। ପ୍ରାଥମିକ ତଦନ୍ତରୁ ବଡ଼ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପୁନଃଯାଞ୍ଚ ପ୍ରକ୍ରିୟାରେ ମନ୍ଦିର ନିର୍ମାଣ ସମ୍ପର୍କିତ ସମସ୍ତ ଖର୍ଚ୍ଚ ସହିତ ଦାନ ଆକାରରେ ମିଳିଥିବା ସୁନା, ରୁପା ଏବଂ ଅଳଙ୍କାରଗୁଡ଼ିକର ପୁଙ୍ଖାନୁପୁଙ୍ଖ ହିସାବ କରାଯିବ। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ଜୁଲାଇ ୬ ତାରିଖରେ ବସିବାକୁ ଥିବା ଟ୍ରଷ୍ଟ ବୈଠକରେ ଏହି ଇସ୍ତଫା ପତ୍ର ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ପୁଲିସ ଏପର୍ଯ୍ୟନ୍ତ ବିଭିନ୍ନ ଅଭିଯୁକ୍ତଙ୍କଠାରୁ ପ୍ରଚୁର ମାତ୍ରାରେ ଟଙ୍କା ଏବଂ ସାମଗ୍ରୀ ଓ ବିପୁଳ ପରିମାଣର ନଗଦ ଅର୍ଥ ସହ ବିଦେଶୀ ମୁଦ୍ରା ଜବତ କରିଛି। ଅବିନାଶ ଶୁକ୍ଲାଠାରୁ ୨୦.୩୯ ଲକ୍ଷ, କରୁଣେଶ ପାଣ୍ଡେଠାରୁ ୧୮.୦୭ ଲକ୍ଷ, ଅନୁକଳ୍ପ ମିଶ୍ରଠାରୁ ୧୬.୮୨ ଲକ୍ଷ ଏବଂ ଲବକୁଶ ମିଶ୍ରଠାରୁ ୧୪.୨୫ ଲକ୍ଷ ଟଙ୍କା ଜବତ ହୋଇଛି। ଏହା ସହିତ ୧୧ ଗ୍ରାମ ସୁନା, ୩୭୫ ଗ୍ରାମ ରୁପା ଏବଂ ୧, ୧୨୧ ଆମେରିକୀୟ ଡଲାର ମଧ୍ୟ ମିଳିଛି। ଏପରିକି ଅଭିଯୁକ୍ତ ରହୁଥିବା ସ୍ଥାନରୁ ଏକ ନକଲି ଦାନ ବାକ୍ସ ଏବଂ ଅନଲାଇନ୍ ପେମେଣ୍ଟ କରିବା ପାଇଁ ବାରକୋଡ୍ ମଧ୍ୟ ଜବତ କରାଯାଇଛି।

## ଦାନ ଚୋରି ‘ଅତ୍ୟନ୍ତ ଯନ୍ତ୍ରଣାଦାୟକ’: ଆରଏସ୍‌ଏସ୍

ରାମ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଚୋରି ଓ ଆତ୍ମସାତ ଘଟଣାକୁ ନେଇ ଆରଏସ୍‌ଏସ୍ ପ୍ରଥମ ଥର ପାଇଁ ନିଜର ପ୍ରତିକ୍ରିୟା ପ୍ରକାଶ କରିଛି। ଆରଏସଏସର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସବାଲେ ଏହି ଘଟଣାକୁ ‘ଅତ୍ୟନ୍ତ ଦୁଃଖଦାୟକ ଓ କଷ୍ଟଦାୟକ’ ବୋଲି କହିବା ସହ ମନ୍ଦିର ପ୍ରଶାସନରେ ସ୍ୱଚ୍ଛତା ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ‘ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ’କୁ ଏହି ସମସ୍ୟାକୁ ଏକ ସ୍ୱତନ୍ତ୍ର ଏବଂ ଗମ୍ଭୀର ମାମଲା ଭାବେ ଗ୍ରହଣ କରିବାକୁ କୁହାଯାଇଛି। ମନ୍ଦିର ପରିଚାଳନା ଓ ଆର୍ଥିକ ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ସୁଧାରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବାକୁ ସଂଘ ଅପିଲ୍ କରିଛି, ଯାହାଦ୍ୱାରା କୋଟି କୋଟି ଭକ୍ତଙ୍କ ବିଶ୍ୱାସ ଅକ୍ଷୁର୍ଣ୍ଣ ରହିବ।

## ଅସ୍ମିତାକୁ ‘ପଖାଳ’...

ଯୋଶୀ, ଦେ, ହରିଦାଶ, ଶିରୱାଇକର, ଡ଼ଙ୍ଗରିକର ଆଦି ସାଙ୍ଗିଆ କୌଣସି ଓଡ଼ିଆଙ୍କର ହୋଇଥିବା ସମ୍ଭବତଃ କେହି ଜାଣି ନଥିବେ। ତେଣୁ ଏମାନେ ପଖାଳ ଦିବସରେ କ’ଣ କରୁଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଅନ୍ୟ ରାଜ୍ୟରୁ ସେଫ୍, ଫୁଡ୍ ବ୍ଲଗରମାନଙ୍କୁ ଓଡ଼ିଶା ଆଣିବା ପାଇଁ ବିମାନ ଟିକେଟ ବାବଦରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ବିଭିନ୍ନ ହୋଟେଲରେ ସେମାନଙ୍କ ଆଖି ଖୋସି ହେବା ପରି ରହଣି ବ୍ୟୟକୁ ପର୍ଯ୍ୟଟନ ବିଭାଗ ବହନ କଲା। ବିଭାଗୀୟ ସଚିବ ଏମାନଙ୍କୁ ନିମନ୍ତ୍ରଣ ଦାୟିତ୍ୱ ନେଇଥିବା କୁହାଯାଉଥିବାରୁ ଏମାନଙ୍କ ଦ୍ୱାରା ସାଧାରଣ ଓଡ଼ିଆ କି ପ୍ରକାର ଲାଭବାନ ହୋଇଛନ୍ତି, ତାହା ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1006, dated 30.06.2026, I, DEEPIKA MAJHI, Daughter of - Padman Majhi, permanent resident of Village - Udayapur, PO - Tentulikhunti, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from DEEPA MAJHI to DEEPIKA MAJHI. Henceforth, I shall be known as **DEEPIKA MAJHI** for all purposes.

**Sd/- Deepika Majhi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 999, dated 29.06.2026, I, SABITA CHANDAL, Daughter of - Laxminath Chandal, permanent resident of Village - Baragaon, PO - Bhatigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed my name from SABITA TANTI to SABITA CHANDAL. Henceforth, I shall be known as **SABITA CHANDAL** for all purposes.

**Sd/- Sabita Chandal**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1021, dated 02.07.2026, I, DIPANJALI XAXA, Daughter of - Binod Xaxa, permanent resident of Village - Bandadhipa, PO - Hutupani, PS - Talsara, Dist - Sundargarh, Odisha, Pin - 779074, declare that I have changed my name from MEERA XAXA to DIPANJALI XAXA. Henceforth, I shall be known as **DIPANJALI XAXA** for all purposes.

**Sd/- Dipanjali Xaxa**

**LOST**

**I, Rankanath Sethy,** S/o.: Late Sukadev Sethy, resident of At/PO: Andhari, Dist.: Jajpur presently residing At: Qtr No.: E-23/06, Upper Police Colony, Tulasipur, PS: Bidanasi, Dist.: Cuttack presently serving as ASI of Police in office of the Supdt. of Police, CID CB, Cuttack, on date 18.05.2026, at about 08.15PM, hereby inform that while I was in Marketing in Deulasahi Market area Sale Deed No.: 1050/2002/1 of office of Registrar, Raghunathpur which was received from the owner Mrs. Aruna Mohanty, W/o: Bijay Kumar Mohanty, Vill: Tendakuda, PS: Patakura, Dist.: Kendrapara after purchase of the land, lost somewhere in Deulasahi Area. With my best effort it couldn't yet traceable. If anyone found, please contact- 8249225877.

**LOST**

ମୁଁ ବବିତା ବିଶ୍ୱାଳ, ସ୍ୱାମୀ- ୰ରଶ୍ମିରଞ୍ଜନ ବିଶ୍ୱାଳ, ଗ୍ରାମ- କାଶୀପୁର, ପୋ- ସୁଜନପୁର, ଥାନା- ଯାଜପୁର ସଦର, ଜିଲ୍ଲା- ଯାଜପୁର, ମୋର ସବୁ କାଗଜପତ୍ର ଧରି ଜେରକ୍ସ ଦୋକାନକୁ ଗଲାବେଳେ ବାଟରେ ମୋର କରିଥିବା କବଲା ଭିତରୁ ଗୋଟିଏ କବଲା ଯାହାର ନଂ- **10801100899** ତା- **15/07/2011** ର ହଜିବା ତାରିଖ- **01/06/2026** ରେ । ଯଦି କେହି ସହୃଦୟ ବ୍ୟକ୍ତି ମୋର ଏହି କବଲା ପାଇବେ ଉକ୍ତ ମୋବାଇଲ ନଂ- **9777779257** ରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 693, dated 29.06.2026, I, DRAUPADI MAJHI, Daughter of - Kodi Majhi, permanent resident of Village - Chatrabar, PO - Papadahandi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from DURPUTA MAJHI to DRAUPADI MAJHI. Henceforth, I shall be known as **DRAUPADI MAJHI** for all purposes.

**Sd/- Draupadi Majhi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1016, dated 02.07.2026, I, KAMALI HARIJAN, Wife of - Kamalu Harijan, permanent resident of Village - Chamuriaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from RAMA HARIJAN to KAMALI HARIJAN. Henceforth, I shall be known as **KAMALI HARIJAN** for all purposes.

**Sd/- Kamali Harijan**

**AFFIDAVIT**

By virtue of an affidavit sworn before the Executive Magistrate Jaleswar, Baleswar, Odisha vide Sl. no. 2986 dated 03/07/2026, I Sujay Kumar Patra, S/o- Ananta Patra, At. Jhadeswarpur, P.O./P.S. Jaleswar, Dist. Balasore, Odisha, declare that my father's name is recorded as "Ananta Patra" in my Aadhaar Card No. 826981397247. That in my BSE, Odisha Certificate (Roll No. 239CA0194), my father's name is recorded as "Ananta Kumar Patra". That "Ananta Patra" and "Ananta Kumar Patra" are one and the same person. Henceforth, he will be known as **Ananta patra** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1002, dated 30-06-2026, I, TRILOCHAN BAGH, S/o - Brajamohan Bagh, permanent resident of Village - Chandahandi, Dist - Nabarangpur, Odisha, Pin - 764077, declare that I have changed the name of my Daughter from MAMATA BAGH to MOHINI BAG. Henceforth, she shall be known as **MOHINI BAG** for all purposes.

**Sd/- Trilochan Bagh**

**ହଜିଛି**

ମୁଁ ସନ୍ତୋଷ କୁମାର ଦାଶ, ପିତା: ହୃଷିକେଶ ଦାଶ, ବୟସ ୪୬ ବର୍ଷ, ବାସସ୍ଥାନ ପ୍ଲଟ୍ ନଂ.: ୧୭୦୮/୩୦୩୪/୩୩୩୯, ନହରକଣ୍ଟା, ଥାନା: ପାହାଳ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା ଏତଦ୍‌ଦ୍ୱାରା ମୁଁ ସର୍ବସାଧାରଣଙ୍କୁ ଜଣାଇ ଦେଉଛି କି, ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୦୮୧୩୦୮୬୬୬ ଏବଂ ଆଇଡି ନଂ.: ୧୦୮୧୩୦୮୯୯୩, ତାରିଖ: ୧୮.୦୫.୨୦୧୩ ଯାହାକି ଶ୍ରୀ ପ୍ରଶାନ୍ତ କୁମାର ନାୟକ, ପିତା: ସୁଧାକର ନାୟକ ଏବଂ ଶ୍ରୀ ବ୍ରଜ ବିହାରୀ ନାୟକ, ପିତା: ଭ୍ରମରବର ନାୟକ ସେମାନଙ୍କର ଆଟର୍ଣ୍ଣି ହୋଲ୍ଡର, ମେସର୍ସ ଓମଶ୍ରୀ ଇନଫ୍ରାଟେକ୍ ପ୍ରା. ଲିମିଟେଡ୍, ଏହାର ପରିଚଳନା ନିର୍ଦ୍ଦେଶକ: ଶ୍ରୀ କେଶବ ଚନ୍ଦ୍ର ପ୍ରଧାନ, ପିତା: ୰ ଅନାଦି ଚରଣ ପ୍ରଧାନଙ୍କ ମାଧ୍ୟମରେ ଶ୍ରୀ ସର୍ବେଶ୍ୱର ରାଉତ, ପିତା: ଖଗେଶ୍ୱର ରାଉତଙ୍କ ସପକ୍ଷରେ ସମ୍ପାଦିତ ହୋଇଥିଲା। ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୦୮୧୫୦୦୫୧୦ ଏବଂ ଆଇଡି ନଂ.: ୧୦୮୧୫୦୦୦୪୫, ତାରିଖ: ୦୫.୦୧.୨୦୧୫ ଯାହାକି ଶ୍ରୀ ସର୍ବେଶ୍ୱର ରାଉତ, ପିତା: ଖଗେଶ୍ୱର ରାଉତଙ୍କ ମାଧ୍ୟମରେ ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ସପକ୍ଷରେ ସମ୍ପାଦିତ ହୋଇଥିଲା। ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ମ୍ୟୁଟେସନ ଆରଓଆରର ଜେରକ୍ସ କପି ଯାହାର ମୌଜା: ନହରକଣ୍ଟା, ଖାତା ନଂ.: ୬୦୯/୧୫୦୦, ପ୍ଲଟ୍ ନଂ.: ୧୭୦୮/୩୦୩୪/୩୩୩୯, କ୍ଷେତ୍ର: ଏକର୦.୦୧୩ ଡିସିମିଲି, ମ୍ୟୁଟେସନ୍ କେସ୍ ନଂ.: ୬୬୪୧/୨୦୧୫। ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ମ୍ୟୁଟେସନ ଆରଓଆରର ଜେରକ୍ସ କପି ଯାହାର ମୌଜା: ନହରକଣ୍ଟା, ଖାତା ନଂ.: ୬୦୯/୧୫୩୩, ପ୍ଲଟ୍ ନଂ.: ୧୭୦୯/୩୦୩୫/୩୪୦୧, କ୍ଷେତ୍ର: ଏକର୦.୦୧୩ ଡିସିମିଲି, ମ୍ୟୁଟେସନ୍ କେସ୍ ନଂ.: ୮୪୧୪/୨୦୧୬। ଯଦି କୌଣସି ବ୍ୟକ୍ତି ଉପରୋକ୍ତ କଥିତ ଦଲିଲ ପାଇଥାଆନ୍ତି ଦୟାକରି ଆଡଭୋକେଟ ମନୋଜ ନାୟକ, ମୋ.:୮୭୬୩୮୩୩୧୨୭ରେ ଯୋଗାଯୋଗ କରନ୍ତୁ।

**LOST**

**I, Sri Bhubani Sahoo,** aged about 54 years, S/o: Late Shyamasundar Sahoo, At: Badabarsingh, Po: Ragadipada, Ps: Badamba, Dist.: Cuttack do hereby solemnly affirms that I want to inform you that on 25.06.2026 while I was going on a Motor Cycle from my Residence at 10.30 am to Xerox Shop, At: Badamba Square, I lost my bag with Original R.O.R. bearing Khata No.: 74/47, Plot No.: 126/776, Ac. 0.27 Dec having Kissam: Gharabari in the name of Banambar Sahoo, S/o: Shyamsundar Sahoo & Khata No.: 74/15, Plot No.: 126/776, Ac. 0.27 dec of Mouza: Satagochhia in the name of Chandrasekhar Rout and Ramesh Rout, Sons of Dinabandhu Rout & Khata No.: 113/34, Plot No.: 302, Ac. 2.43 Dec. of Mouza: Kotapola in the name of Chandrasekhar Rout and Ramesh Rout, Sons of Dinabandhu Rout & Regd. Sale Deed No.: 1054, dtd. 28.04.1999 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout and Regd. Sale Deed No.: 691, dtd. 27.04.1994 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout and Regd. Sale Deed No.: 1666, dtd. 05.08.1992 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout who are my vendor of Regd. Sale Deed bearing Doc No. 10422000389, dtd.28.08.2020, in between my residence to Badamba Square and I could not trace out the same after through search which is under the jurisdiction of Badamba Police Station.If anyone found, please contact on 9437320041.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1022, dated 02.07.2026, I, YASADA PUJARI, Daughter of - Sadasiba Nayak, permanent resident of Village - Silakaguda, PO - Mokiya, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from JASHODA NAYAK to YASADA PUJARI. Henceforth, I shall be known as **YASADA PUJARI** for all purposes.

**Sd/- Yasada Pujari**

**AFFIDAVIT**

By virtue of an affidavit sworn before 85, dated-03/11/25, I Sri Harihar Naik Address:-At-Purnachandrapur, Po-Bhairangisole, Ps- Morada, Mayurbhanj, Odisha, Pin-757018, Adhar Card no-913582560332 declare that I have changed my daughter's name from KIRN NAIK (old name) to KIRAN NAIK (new name) Henceforth, she shall be known as **KIRAN NAIK** (new name) for all future purposes.

**AFFIDAVIT**

By virtue of an affidavit sworn before the Notary Public, Kodinga, on Dated 25-06-2026, I, Mr. Laxman Pujari, S/O-Phaguna Pujari, Village/PO/PS-Kosagumuda, Dist. Nabarangpur, PIN-764061, Odisha, declare that I have changed the name of my Son from Himangshu Pujari to Himansu Sekhar Pujari. Henceforth, I shall be known as **Himansu Sekhar Pujari** for all purposes.

**Laxman Pujari**

**NOTICE FOR LOSS OF DOCUMENTS**

Notice is hereby given from Alok Kumar Patra that, he has applied for loan to LIC HFL. But at present, his one of the vendor namely Manjulata Behera has lost the Original Link Documents i.e. **Sale Deed No.: 7046, Dtd.: 18/08/1986** & Original Mutation ROR of Khata No.: 432/845 of Mouza: Dumuduma, which were kept with her and in-spite of her best efforts, failed to trace the same. Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL At: Saheed Nagar, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication: LIC HFL, Saheed Nagar, Bhubaneswar, B. K. Pattanaik, Advocate, Mob. No. 9337395558**

**OFFICE OF THE GENERAL MANAGER, WATCO DIVISION-II, BHUBANESWAR,** 13001/1058/2627

Near Rajiv Bhawan, Unit-V, Bhubaneswar-751001, Odisha, India
**Telefax:** +91-674-2390322, **E-mail:** gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
Dtd. 02.07.2026

| | | |
|---|---|---|
| 01 | Nos of the work | 2 (Two) Nos |
| 02 | Estimate cost | Rs.18.58 lakhs & Rs.14.59 lakhs |
| 03 | Period of completion | 01 (One) Month |
| 04 | Class of contractor | D & C Class |
| 05 | Date & Time of availability of bid document in the portal | From **11.00 AM of Dt. 06.07.2026** to **5.00 PM of 20.07.2026** |
| 06 | Last date / time of receipt of bids in the portal | **5.00 PM of 20.07.2026** |
| 07 | Last date & time of seeking clarification | **5.00 PM of 10.07.2026** |
| 08 | Date & Time of opening of bids | **At 12.30 PM of 21.07.2026** |
| 09 | Name and Address of the Officer Inviting Bid | **General Manager, WATCO Division-II, BBSR** |

Further details can be seen from the e-Procurement portal: https://www.tendersorissa.gov.in/

**GENERAL MANAGER**
**WATCO DIVISION-II, BHUBANESWAR**
**OIPR-13001/13089/1/26-27/0004**

**ZILLA SWASTHYA SAMITI, KANDHAMALA** 10001/331/2627
***(Under National Health Mission)***
Office of the CDM & PHO-cum-District Mission Director, NHM, Kandhamal, Odisha – 762001
**Advt. No.:** 6634 **Date:** 03/07/2026

**Request for Proposal (RFP) for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District**

Zilla Swasthya Samiti (ZSS), Kandhamala invites proposals as per the prescribed RFP documents from eligible bidders for Techno Managerial Services to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District. The detailed terms & conditions, eligibility and selection criteria may be downloaded from the district website https://kandhamal.odisha.gov.in. The interested bidders fulfilling the eligibility criteria may submit their proposals with paper cost, EMD and required documents as set forth in the RFP to the **CDM & PHO, Kandhamal, Phulbani, PIN–762001** through **Speed Post/Registered Post/Courier** on or before **30.07.2026 by 5:00 PM**. The envelope containing the proposal should be superscribed clearly as per the instructions mentioned in the RFP. The **Pre-Bid Discussion** will be held on **09.07.2026 at 11:00 AM**, and the **Technical Bid** will be opened on **31.07.2026 at 11:30 AM** in the office chamber of the **CDM & PHO, Kandhamala**. The undersigned reserves the right to reject any or all the proposals without assigning any reason thereof.

**Sd/- C.D.M. & P.H.O-cum-DMD, Kandhamala**
**OIPR-10001/10015/1/26-27/0001**

**Zilla Swasthya Samiti, Anugola** 10001/329/2627
**Office of the Chief District Medical & Public Health Officer cum District Mission Director, Anugola, 759122, Odisha**
**Mail ID:** dpmuang@ymail.com

**Walk-in-Interview for Recruitment of Medical Officer (Fulltime) and Empanelment of Part-Time Specialists**

**Advt. No.:** 1941 **Date:** 03/07/2026

Walk-in-interview for the post of **Medical Officer (Contractual)** in **UPHC Anugola** and empanelment of **Part-Time Specialists** (*O&G, Paediatrics, Medicine, Skin & VD, ENT, Eye, Psychiatric Specialist, Surgery Specialist, Nutritionist and Physiotherapist*) for **AMA Clinic** under **NUHM** for **UPHC Anugola & Talacher.** The above positions are purely temporary and also co-terminus with the scheme. The actual number of vacancies may differ at the time of engagement. Canvassing in any form will render the candidate disqualified for the position. Details of qualification, remuneration, job description, and application form can be downloaded from the district website: https://angul.odisha.gov.in.The interested candidates may attend the **Walk-in-Interview on 15.07.2026, 10:00 AM to 11:00 AM**. on the scheduled date registration. The candidates are requested to visit the district website regularl interval till completion of the recruitment process and the undersigned reserves the right to cancel any or all applications without assigning any reason or communication thereof.

**Sd/- CDM & PHO-cum-District Mission Director, Anugola**
**OIPR-10001/10142/1/26-27/0010**

**GOVERNMENT OF ODISHA** 26001/27/2627
**ST & SC DEVELOPMENT DEPARTMENT**
**OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, JEYPORE**

**E-PROCUREMENT NOTICE**
**BID IDENTIFICATION No. PA ITDA (J)-01//2026-2027**
**No. 864 /2026. Dated, the 02 July, 2026.**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | | |
|---|---|---|
| 01 | Name of the work | Civil Works as mentioned in DTCN |
| 02 | No. of Works | 37 (Thirty Seven) Numbers only |
| 03 | Estimated Cost | ₹16.00 Lakhs to ₹42.00 Lakhs |
| 04 | Period of completion | 03 (Three) to 06 (Six) Calendar Months |
| 05 | Date & Time of Bidding | From **07/07/2026 at 12.00 hours** to **16/07/2026 up to 17.00 hours** |
| 06 | Last date & time for receipt of bids in portal | **16/07/2026 up to 17.00 hours** |
| 07 | Offline Documents Received through Speed Post/Registered Post | **08/07/2026 at 10.00 hours** to **17/07/2026 up to 14.00 hours** (Working Days Only) |
| 08 | Bids received online shall be opened on | **17/07/2026 at 14.00 hours** |
| 09 | Bid Received offline documents shall be opened & Transparency Lottery Draw | **20/07/2026 at 10.30 AM onwards**. Offline Document Open and Transparency Lottery Draw. |
| 10 | Name and address of the officer inviting Bid | **Project Administrator, I.T.D.A., Jeypore** |

**Further details can be seen from the www.tendersodisha.gov.in.**

**Project Administrator, I.T.D.A., Jeypore**
**OIPR-26001/26037/1/26-27/0001**

32001/481/2627
Phone No. (0663)-2412791
E-mail : eemisbp@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**
**'e' Procurement Notice**
Bid Reference No. SE MID SBP 10 / 2026-27
eemisbp@yahoo.co.in
No. 3004 // MID // Date: 01.07.2026

| | | |
|---|---|---|
| 1 | Name of the works | Civil construction works. |
| 2 | No. of Works | 10 (Ten) Nos |
| 3 | Estimated cost | Various from approximately **Rs.53.86 lakh to Rs.81.88 lakh** for 10 Nos of work (**Rs.662.00 lakh**) |
| 4 | Tender paper cost | Referred to DTCN |
| 5 | Period of completion | Referred to DTCN |
| 6 | Date and Time of availability of bid documents in the portal | From **dt.06.07.2026 at 11.00 AM** to **dt.15.07.2026 up to 5.30 PM** |
| 7 | Last date / time of receipt of bids in the portal | **Dt.15.07.2026 up to 5.30 PM** |
| 8 | Date of opening of Technical Bid (Cover-I) | **Dt.17.07.2026 at 11.00 AM onwards** |
| 9 | Name and address of the OIT | **Superintending Engineer, Minor Irrigation Division, Sambalpur.** |
| 10 | **Further details can be seen from the e-Procurement market place http://tendersodisha.gov.in** | |

**Superintending Engineer**
**M.I. Division, Sambalpur**
**OIPR-32001/32036/1/26-27/0009**

# ଜାହାନପୁରରେ ବନମହୋତ୍ସବ 'ସବୁଜାୟନ' କାର୍ଯ୍ୟକ୍ରମ

ଜଗତସିଂହପୁର, ୩।୭ (ସମିସ)



ପରିବେଶ ସୁରକ୍ଷା କ୍ଷେତ୍ରରେ ବହୁବିଧ ବାସ୍ତବଧର୍ମୀ ଓ ସଚେତନତାମୂଳକ କାର୍ଯ୍ୟାବଳୀକୁ ସଫଳଭାବେ ରୂପାୟନ କରି ଆସୁଥିବା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଓ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଜାହାନପୁରରେ ୭୭ତମ ବନମହୋତ୍ସବ ପାଳନ ଅବସରରେ 'ସବୁଜାୟନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟରେ ଶହେରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନାଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା ସଭାର ପ୍ରାରମ୍ଭରେ ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ସନ୍ତୋଷ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥିଭାବେ ବିଦ୍ୟାଳୟ ଆଲମୁନି କମିଟିର ସଦସ୍ୟ ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ, ଲୋକସଂସଦର ମୋ' ଗାଁ ଅଧକ୍ଷ ଅତୁଲ ବିକ୍ରମ ପ୍ରଧାନ, ମୁଖ୍ୟବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଏବଂ ମୁଖ୍ୟଅତିଥି ଭାବେ ଅଳକା ମହାବିଦ୍ୟାଳୟର ଉଦ୍ଭିଦବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ବୃକ୍ଷରାଜିର ଜୀବଜଗତର ସୃଷ୍ଟି, ସ୍ଥିତି ଓ ପ୍ରଗତିର ଏବଂ ସର୍ବୋପରି ଜୀବନଧାରଣ ପାଇଁ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଏହାର ବିକଳ୍ପ ନାହିଁ ବୋଲି ଦର୍ଶାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର, ମେଡେଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ମୌସୁମୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଶିକ୍ଷକ ରାଜକିଶୋର ବେହେରା, ଶିକ୍ଷୟିତ୍ରୀ ଅଞ୍ଜଳି ନାଥ, ପିଙ୍କି ମହାକୁଡ, ମିତାଲି ବେହେରା ଏବଂ ପରିଚାଳନା କମିଟିର ସଦସ୍ୟ ଦେବରାଜ ସାହୁ, ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଆନ୍ତରିକ ସହଯୋଗ କରିଥିଲେ।

### 'ଉଲ୍ଲାସ' ପାଇଁ ବିଷାଦ


# ମିଳୁନି ଶିକ୍ଷକଙ୍କ ଜୁନ୍ ମାସର ଦରମା

ବାଲିକୁଦା, ୩।୭ (ସମିସ): ବାଲିକୁଦା ବ୍ଲକରେ 'ଉଲ୍ଲାସ' କାର୍ଯ୍ୟକ୍ରମର ନିର୍ଦ୍ଧାରିତ ସଂଖ୍ୟା ଲକ୍ଷ୍ୟ ପୂରଣ ନ ହେବାରୁ ଶିକ୍ଷକମାନଙ୍କ ଜୁନ୍ ମାସର ଦରମା ବିଲ୍ ମୁକ୍ତ ହୋଇନଥିବା ନେଇ ଏକ ନିର୍ଦ୍ଦେଶପତ୍ରକୁ କେନ୍ଦ୍ର କରି ଶିକ୍ଷା ମହଲରେ ଚର୍ଚ୍ଚା ଜୋର ଧରିଛି। ବାଲିକୁଦା ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ବର ମଲ୍ଲିକଙ୍କ ପକ୍ଷରୁ ଜାରି ହୋଇଥିବା ବାର୍ତ୍ତାରେ ଉଲ୍ଲେଖ ରହିଛି ଯେ, ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ୩୫୦୦ ଜଣଙ୍କୁ 'ଉଲ୍ଲାସ' କାର୍ଯ୍ୟକ୍ରମରେ ସାମିଲ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାହା ଅସମ୍ପୂର୍ଣ୍ଣ ରହିଛି। ଲକ୍ଷ୍ୟ ପୂରଣ ହେବା ପରେ ହିଁ ଜୁନ୍ ମାସର ଦରମା ବିଲ୍ ମୁକ୍ତ କରାଯିବ ବୋଲି ସେଥିରେ ସ୍ପଷ୍ଟ କରାଯାଇଛି। ଏହାସହ ସିଆର୍‌ସିସି ଜ୍ଞାନରଞ୍ଜନ ସ୍ୱାଇଁ ଏବଂ ଏବିଇଓ ତଥା 'ଉଲ୍ଲାସ' ଦାୟିତ୍ୱରେ ଥିବା ଝରଣା ମହାନ୍ତିଙ୍କୁ ସମସ୍ତ ସିଆର୍‌ସିସି ଓ ସର୍ଭେୟରଙ୍କ ସହ ସମନ୍ୱୟ ରକ୍ଷା କରି ତୁରନ୍ତ ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ ସିଧାସଳଖ ସମ୍ପର୍କ କରି କାର୍ଯ୍ୟ ସମ୍ପନ୍ନ କରିବାକୁ ମଧ୍ୟ କୁହାଯାଇଛି। ଏହି ନିର୍ଦ୍ଦେଶ ପରେ ବ୍ଲକର ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ପ୍ରକାଶ ପାଇଛି। ସରକାରୀ ଯୋଜନାର ଲକ୍ଷ୍ୟ ପୂରଣ ସହ ଦରମା ବିଲ୍‌କୁ ସମ୍ପୃକ୍ତ କରାଯିବାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଥିବା ବେଳେ, ଏହି ପ୍ରସଙ୍ଗରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି। ଏହା କଣ ପ୍ରାଥମିକ ଶିକ୍ଷକ ମାନଙ୍କ ମୂଳ ଦାୟିତ୍ୱ ବୋଲି ପ୍ରସଙ୍ଗ କରିଛନ୍ତି ପ୍ରାଥମିକ ଶିକ୍ଷକ। ନବଭାରତ ସାକ୍ଷରତା ଅଭିଯାନର ସରକାରୀ ଚିଠିରେ କେବଳ ପ୍ରାଥମିକ ଶିକ୍ଷକମାନଙ୍କ ସମ୍ପୃକ୍ତି କରାଇବା ନେଇ କୌଣସି ସ୍ପଷ୍ଟ ଉଲ୍ଲେଖ ନଥିବା ବେଳେ କେଉଁ ଆଧାରରେ ଜୋର ଜବରଦସ୍ତ ପ୍ରାଥମିକ ଶିକ୍ଷକମାନଙ୍କ ମୁଣ୍ଡରେ ଏହି ବୋଝ ଲଦି ଦିଆଯାଉଛି ଯାହା ବିଇଓଙ୍କ ଭୂମିକା ଉପରେ କଡ଼ା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଏହି ପ୍ରସଙ୍ଗକୁ ନେଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଶିକ୍ଷକମାନଙ୍କ ଦରମା ଏକ ସପ୍ତାହ ମଧ୍ୟରେ ନ ମିଳେ ତେବେ ଏହା ଶିକ୍ଷାଧିକରୀଙ୍କ ପ୍ରତି ମହଙ୍ଗା ସାବ୍ୟସ୍ତ ହେବ ବୋଲି କଡ଼ା ଚେତାବନୀ ଦେଇଛି ପ୍ରାଥମିକ ଶିକ୍ଷକ ସଂଘ। ଏନେଇ ବିଇଓ ବିଶ୍ୱମ୍ବର ମଲ୍ଲିକଙ୍କ ପତିକ୍ରିୟା ମିଳିପାରିନାହଁ।

## ଆଜି ଉନ୍ମୋଚିତ ହେବ ରଘୁ ସାହୁଙ୍କ 'ବାପାଙ୍କ କାନ୍ଧ'

ପାରାଦୀପ, ୩।୭ (ସମିସ): ସମକାଳର ପରିଚିତ କଥାକାର ରଘୁ ସାହୁଙ୍କ ଚତୁର୍ଥ ଗଳ୍ପ ସଙ୍କଳନ 'ବାପାଙ୍କ କାନ୍ଧ' ଶନିବାର ପାରାଦୀପ ନେହରୁ ବଙ୍ଗଳା ଠାରେ ଉନ୍ମୋଚନ ହେବ। ଏହି ସନ୍ଧ୍ୟାକାଳୀନ ପୁସ୍ତକ ଉନ୍ମୋଚନ ଉତ୍ସବରେ କଥାକାର ଡ. ଗୌରହରି ଦାସ, କେନ୍ଦ୍ର ସାହିତ୍ୟ ଅକାଡେମୀ ପୂର୍ବାଞ୍ଚଳର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ, କବି ପିତାମ୍ବର ତରାଇ, କଥାକାର ଡ. ଅରବିନ୍ଦ ରାୟ, ବିଷ୍ଣୁ ସାହୁ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, କଥାକାର ବ୍ରହ୍ମାନନ୍ଦ ବିଶ୍ୱାଳ, ନାଟ୍ୟକାର ଶ୍ରୀମନ ମିଶ୍ର, କଥାକାର ସନ୍ତୋଷ ସାମଲ, ସାହିତ୍ୟିକ ସବିତା ମହାପାତ୍ର ଓ ପ୍ରାବନ୍ଧିକ ଡ. କେଶବ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେବେ ବୋଲି ଉକ୍ତ ଗଳ୍ପ ସଂକଳନର ପ୍ରକାଶକ ଆଦିତ୍ୟ ଭାରତର ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟ ପ୍ରକାଶ କରିଛନ୍ତି।

## ମହନି ରାଉତ ବାଲିକୁଦା ବ୍ଲକ କଂଗ୍ରେସ ସଭାପତି



ଜଗତସିଂହପୁର/ବାଲିକୁଦା, ୩।୭ (ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ କଂଗ୍ରସ ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହନି ଚରଣ ରାଉତ ନିଯୁକ୍ତି ପାଇଛନ୍ତି। ଅରିଲୋ ପଞ୍ଚାୟତର ତିନିଥର ସରପଞ୍ଚ ଏବଂ ଜୋନ-୧ର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଭାବେ ଜନସେବାର ଅଭିଜ୍ଞତା ରଖିଥିବା ଶ୍ରୀ ରାଉତ ପୂର୍ବରୁ ଜିଲ୍ଲା କଂଗ୍ରେସର ଉପସଭାପତି ଭାବେ ମଧ୍ୟ ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ। ଗତକାଲି ତାଙ୍କ ନାମକୁ ପ୍ରଦେଶ କଂଗ୍ରେସ ସଭାପତି ଘୋଷଣା କରିଛନ୍ତି ବୋଲି ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ ସୂଚନା ଦେଇଛନ୍ତି। ଏଥିସହ ଜିଲ୍ଲାର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିରେ କଂଗ୍ରେସ ଦଳ ତାର ସଭାପତି ଚୟନ ପ୍ରକ୍ରିୟା ଶେଷ କରିଛି। ବାଲିକୁଦା, ଜଗତସିଂହପୁର ଓ କୁଜଙ୍ଗ ବ୍ଲକକୁ ବାଦଦେଲେ ଅନ୍ୟ ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିର କମିଟି ଗଠନ ହୋଇସାରିଛି। ଆଗାମୀ ଏକ ମାସ ମଧ୍ୟରେ ଅନ୍ୟ ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିରେ ଅସମ୍ପୂର୍ଣ୍ଣ ଥିବା ପଞ୍ଚାୟତ କମିଟି, ଜୋନ ସଭାପତି ଓ ବ୍ଲକ କମିଟି ଗଠନର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲା ସଭାପତି ସମସ୍ତ ସଭାପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଫ୍ରେଣ୍ଡଲି ଯୋଗ କ୍ଲବର ସମ୍ମିଳନୀ

ପାରାଦୀପ, ୩।୭ (ସମିସ): ଫ୍ରେଣ୍ଡଲି ଯୋଗ କ୍ଲବ ପାରାଦୀପ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ କପିଳମୁନି ଆଶ୍ରମ, ମଧୁବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ବିଭୂତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଏବଂ ସେମାନଙ୍କର ପରିବାରବର୍ଗ ଯୋଗ ଦେଇଥିଲେ। ଏହା ଏକ ଭାଇଚାରାର ସମ୍ପର୍କ ସୃଷ୍ଟି କରିବା ସହ ସମସ୍ତେ ସମସ୍ତଙ୍କ ପରିବାର ସହିତ ମିଶିବାର ସୁଯୋଗ ସୃଷ୍ଟି କରିଥିଲା।ଏହି ଅବସରରେ କପିଳମୁନି ଆଶ୍ରମର ତତ୍ତ୍ୱାବଧାରକ ଦୁଇଜଣ ସାଧୁ ସନ୍ଥ ନାରାୟଣ ମିଶ୍ର ଏବଂ ସନ୍ଥ ମାନସ ମିଶ୍ରଙ୍କୁ ଯୋଗ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଥ ଦ୍ୱୟ ଯୋଗ ପରିବାରର ସମସ୍ତ ସଦସ୍ୟମାନଙ୍କୁ ଆଶୀର୍ବାଦ କରିବା ସହ କ୍ଲବର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।

## ପାରାଦୀପରେ ପଲ୍ସ ପୋଲିଓ ଅଭିଯାନ

ପାରାଦ୍ୱୀପ, ୩।୭ (ସମିସ): ଏଏମ୍/ଏନ୍‌ଏସ୍ ପୋର୍ଟସ୍ ପକ୍ଷରୁ ଭାରତ ସରକାରଙ୍କ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ କରାଯାଇଛି। ୨୮ ରୁ ୩୦ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନ ବିଜୁ ମେମୋରିଆଲ୍ ହସ୍ପିଟାଲ ସହଯୋଗରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍‌ଏସ୍ ପୋର୍ଟସ୍ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଟିକାକରଣ କେନ୍ଦ୍ରଗୁଡ଼ିକୁ ଭ୍ୟାକ୍ସିନ୍ କ୍ୟାରିୟର୍ ଯୋଗାଇବା ସହ ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲା। ଏହି ଅଭିଯାନ ଅବଧି ମଧ୍ୟରେ, ୧୯ଟି ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନରେ ପାଞ୍ଚ ବର୍ଷରୁ କମ୍ ବୟସର ସମୁଦାୟ ୬, ୫୫୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ପାରାଦୀପର ବିଜୟଚନ୍ଦ୍ରପୁର, ଷଣ୍ଢକୁଦ, ନେହେରୁ ବଙ୍ଗଳା, ଅଠରବାଙ୍କି, ପାରାଦୀପ ସମୁଦ୍ର ବେଳାଭୂମି ଏବଂ ବଜାର ଅଞ୍ଚଳ ଭଳି ବିଭିନ୍ନ ବସ୍ତି ଅଞ୍ଚଳରେ ଏଏନ୍‌ଏମ୍, ଅଙ୍ଗନବାଡ଼ି କର୍ମୀ, ଆଶା ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନଗୁଡ଼ିକ ସହିତ ଏଏମ୍/ଏନ୍‌ଏସ୍ ପୋର୍ଟସର ସିଏସଆର ଟିମ୍ ନିରନ୍ତର ପରିଶ୍ରମ କରି ଏହି ଅଭିଯାନକୁ ସଫଳ କରିଥିଲେ। ପୋର୍ଟସ୍ ପକ୍ଷରୁ କମ୍ପାନୀର କନଭେୟର ବେଲ୍ଟ ଲାଇନ୍ ଅଞ୍ଚଳ ଅନ୍ତର୍ଗତ ଲକପଡ଼ା ଟ୍ରାଞ୍ଜିଟ୍ ପଏଣ୍ଟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକାର ଉପାଧକ୍ଷା ଛବିଲତା ରାଉତଙ୍କ ସମେତ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଅଧିକାରୀମାନେ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବସନ୍ତ କୁମାର ବାରିକ ଏବଂ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଚିକିତ୍ସକ ଡା. ଆସିଫ୍ ଇକବାଲ୍‌ଙ୍କ ସହ ହସ୍ପିଟାଲର କର୍ମଚାରୀ ଓ ସ୍ୱେଚ୍ଛାସେବୀ ମିଳିତ ଭାବେ ସମଗ୍ର ପଲ୍ସ ପୋଲିଓ ଅଭିଯାନର ତଦାରଖ କରିଥିଲେ।

## ଓଜେସି ସଭାପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ଜଗତସିଂହପୁର, ୩।୭ (ସମିସ): ଓଡ଼ିଶାରେ ନୂତନ ଭାବେ ଗଢ଼ି ଉଠିଥିବା ରାଜନୈତିକ ଦଳ ଓଡ଼ିଶା ଜନତା କଂଗ୍ରେସ (ଓଜେସି)ର ସଭାପତି ମହମ୍ମଦ ମୋକିମଙ୍କୁ ଜଗତସିଂହପୁର ଜିଲ୍ଲାର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ସ୍ଥିତ ସତ୍ୟନଗର କାର୍ଯ୍ୟାଳୟରେ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଜଗତସିଂହପୁର ଜିଲ୍ଲାରୁ ନୂତନ ଭାବେ ରାଜ୍ୟ ସଙ୍ଗଠନର ସମ୍ପାଦକ ଦାୟିତ୍ୱ ନେଇଥିବା ତପନ କୁମାର ରାଉତରାୟ, ଜଗତସିଂହପୁର ଜିଲ୍ଲା ସଭାପତି ସତ୍ୟଦୀପ ବିଶ୍ୱାଳ ଓ ଅନ୍ୟ ସଂଗଠକ ମାନଙ୍କ ସହିତ ପହଞ୍ଚି ରାଜ୍ୟ ସଭାପତିଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଜିଲ୍ଲାସ୍ତରରେ ସଂଗଠନକୁ ମଜଭୁତ କରିବା ଏବଂ ଜନସାଧାରଣଙ୍କ ମନରେ ନୂତନ ଆଶାର ସଞ୍ଚାର କରିବା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଯୁବଶକ୍ତିକୁ ନେଇ ଆଗେଇବା ସହିତ ନୂତନ ପିଢ଼ିର ଯୁବକ ଯୁବତୀମାନଙ୍କୁ ନେଇ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ସାକ୍ଷାତକାର ପରିପ୍ରେକ୍ଷୀରେ ରାଜ୍ୟର ବରିଷ୍ଠ ଉପ ସଭାପତି ବଦ୍ରୀନାରାୟଣ ମହାନ୍ତି, ମଧୁ ମହାନ୍ତି, ଶ୍ରୀକାନ୍ତ ସାମନ୍ତ ରାୟ ଓ ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦର ଦୁଇ କର୍ମଚାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ପାରାଦୀପ, ୩।୭ (ସମିସ): ପାରାଦୀପ ପୋର୍ଟ କ୍ଲବ୍ ପକ୍ଷରୁ ଶଙ୍କର ଚନ୍ଦ୍ର ମଲ୍ଲିକ ଏବଂ ମନମୋହନ ସାହୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କ୍ଲବର ସଭାପତି ଦିଲ୍ଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଉଭୟ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ସହିତ ଉପହାର ପ୍ରଦାନ କରାଯାଇଥିଲା। ଉଭୟ କର୍ମଚାରୀ ତାଙ୍କ ଚାକିରି କାଳ ମଧ୍ୟରେ ବନ୍ଦରର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସୂଚାରୁ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ। ପାରାଦୀପ ବନ୍ଦରର କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଦୀର୍ଘ ୨୫ ବର୍ଷ ଧରି ଆର୍ଥଲେଟିକ୍, ଫୁଟବଲ୍ ଓ ବ୍ୟାଡମିଟନ୍ ଖେଳ ପ୍ରଦର୍ଶନ କରି ସଫଳତାର ସହ ପାରାଦୀପ ବନ୍ଦର ପାଇଁ ଗୌରବର୍ଜନ କରିଛନ୍ତି। କ୍ଲବ୍‌ର ସମ୍ପାଦକ ତ୍ରିଗୁଣାତିତ୍ତ ବିଶ୍ୱାଳ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ବିନୟ କୁମାର ସ୍ୱାଇଁ, ପାରାଦୀପ ବନ୍ଦର ପ୍ରାଧିକରଣର ପୂର୍ବତନ ଟ୍ରଷ୍ଟି ପରେସ ମୁର୍ମୁ, ଉପସଭାପତି ସଞ୍ଜୟ କୁମାର ସେଠୀ, ସତ୍ୟଜିତ୍ ବେହେରା, ହଟ୍ଟକିଶୋର ସେଠୀ, ସହ ସମ୍ପାଦକ ଶିବ ଶଙ୍କର ମହାପାତ୍ର, ଅନୀଲ କୁମାର ଆଚାର୍ଯ୍ୟ, କୋଷାଧକ୍ଷ ବିକାଶ କୁମାର ସାହୁ ଏବଂ ପୋର୍ଟ କ୍ଲବ୍‌ର ଅନ୍ୟାନ୍ୟ ସମସ୍ତ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।





## ନିର୍ବାହୀ ଯନ୍ତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରଘୁନାଥପୁର, ୩।୭ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଉପଖଣ୍ଡ ଆର୍‌ଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ ସରକାରୀ ସେବାରୁ ଅନ୍ତର ହୋଇଛନ୍ତି। ଏହି ଉପଲକ୍ଷେ ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରଘୁନାଥପୁର, ତିର୍ତ୍ତୋଲ ଓ ବିରିଡି ବ୍ଲକ ଆରଡବ୍ଲୁଏସଏସ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ମନୋରଞ୍ଜନ ଦେହୁରୀ, ସ୍ୱାଗତିକା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ଦାଶ, ପ୍ରମୋଦ କୁମାର ପରିଡ଼ା, ଚିନ୍ମୟୀ ସାହୁ, ପ୍ରତ୍ୟୁଷ ସ୍ୱାଇଁ, ପ୍ରିୟଙ୍କା ସ୍ୱାଇଁ, ଅଭିଲିପ୍ସା ଷଡଙ୍ଗୀ, ଜ୍ୟୋସ୍ନାରାଣୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ବାହୀ ଯନ୍ତ୍ରୀ ସେଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସେ ତାଙ୍କ ବିଦାୟକାଳୀନ ବକ୍ତବ୍ୟରେ ଅଧିକାରୀ ଓ ଅଧସ୍ତନ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆବଶ୍ୟକ ସ୍ଥଳେ ସେ ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ରଖିଥିଲେ। ଏଥିରେ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ● ରହସ୍ୟରେ ରହିଗଲା କାରଣ

## ସହପାଠୀଙ୍କୁ ଆକ୍ରମଣ ଘଟଣାର ଆପୋଷ ସମାଧାନ!

ବାଲିକୁଦା, ୩।୭ (ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଅରିଲୋ ପଞ୍ଚାୟତର ମାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଦ୍ୱାରା ଅନ୍ୟ ଜଣେ ସହପାଠୀଙ୍କ ବେକରେ ଧାରୁଆ ଅସ୍ତ୍ରରେ ଆକ୍ରମଣ ଘଟଣା ଦୁଇ ଦିନ ପରେ ନୂଆ ପ୍ରଶ୍ନ ଉଠିଛି। ପୂର୍ବରୁ ମିଳିଥିବା ସୂଚନା ଓ ବର୍ତ୍ତମାନ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମଧ୍ୟରେ ଥିବା ଅସଙ୍ଗତିକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ବଢ଼ିଛି। ଘଟଣା ଦିନ ପ୍ରାର୍ଥନା ସଭାରେ ଘଟିଥିବା ଏହି ଘଟଣାକୁ ନେଇ ସ୍ପଷ୍ଟ କାରଣ କିଛି ଜଣାପଡ଼ିନି। ସେତେବେଳେ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଦେବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ବନିତା ଦାସ ପରବର୍ତ୍ତୀ ସମୟରେ ସୂଚନା ଦେବେ ବୋଲି କହିଥିଲେ। ଏବେ ଦୁଇ ଦିନ ପରେ ପ୍ରଧାନ ଶିକ୍ଷୟିତ୍ରୀ ବନିତା ଦାସ କହିଛନ୍ତି ଯେ କେଉଁ ଧାରୁଆ ଅସ୍ତ୍ରରେ ଓ କେଉଁ କାରଣରୁ ଛାତ୍ର ଆକ୍ରମଣ କଲେ, ସେ ସମ୍ପର୍କରେ ସେ ଅବଗତ ନାହାନ୍ତି। ଉଭୟ ଛାତ୍ର ଭଲ ସାଙ୍ଗ ଥିଲେ ବୋଲି ସେ କହିଛନ୍ତି। ତାଙ୍କ କହିବା ଅନୁସାରେ ଆହତ ଛାତ୍ରଙ୍କୁ ସତର୍କତାମୂଳକ ଭାବେ ଚିକିତ୍ସା ପାଇଁ ମେଡିକାଲ ନିଆଯାଇଥିଲା। ଉଭୟ ପରିବାର ମଧ୍ୟରେ ଏହାକୁ ନେଇ ଆପୋଷ ସମାଧାନ ହୋଇଯାଇଛି। ଘଟଣା ପରେ ବାଲିକୁଦା ଥାନା ପକ୍ଷରୁ କୁହାଯାଇଥିଲା ଯେ ଏ ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ମିଳିନଥିବାରୁ ମାମଲା ରୁଜୁ ହୋଇନାହିଁ। ଅଭିଯୋଗ ମିଳିଲେ ତଦନ୍ତ କରାଯିବ ବୋଲି ପୁଲିସ ସ୍ପଷ୍ଟ କରିଥିଲା। ଏହି ପ୍ରସଙ୍ଗରେ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ବର ମଲ୍ଲିକଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର କହିଛନ୍ତି ଯେ ସେ ଏହି ଘଟଣା ସମ୍ପର୍କରେ ପୂର୍ବରୁ ଅବଗତ ନଥିଲେ। ତେବେ ଘଟଣାର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଏହାର ଆପୋଷ ସମାଧାନ ଘଟଣରାକୁ ନେଇ ନାନା କଥା ଶୁଣିବାକୁ ମିଳୁଛି।

### ● ଡ୍ରେନ୍ ଉପରେ ବେଆଇନ୍ ଘର ନିର୍ମାଣ

## ଅସରାଏ ବର୍ଷାରେ ଉବୁଟୁବୁ ହେଉଛି ଅଞ୍ଚଳ

ପାରାଦୀପ, ୩।୭ (ସମିସ): ପାରାଦୀପ ଗଡ଼ ଗ୍ରାମପଞ୍ଚାୟତ ଅଧୀନ ୬ ନମ୍ବର ୱାର୍ଡରେ ବେଆଇନ ଭାବେ ଜବର ଦଖଲ ବଢ଼ି ଚାଲିଛି। ଲୋକେ ଡ୍ରେନ୍ ଉପରେ ବେଆଇନ ଘର ନିର୍ମାଣ କରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅସୁବିଧାରେ ପକାଉଛନ୍ତି। ଅସରାଏ ବର୍ଷା ହେଲେ ଜଳାଜାର୍ଣ୍ଣ ହୋଇପଡୁଛି ଅଞ୍ଚଳ। ଇଡ୍‌କୋ ଡ୍ରେନ ଉପରେ ଏହି ବେଆଇନ ଭାବରେ ଘର ନିର୍ମାଣ ହୋଇଥିବା କାରଣରୁ ଡ୍ରେନରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବା ଫଳରେ ଅସରାଏ ବର୍ଷା ହେଲେ ଏହି ଅଞ୍ଚଳରେ ପାଣି ଲହଡି ଖେଳୁଛି। ଯାହାକୁ ନେଇ ଯେତେ ଅଭିଯୋଗ କଲେବି କିଛି ସୁଫଳ ମିଳୁନାହିଁ। ସୂଚନା ଅନୁଯାୟୀ ପାରାଦୀପ ଗଡ଼ ଗ୍ରାମପଞ୍ଚାୟତର ୬ ନମ୍ବର ୱାର୍ଡ ସତ୍ୟପ୍ରିୟା ଆଇସ ପ୍ଲାଣ୍ଟ ନିକଟରେ କିଛି ଲୋକ ବେଆଇନ ଭାବରେ ଇଡ୍‌କୋ ଡ୍ରେନେଜ ଉପରେ ନିଜର ଘର ତିଆରି କରିଛନ୍ତି। ଯାହା ଫଳରେ ବର୍ଷାଜଳ ନିଷ୍କାସନର ପ୍ରମୁଖ ରାସ୍ତା ପାଲଟିଥିବା ଏହି ଡ୍ରେନ୍ ପୋତିହୋଇଯିବା ଫଳରେ ବର୍ଷା ଦିନ ଆସିଲେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ସ୍ଥାନୀୟ ପଞ୍ଚାୟତ ଅଧିକାରୀ, ସରପଞ୍ଚଙ୍କ ସହିତ ବିଭିନ୍ନ ଦପ୍ତରରେ ଅଭିଯୋଗ କରିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଚଳିତ ବର୍ଷର ବର୍ଷା ଆସିବା ପୂର୍ବରୁ ଅସରାଏ ଦୁଇ ଅସରା ବର୍ଷା ହେଲେ ଏହି ଅଞ୍ଚଳ ପୋଖରୀ ସଦୃଶ ପାଲଟୁଛି। ଯାହାକୁ ନେଇ ଇଡ଼କୋ ଅଧିକାରୀଙ୍କୁ ଯେତେ ଅଭିଯୋଗ ଜଣାଇଲେ ମଧ୍ୟ ଏହାର କିଛି ସୁଫଳ ମିଳିପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଯଦି କେହି ଏ ନେଇ ପ୍ରତିବାଦ କରୁଛି ତେବେ ବେଆଇନ ଘର ନିର୍ମାଣ କରିଥିବା ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ଯଥାଶୀଘ୍ର ଇଡ୍‌କୋ କର୍ତ୍ତୃପକ୍ଷ ଏ ନେଇ ଦୃଷ୍ଟି ଗୋଚର କରିବା ସହିତ ଜବରଦଖଲ ଡ୍ରେନେଜ ଲାଇନ୍‌କୁ ଖୋଲିବାକୁ ସାଧାରଣ ରେ ଦାବି ଜୋର ଧରିଛି।

# ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ଜଗତସିଂହପୁର, ୩।୭ (ସମିସ)



ଆଜି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ୪ ଗୋଟି ବିଭାଗ ବକ୍ତୃତା, ପ୍ରବନ୍ଧ, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଦୁଇଗୋଟି ବିଭାଗ କନିଷ୍ଠ ବର୍ଗ ('କ') ଓ ବରିଷ୍ଠ ବର୍ଗ ('ଖ') ରେ ଅନୁଷ୍ଠିତ ହୋଇଥିଲା। 'କ' ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଗତସିଂହପୁରର ଷଷ୍ଠ ଶ୍ରେଣୀ ଛାତ୍ରୀ ଦିବ୍ୟାଂଶୀ ନାୟକ ବକ୍ତୃତାରେ, ନରେନ୍ଦ୍ରନାଥ ଉପ୍ରା ବିଦ୍ୟାଳୟ, ପୁନଙ୍ଗ ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରଣତୀ ଭୋଇ ପ୍ରବନ୍ଧରେ, ସରସ୍?ତୀ ଶିଶୁ ବିଦ୍ୟା ମନ୍ଦିର, ଚାଷୀଖଣ୍ଡର ସପ୍ତମ ଶ୍ରେଣୀର ଛାତ୍ରୀ ଭୂମିଜା ରଥ କବିତା ଆବୃତ୍ତିରେ, ସରକାରୀ ଉପ୍ରା ବିଦ୍ୟାଳୟ, ଆଶ୍ରମପଟଣାର ସପ୍ତମ ଶ୍ରେଣୀ ଛାତ୍ର ଓମକାର ଦାଶ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି 'ଖ' ବିଭାଗରେ ଗାଦିବ୍ରହ୍ମ ବିଦ୍ୟାପୀଠ, କାଦୁଆପଡ଼ାର ଦଶମ ଶ୍ରେଣୀ ଛାତ୍ର ଭକ୍ତିପ୍ରସାଦ ପରିଡ଼ା ବକ୍ତୃତାରେ, ସରକାରୀ ଉଚ୍ଚ ବିଦ୍ୟାଳୟ, ଆମ୍ବଶାଳର ଦଶମ ଶ୍ରେଣୀର ଛାତ୍ରୀ ସମୀକ୍ଷା ରାଉତ ପ୍ରବନ୍ଧରେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋରକରାର ଅଷ୍ଟମ ଶ୍ରେଣୀ ଛାତ୍ରୀ ମୌସିମ୍ ମହାନ୍ତି କବିତା ଆବୃତ୍ତିରେ, ବଟବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପାଟେଣୀଗାଁର ଦଶମ ଶ୍ରେଣୀ ଛାତ୍ର ପ୍ରତୀକ ଗୌରବ ନାୟକ, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା କନିଷ୍ଠ ବର୍ଗର ଛାତ୍ରଛାତ୍ରୀ ଆସନ୍ତା ୧୨ ତାରିଖ ଓ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀ ୧୯ ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟଠାରେ ଏକତ୍ରିତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସ୍ୱନକ୍ଷତ୍ର ଦିବସ ୨୫ ତାରିଖ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ଆଜି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସୁକାନ୍ତ କିଶୋର ରାୟ, ନିକୁଞ୍ଜ କିଶୋର ବେହେରା, ଡ. ଜ୍ୟୋତିର୍ମୟୀ ମହାନ୍ତି, ନଗେନ ପଣ୍ଡା, ବିଜୟ କୁମାର ରଥ, ସାଗରମୟ ସ୍ୱାଇଁ, କୈଳାଶ ଚନ୍ଦ୍ର ପରିଡ଼ା, ଉମାକାନ୍ତ ନାୟକ, ଶରତ ଚନ୍ଦ୍ର ବାରିକ, ପ୍ରତାପ କେଶରୀ ମହାପାତ୍ର, ଅତୁଲ ବିକ୍ରମ ପ୍ରଧାନ ଓ ସୁକାନ୍ତ କୁମାର ଲେଙ୍କା ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତା ଶେଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ସମ୍ବିତ କୁମାର ରାଉତ ମୁଖ୍ୟ ଅତିଥି ଏବଂ ଜିଲ୍ଲା ଆପାତକାଳୀନ ବିଭାଗର ଡେପୁଟୀ କଲେକ୍ଟର, ଅନିଶା ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

● ଅନ୍ତର୍ଜାତୀୟ ମ୍ୟାଟସୋଗିଡୋ ପ୍ରତିଯୋଗିତା

# ସ୍ୱର୍ଣ୍ଣପଦକ ଜିତିଲେ ଜେଏମପି ମଡେଲ ସ୍କୁଲ ଛାତ୍ର



କାମାକ୍ଷାନଗର,୩।୭(ସମିସ): ନୂଆଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ ମ୍ୟାଟସୋଗିଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି କାମାକ୍ଷାନଗର ସହରସ୍ଥିତ ଜେଏମପି ମଡେଲ ସ୍କୁଲ ଛାତ୍ର ତ୍ରିଶଙ୍କ ବେହେରା। ୮ ବର୍ଷରୁ କମ ବାଳକ ବର୍ଗରେ ତ୍ରିଶଙ୍କ ଏହି ସଫଳତା ହାସଲ କରିଛନ୍ତି। ସେ ନୂଆଦିଲ୍ଲୀରୁ ଫେରିବା ପରେ ସ୍କୁଲ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ ଅଧ୍ୟକ୍ଷ ଦୀନେଶ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଅଧ୍ୟାପିକା ତଥା ସହରର ଅଗ୍ରଣୀ ସାମାଜିକ ସଂଗଠନ ବିଦ୍ୟୁତପ୍ରଭା ଫାଉଣ୍ଡେସନ ଅଧ୍ୟକ୍ଷା ଲିପ୍ସା ପ୍ରଧାନ ଯୋଗଦେଇ ତ୍ରିଶଙ୍କଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଆହୁରି ଉନ୍ନତମାନର କ୍ରୀଡ଼ା ପ୍ରଦର୍ଶନ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି ସେ କହିଥିଲେ।

## ମଠକରଗୋଳା ମହାବିଦ୍ୟାଳୟରେ ବନ ମହୋତ୍ସବ



ଭୁବନ,୩।୭(ସମିସ): ମଠକରଗୋଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ବନ ମହୋତ୍ସବ ପାଳନ ଶୁଭାରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ପ୍ରଥମେ ଚାରାରୋପଣ କରିଥିଲେ। ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ଆମ୍ବ, ନିମ୍ବ, ଅର୍ଜୁନ, କରଞ୍ଜ ଓ ଅନ୍ୟାନ୍ୟ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଚାରାରୋପଣ ଓ ପରିବେଶ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଇଥିଲା। ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୋମନାଥ ପଣ୍ଡା ଓ ଶ୍ରଦ୍ଧାଞ୍ଜଳି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନବସୃଜନ, ନୂତନ ଉଦ୍ୟୋଗ ପ୍ରତିଯୋଗିତା ନିମନ୍ତେ ସଚେତନତା



ଢେଙ୍କାନାଳ,୩।୭(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟରେ ନବସୃଜନ ଏବଂ ନୂତନ ଉଦ୍ୟୋଗ ପ୍ରତିଯୋଗିତା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରହ୍ଲାଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ସଂଯୋଜିକା ଅଧ୍ୟାପିକା ଡ. ଗୀତାଞ୍ଜଳି ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପକ ସୌମ୍ୟକାନ୍ତ ସାହୁ ପ୍ରତିଯୋଗିତାର ନୀତିନିୟମ, ବିଭିନ୍ନ ପ୍ରକାରର ନୂତନ ଉଦ୍ୟୋଗ ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ଅବଗତ କରାଇଥିଲେ। ଏହାସହ ସରକାରଙ୍କର ଦ୍ୱାରା ପ୍ରଦତ୍ତ ପୁରସ୍କାର ରାଶିର ସୂଚନା ପ୍ରଦାନ କରାଯାଇଥିଲା। ଏଥିସହ ଛତୁଚାଷ, ମାଛଚାଷ ଏବଂ ବିଭିନ୍ନ ଉଦ୍ୟୋଗ ଦ୍ୱାରା ଅଞ୍ଚଳରେ ପ୍ରସିଦ୍ଧି ଅର୍ଜନ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ସଫଳତା ବିଷୟରେ ସୂଚନା ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ଲୋପାମୁଦ୍ରା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସସ୍ମିତା ଶତପଥୀ, ମମତା ପଣ୍ଡା, ଅଧ୍ୟାପକ ରଞ୍ଜନ ମହାପାତ୍ର, କାଳନ୍ଦି ଚରଣ ପଣ୍ଡା, କାମାକ୍ଷା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ରଥଖଳାରେ ନାହାକ ପୂଜା

ଢେଙ୍କାନାଳ,୩।୭(ସମିସ): ସ୍ଥାନୀୟ ରଥଗଡା ସ୍ଥିତ ରଥଖଳାରେ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଜୋରଦାର ଭାବେ ଆଗେଇ ଚାଲିଛି। ଶୁକ୍ରବାର ରଥର ଛାଟେଣି କାର୍ଯ୍ୟ ସହ ବିଧିବିଧାନ ଅନୁଯାୟୀ ନାହାକ ପୂଜା ଓ ଅର୍ଚ୍ଚନା ସମ୍ପନ୍ନ ହୋଇଥିଲା। ପୂଜା ପରେ ପରମ୍ପରା ଅନୁଯାୟୀ ଚାରି ନାହାକ ଉଠାଯାଇଥିଲା। ଏହି ଅବସରରେ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ବିଶ୍ୱକର୍ମା ଅଶୋକ ମହାପାତ୍ର ଓ ସନ୍ତୋଷ ଓଝାଙ୍କ ଉପସ୍ଥିତିରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ରଥ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କାରିଗରମାନେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଜଣାପଡ଼ିଛି।



# ସ୍ମାର୍ଟ ମିଟର ପ୍ରଚଳନକୁ ନେଇ ତୀବ୍ର ଉତ୍ତେଜନା

## ଶତାଧିକ ବିଦ୍ୟୁତ୍ ଉପଭୋକ୍ତାଙ୍କ ଅସନ୍ତୋଷ



ଢେଙ୍କାନାଳ,୩।୭(ସମିସ): ସ୍ଥାନୀୟ କୁଞ୍ଜକାନ୍ତ ଅଞ୍ଚଳରେ କେତେକ ଉପଭୋକ୍ତାଙ୍କ ଘର ସହ ବ୍ୟବସାୟ ପ୍ରତିଷ୍ଠାନରେ ବିଦ୍ୟୁତ ବିଭାଗ ପକ୍ଷରୁ ଜୋରଜବରଦସ୍ତ ସ୍ମାର୍ଟ ମିଟର ଲଗାଇବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଶତାଧିକ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସହିତ ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରିବା ସହିତ ବିଭିନ୍ନ ସ୍ଥାନରେ ସଂଯୋଗ କରାଯାଇଥିବା ସ୍ମାର୍ଟ ମିଟର ଓ ବିଦ୍ୟୁତ ଖୁଣ୍ଟରେ ଥିବା ଏଲ୍‌ଟିଏସ୍‌ବି ବାକ୍ସକୁ ହାତୁଡ଼ିରେ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଏଥିସହ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଓ ଶତାଧିକ ଉପଭୋକ୍ତା ମିଳିତ ହୋଇ ବିଦ୍ୟୁତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀଙ୍କୁ ଘେରାଉ କରି ତୀବ୍ର ବିରୋଧ କରିଥିଲେ।

ସ୍ଥାନୀୟ ଔଷଧ ବ୍ୟବସାୟୀ ପ୍ରଦୋଷ କୁମାର ମହାପାତ୍ରଙ୍କ ଅଭିଯୋଗ ମୁତାବକ ତାଙ୍କ ଘରେ ପୁରୁଣା ମିଟର ଠିକ୍ ଭାବେ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ବିଭାଗ କର୍ମଚାରୀମାନେ ହଠାତ୍ ଆସି ମିଟରକୁ ଖରାପ ଦର୍ଶାଇ ସ୍ମାର୍ଟ ମିଟର ଲଗାଇଥିଲେ। ସେ ନିୟମିତ ବିଲ୍ ପୈଠ କରୁଥିବା ସତ୍ତ୍ୱେ ବଳପୂର୍ବକ କିପରି ସ୍ମାର୍ଟ ମିଟର ଲଗାଯାଉଛି ବୋଲି ପ୍ରଶ୍ନ ଉଠାଇଥିଲେ। ସହରରେ ବିଦ୍ୟୁତ ବିଭାଗ ବିଭିନ୍ନ ସମସ୍ୟା ସମାଧାନ ନ କରି କିପରି ସ୍ମାର୍ଟ ମିଟର ପ୍ରଚଳନ କରାଗଲା ସେ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର କହିଛନ୍ତି ଯେ ଉପଭୋକ୍ତାଙ୍କ ସହମତି ବିନା ସ୍ମାର୍ଟ ମିଟର ସ୍ଥାପନ କରାଯିବାକୁ କମିଟି ବିରୋଧ କରୁଛି। ଭିତ୍ତିଭୂମି ସୁଦୃଢ଼ ନ କରି ସ୍ମାର୍ଟ ମିଟର ନ ଲଗାଇବାକୁ ପୂର୍ବରୁ ଜିଲ୍ଲାପାଳଙ୍କ ଉପସ୍ଥିତରେ ଆଲୋଚନା ହୋଇଛି। ମାତ୍ର କୌଣସି ସମାଧାନ ନ କରି ଟାଟା ପାୱାର କିପରି ମନଇଚ୍ଛା ସ୍ମାର୍ଟ ମିଟର ଲଗାଉଛି ସେ ନେଇ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ସିଭିଲ୍ କୋର୍ଟ ପରିସରରେ ଥିବା ସଭାଗୃହରେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି, ସର୍କଲର ଅଧିକ୍ଷଣ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ମାର୍ଟ ମିଟର ପ୍ରଚଳନର ସମାଧାନ ନିମନ୍ତେ ଆଲୋଚନା କରାଯାଇଥିଲା।

● ଲୋକଙ୍କ ସରକାରରେ ବିକାଶର ନଗ୍ନଚିତ୍ର

# ବାଜିରେ ଲାଗିଛି କୁନି ପିଲାଙ୍କ ଜୀବନ

## କାଦୁଅ ପଚପଚ ରାସ୍ତାରେ ତିନି କିଲୋମିଟର ଚାଲୁଛନ୍ତି



ଗଁଦିଆ,୩।୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକରେ ଦେଖିବାକୁ ମିଳିଛି ବିକାଶର ନଗ୍ନଚିତ୍ର। ସ୍କୁଲକୁ ଯିବା ପାଇଁ ଛୋଟ ଛୋଟ ଛାତ୍ରଛାତ୍ରୀଙ୍କୁ ନାଳ ପାରି ହେବା ସହ ପ୍ରାୟ ଦୁଇରୁ ତିନି କିଲୋମିଟର କାଦୁଅ ରାସ୍ତାରେ ଚାଲିବାକୁ ପଡୁଛି। ମାତ୍ର ବର୍ଷା ହେଲେ ନାଳରେ ପାଣି ବଢ଼ିଯାଉଥିବାରୁ ପିଲାଙ୍କ ପାଇଁ ସ୍କୁଲ ଯିବା ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଉକ୍ତ ଦୃଶ୍ୟ ଦେଖିବାକୁ ମିଳିଛି । ଗଁଦିଆ ବ୍ଲକଅନ୍ତର୍ଗତ ଖଣ୍ଡବନ୍ଧ ଗ୍ରାମ ପଞ୍ଚାୟତର ଇଛାପୁର ନୁଆସାହି ୩ନମ୍ବର ୱାର୍ଡ ଓ ଖଙ୍କିରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପିମ୍ପୁଡ଼ିଆ ପଡା ଗ୍ରାମର ଛାତ୍ରଛାତ୍ରୀମାନେ ପ୍ରତିଦିନ ଜୀବନକୁ ବାଜି ଲଗାଇ ସ୍କୁଲକୁ ଯାଉଛନ୍ତି। ସ୍କୁଲରେ ପହଞ୍ଚିବା ପାଇଁ ସେମାନଙ୍କୁ ପ୍ରଥମେ ଯାଉଥିବା ଉକ୍ତ ରାସ୍ତାରେ ଥିବା ଏକ ନାଳ ପାରି ହେବାକୁ ପଡୁଛି।ଏହା ପରେ କାଦୁଅ ଭରା ରାସ୍ତାରେ ପ୍ରାୟ ଦୁଇରୁ ତିନି କିଲୋମିଟର ଚାଲି ଚାଲି ଯାଇ ଇଚ୍ଛାପୁର ଉଚ୍ଚ ପ୍ରାଥମିକ ସ୍କୁଲରେ ପହଞ୍ଚୁଛନ୍ତି। ସାମାନ୍ୟ ତମ ବର୍ଷା ହେଲେ ଉକ୍ତ ନାଳରେ ପାଣି ବଢ଼ିଯାଉଥିବାରୁ ପିଲାମାନଙ୍କ ପାଇଁ ସ୍କୁଲ ଯିବାବର୍ଷା ଦିନେ ଏକ ପ୍ରକାର ସମ୍ପୂର୍ଣ୍ଣ ବନ୍ଦ ହୋଇଥାଏ। ଫଳରେ ସେମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଥାଏ ସେହିପରି ଉକ୍ତ ରାସ୍ତା ସାରା କାଦୁଅ ଥିବାରୁ ପିଲାମାନେ ଯାତାୟତ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହା ଫଳରେ ଉକ୍ତ ଆଦିବାସୀ ଜନଜାତି ବହୁଳ ଉକ୍ତ ଦୁଇ ପଡା ଗ୍ରାମର ଏହି କୁନି କୁନି ପିଲା ମାନଙ୍କର ଭବିଷ୍ୟତ ଏକ ପ୍ରକାର ଅନ୍ଧାର ମଧ୍ୟକୁ ଦିନକୁ ଦିନ ଠେଲି ହୋଇ ଯାଉଛି ହୁଏତ ଆଗାମୀ ଦିନରେ ଏମାନଙ୍କ ମଧ୍ୟରୁ କିଏତ ହେଲେ ଦିନେ ନିଜକୁ ସାମାଜିକ କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ଗଢି ତୋଳିବା ଉକ୍ତ ଗ୍ରାମର ଗ୍ରାମବାସୀ ମାନଙ୍କ କହିବା ଅନୁଯାୟୀ, ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। କେବଳ ନିର୍ବାଚନ ସମୟରେ ଅନେକ ନେତା ଆସନ୍ତି ଅନେକ ପ୍ରତିଶୃତି ଦିଅନ୍ତି ତୁରନ୍ତ ଏହି ନାଳ ଉପରେ ଏକ ପୋଲ ନିର୍ମାଣ ସହିତ ସବୁଦିନିଆ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରାଯିବ କିନ୍ତୁ ଭୋଟ ସରିଗଲା ପରେ ଆଉ କାହାର ଦେଖା ମିଳେନି କି ନେତା ମାନେ ଦେଇଥିବା ପ୍ରତିଶୃତି କେବଳ ପ୍ରତିଶୃତିରେ ହିଁ ରହିଯାଏ। ସେହିପରି ଉକ୍ତ ଉକ୍ତ ଇଛାପୁରନୁଆସାହିର ଭତା ଧାରୀମାନେ ଏହି ପଥ ଦେଇଗଲା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହୋଉଥିବାର ଦେଖିବାକୁ ମିଳିଥାଏ। ସ୍ୱାସ୍ଥ୍ୟ ସେବା କଥା ନକହିବା ଭଲ ଆମ୍ବୁଲାନ୍ସ ଆସିଲେ ନାଳର ଅପର ପାର୍ଶ୍ୱରେ ଅଟକି ରହେ ବାଧ୍ୟ ହୋଇ ଗ୍ରାମବାସୀ ମାନେ ଖଟିଆରେ ବୋଲି କରି ନାଳ ପାରିହୋଇ ଗାଡି ପାଖକୁ ଆଣିବାକୁ ପଡିଥାଏ ନାଳ ଉପରେ ଶୀଘ୍ର ଏକ ପୋଲ ନିର୍ମାଣ କରାଗଲେ ଶିକ୍ଷା କ୍ଷେତ୍ରରେ ଥିବା ସମସ୍ୟା ଦୂରାହେବା ଶହ ସ୍କୁଲକୁ ପିଲାଙ୍କ ସହ ସ୍ଥାନୀୟ ଲୋକମାନେ ମଧ୍ୟ ଯାତାୟାତରେ କ୍ଷେତ୍ରରେ ବିଶେଷ ଉପକୃତ ହୋଇ ପାରିବେ। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଯେ ସ୍କୁଲ ପିଲାଙ୍କ ସୁରକ୍ଷା ଓ ଶିକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ କେବେ ପଦକ୍ଷେପ ନେବ। ଏହି ଅଞ୍ଚଳର ଦୀର୍ଘଦିନର ଦାବି ପୋଲ ନିର୍ମାଣ ସହିତ ରାସ୍ତା ଟିର ପୁନଃରୁଦ୍ଧାର ପୂରଣ କରିବ। ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ହିନ୍ଦୋଳ ରୋଡ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଖଜୁରିଆକଟା,୩।୭(ସମିସ): ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ଠାରେ ହିନ୍ଦୋଳ ରୋଡ ରଥଯାତ୍ରା ନିମନ୍ତେ ପ୍ରଶାସନିକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଅତିରିକ୍ତ ତହସିଲଦାର ସୁରେନ୍ଦ୍ର କୁମାର ମୁଦୁଲି, ହିନ୍ଦୋଳ ରୋଡ ବଜାର କମିଟି ସଭାପତି ବିଶ୍ୱଜିତ ଦେହୁରୀ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ରାମବଳ ପଣ୍ଡା ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅଧିକାରୀ ମାନେ ଶାନ୍ତି ଶୃଙ୍ଖଳା ସହିତ ରଥଯାତ୍ରା ପାଳନ ନିମନ୍ତେ ସମସ୍ତ ସଦସ୍ୟ ମାନଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା ଠାରୁ ବାହୁଡା ଯାତ୍ରା ଶେଷ ପର୍ଯ୍ୟନ୍ତ ହିନ୍ଦୋଳ ରୋଡ ବଜାର ମଧ୍ୟରେ ଆମିଷ କାରବାର ବନ୍ଦ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା।

## ବୃକ୍ଷମାଳା ଯୋଜନାରେ ରୋପିତ ଚାରା ସମ୍ପୂର୍ଣ୍ଣ ନଷ୍ଟ

ପରଜଙ୍ଗ,୩।୭(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ବନାଞ୍ଚଳ ଡିହଡୋଳ ସେକ୍ସନ ଅନ୍ତର୍ଗତ ପରଜଙ୍ଗ ବ୍ଲକ ଡମୋଳ ଗ୍ରାମ ବ୍ରାହ୍ମଣୀ ନଦୀ ପଠାରେ ୨୦୨୩ ସେପ୍ଟେମ୍ବରରେ ବୃକ୍ଷମାଳା ଯୋଜନାରେ ୧୧ ଶହ ବିଭିନ୍ନ କିସମର ଚାରାରୋପଣ ହୋଇଥିବା ବେଳେ ଗୋଟିଏ ବି ଗଛ ବନ ବିଭାଗ ବଞ୍ଚାଇ ପାରିଲା ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ସବୁ ଗଛ ମରିଯାଇଥିବା ଅଭିଯୋଗ ହୋଇଛି। ଦିନକୁ ଦିନ କଳକାରଖାନା, ଖଣିଖାଦାନ ପାଇଁ ହଜାର ହଜାର ଗଛ କଟାଯାଉଥିବା ବେଳେ ବନ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ବହୁଳ ଅର୍ଥ ବ୍ୟୟ କରାଯାଇ ଚାରାରୋପଣ କରାଯାଇଛି। ତେବେ ବନ କର୍ମଚାରୀମାନେ କେବଳ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ି ବାହାବା ନେଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ପରବର୍ତ୍ତୀ ସମୟରେ ସମସ୍ତ ଚାରା ନଷ୍ଟ ହୋଇଯାଉଛି। ଡମୋଳ ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ତତ୍କାଳୀନ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ, ମହିବିରୋଡ ବନାଞ୍ଚଳ ଅଧିକାରୀ, ଡିହଡୋଳ ସେକ୍ସନ ବନପାଳଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଲକ୍ଷାଧିକ ଟଙ୍କା ବ୍ୟୟରେ ୧୧ ଶହ ଚାରାରୋପଣ ହୋଇଥିଲା। ତେବେ ସେଠାରେ ଆଉ ଗୋଟିଏ ହେଲେ ଗଛ ଦେଖିବାକୁ ମିଳୁନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟାଳୟରେ ବନ ମହୋତ୍ସବ

ଗଁଦିଆ,୩।୭(ସମିସ): ରାଜ୍ୟ ବନ ପୁରସ୍କାର ଓ ପ୍ରକୃତି ମିତ୍ର ପୁରସ୍କାରରେ ବିଭୂଷିତ ଗଁଦିଆ ବ୍ଲକର ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗଡରେ ବନ ମହୋତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନ୍ୟାକୁମାରୀ ଭୂତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ପରିବେଶବିତ୍ ବିଜୟ କୁମାର ସାମନ୍ତ ମଣିଷ ଜୀବନରେ ବୃକ୍ଷଲତାର ଉପକାର ଅବର୍ଣ୍ଣନୀୟ ହୋଇଥିବାରୁ ସୁସ୍ଥ ସମାଜ ଗଠନ ପାଇଁ ପ୍ରଚୁର ପରିମାଣରେ ଚାରା ରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବେଶ କ୍ଲବ୍ ତଥା ଶକ୍ତି କ୍ଲବ୍‌ର ମାର୍ଗ ଦର୍ଶକ ଅଭୟ କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ହରିହର ସାହୁ ସୁସ୍ଥ ସମାଜ ଗଠନ ପାଇଁ ସୁନ୍ଦର ପରିବେଶ ଏକାନ୍ତ ରୂପେ ଆବଶ୍ୟକ। ଏଣୁ ସୁନ୍ଦର ପରିବେଶ ପାଇଁ ବନ ମହୋତ୍ସବ ସପ୍ତାହରେ ଚାରା ରୋପଣ କରି ନିଜେ ବଞ୍ଚିବା ସହିତ ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ ଅନୁରୋଧ। ବିଶିଷ୍ଟ ଅତିଥି ଭାବେ ପଞ୍ଚ ସଖା ଶିକ୍ଷା ସେତୁର ସଭାପତି ତୁଷାର କାନ୍ତ ବରାଳ, ଷଡ଼ଙ୍ଗୀ ଫରେଷ୍ଟର ବିରେନ୍ଦ୍ର ଦେହୁରୀ ଜଙ୍ଗଲର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ, ଶିକ୍ଷୟିତ୍ରୀ ଦିପିକା ପଡିଆରୀ, ତପସ୍ୱିନୀ ସାହୁ ପ୍ରଜ୍ଞାସିନୀ ଶତପଥୀ, ଶିକ୍ଷକ ଅରୁଣ ଧାରୁଆ, ଅମୂଲ୍ୟ ବେହେରା କର୍ମଚାରୀ ଗୋବର୍ଦ୍ଧନ ବେହେରା, ବନ କର୍ମଚାରୀ ସ୍ୱାଗତିକା ରାଉତଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ପରିସରରେ ଶତାଧିକ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଷଡ଼ଙ୍ଗୀ ବନାଞ୍ଚଳର କର୍ମଚାରୀ ବୃନ୍ଦ ଉପସ୍ଥିତ ହୋଇ ସହଯୋଗ କରିଥିଲେ।




## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପରଜଙ୍ଗ,୩।୭(ସମିସ): ଢେଙ୍କାନାଳ ଜିଲ୍ଲା ମହାବିରୋଡ ଥାନା ମହାବିରୋଡ ପେଟ୍ରୋଲ ପମ୍ପ ନିକଟ ପୂର୍ତ୍ତ ବିଭାଗ ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦପୁର ଗାଁର ବିପିନି ସାହୁ (୪୫)। ବିପିନି କୌଣସି କାମରେ ଗଡ଼ପଳାଶୁଣି ଯାଇ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ କଟା।ଯାଇଥିବା ଗଛ ମୂଳରେ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ମୃତଦେହ ଜବତ କରିବା ସହ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନାଯୋଗ୍ୟ, ଉକ୍ତ ରାସ୍ତା ସମ୍ପ୍ରସାରଣ ସମୟରେ ଉଭୟ ପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛ କଟାଯାଇଥିଲା। ଗଛଗୁଡ଼ିକର ମୂଳ ଖଣ୍ଡଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲେ ମଧ୍ୟ ପୂର୍ତ୍ତ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଏ ଦିଗରେ ଜିଲ୍ଲାପାଳ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଦାବି ହୋଇଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହାଘୋଟାଲା

# ଖବର ପ୍ରକାଶ ପରେ ପୁଣି ଲାଗିଲା ହିତାଧିକାରୀ ତାଲିକା

## ତାଲିକାରେ ରହିଛି ପୂର୍ବରୁ ଆବାସ ପାଇଥିବା ଓ କୋଠାଘର ଥିବା ଲୋକଙ୍କ ନାଁ

## ଯୋଗ୍ୟ ହିତାଧିକାରୀଙ୍କ ନାମ ଗାଏବ, ଟଙ୍କା ନ ଦେବାରୁ ବାଦ ପଡ଼ିଲେ ଗରିବ



ହିନ୍ଦୋଳ,୩।୭(ସମିସ)

ହିନ୍ଦୋଳ ଉପଖଣ୍ଡରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପଞ୍ଚାୟତ କାର୍ଯ୍ୟାଳୟ ଓ ଗ୍ରାମ କୋଠାଘରଗୁଡ଼ିକରେ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ତାଲିକା ପୁନର୍ବାର ଲଗାଯାଇଥିବା ଦେଖିବାକୁ ମିଳିଛି। ତେବେ ଏହି ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କ ନାମ ନ ଥିବା ବେଳେ ପୂର୍ବରୁ ଆବାସ ପାଇଥିବା ଓ କୋଠାଘର ଥିବା ଲୋକଙ୍କ ନାଁ ରହିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୨ ବର୍ଷ ହେବ ଘର ଖଣ୍ଡିଏ ପାଇବା ପାଇଁ ଆଶାବାନ୍ଧି ବସିଥିବା ଗରିବ ଲୋକଙ୍କୁ ପୁଣି ନିରାଶ ହେବାକୁ ପଡ଼ିଛି। ତାଲିକା ଅନୁଯାୟୀ, କିଛି ହିତାଧିକାରୀ ଆବାସ ଗୃହ ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାଁ ବାଦ୍ ପଡ଼ିଛି। ହାତଗୁଞ୍ଜା ଦେଇପାରି ନ ଥିବାରୁ ଜାଣିଶୁଣି ସେମାନଙ୍କୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଏପରିକି ୨ ମହଲା କୋଠାଘର ଥିବା ବ୍ୟକ୍ତିଙ୍କ ନାମ ତାଲିକା ରହିଛି।

ବ୍ଲକର ବିଭିନ୍ନ ପଞ୍ଚାୟତରେ ତଦନ୍ତ କରିଥିବା ଅଧିକାରୀଙ୍କ ଦ୍ୱାରା ହୋଇଛି ଏହି ମହାଦୁର୍ନୀତି। ଯେଉଁ ଗରିବ ହିତାଧିକାରୀ ହାତଗୁଞ୍ଜା ଦେଇ ନ ପାରିଛି ସେମାନଙ୍କ ନାମ ତାଲିକାରେ ନାହିଁ ବୋଲି ହିତାଧିକାରୀମାନେ ହିନ୍ଦୋଳ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରେ ହୋଇଥିବା ବେଳେ ଠୋକର, ନୂଆବଗ, ଦୁଦୁରୁକୋଟ, ପାଟଳା, ବାବନ୍ଧ, ମହାଲୁଣ୍ଡା ଆଦି ପଞ୍ଚାୟତର ଶହ ଶହ ହିତାଧିକାରୀ ଆସି ସେମାନଙ୍କ ନାମ ଆବାସ ତାଲିକାରେ ନ ଥିବା ଅଭିଯୋଗ କରିଛନ୍ତି। ଠୋକର ପଞ୍ଚାୟତ ନୂଆ ଗ୍ରାମର ସସ୍ମିତା ସାମଲଙ୍କର କୌଣସି ପକ୍କାଘର ନ ଥିବା ବେଳେ ସେ ଆବାସ ଯୋଜନାରେ ଆବେଦନ କରିଥିଲେ। ପଞ୍ଚାୟତ ଅଧିକାରୀ ତଦନ୍ତ କରିବା ପାଇଁ ଗ୍ରାମକୁ ଯାଇଥିଲେ। ତାଙ୍କର କୌଣସି ଘର ନାହିଁ, ସେ ଖଜୁରିଆକଟାରେ ଭଡ଼ାରେ ରହୁଥିବା ନେଇ ଅଧିକାରୀଙ୍କୁ କହିଥିଲେ। ତେବେ ଅଧିକାରୀ ଜଣକ ଉତ୍କ୍ଷିପ୍ତ ହୋଇ ୧୦ ହଜାର ଟଙ୍କା ଦେଲେ ତୁମକୁ ଘର ମିଳିବ ବୋଲି କହିଥିଲେ। ଏବେ ଟଙ୍କା ନାହିଁ, ତାଲିକାରେ ନାଁ ଆସିବା ପରେ ଟଙ୍କା ଦେବେ ବୋଲି ସସ୍ମିତା କହିଥିଲେ। ହେଲେ ତାଙ୍କ ନାଁ ଆବାସ ଯୋଜନା ତାଲିକାରୁ କାଟିଦିଆଯାଇଥିବା ନେଇ ସସ୍ମିତା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

କେବଳ ସସ୍ମିତା ନୁହନ୍ତି, ଟଙ୍କା ଦେଇପାରି ନ ଥିବାରୁ ଉକ୍ତ ପଞ୍ଚାୟତର ବହୁ ହିତାଧିକାରୀଙ୍କ ନାମ ତାଲିକାରୁ କାଟି ଦିଆଯାଇଥିବା ଅଭିଯୋଗ ହେଉଛି। କିଛିଦିନ ପୂର୍ବରୁ ହିନ୍ଦୋଳ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲେ ସୁଦ୍ଧା ଏଯାଏ ଏହାର ତଦନ୍ତ ହୋଇପାରିଲା ନାହିଁ। ଏ ନେଇ ହିନ୍ଦୋଳ ବିଡିଓ କଲ୍ୟାଣ ସୌରଭ ଦାସଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ଆବାସ ଯୋଜନା ତାଲିକାରେ ନାମ ନ ଥିବା ନେଇ ବହୁ ହିତାଧିକାରୀ ଅଭିଯୋଗ କରୁଛନ୍ତି। ଆମ ହାତରେ କିଛିନାହିଁ, ଉପରୁ ନିର୍ଦ୍ଦେଶ ଆସିଲେ ସେମାନଙ୍କର ପୁନର୍ବାର ତଦନ୍ତ କରାଯିବ। ଅଧିକାରୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ସ୍ୱତନ୍ତ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଦନ୍ତା ଖାଇଦେଲା ବିହନ ଧାନ

ଖଜୁରିଆକଟା,୩।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ଗ୍ରାମ ପଞ୍ଚାୟତ ଅଧିନସ୍ଥ ସାନ ହିନ୍ଦୋଳ ଗ୍ରାମରେ ହାତୀର ଉତ୍ପାତ ଦେଖିବାକୁ ମିଳିଛି। ଘଟଣାରୁ ଜଣାପଡ଼ିଛି ୩ ତାରିଖ ରାତ୍ର ୨ ଘଟିକା ସମୟେ ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟ ରାସ୍ତା ଦେଇ ଦୁର୍ଯ୍ୟୋଧନ ସାହୁଙ୍କ ଅଗଣାରେ ୩ ଟି ହାତୀ ପଶିଥିଲେ। ସେଥି ମଧ୍ୟରୁ ଗୋଟିଏ ଦନ୍ତା ଓ ଅନ୍ୟ ଦୁଇଟି ମାଇ ହାତୀ ଥିଲେ।

ହାତୀଗୁଡ଼ିକ ଘର ଅଗଣାରେ ଲଗାଯାଇଥିବା କଦଳୀ ଗଛ ଖାଇ ଛାରଖାର କରିବା ସହ ବାଉଁଶ ତାଟି ବେଢ଼ା ଚାଳଛପର ଘରେ ସାଇତି ରଖିଥିବା ବିହନ ଧାନ। ବର୍ଷ ପାଇଁ ସାଇତି ରଖିଥିବା ୪ ବସ୍ତା ଧାନ ଓ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ବାହାରକୁ ନେଇ ଖାଇବା ସହିତ ଫୋପାଡି ଦେଇଛନ୍ତି। ଏଥି ସହିତ ଘରେ ରଖିଥିବା ଭାତ ତୋରାଣି ଖାଇସାରି ବାସନ ଗଡ଼ାଇ ଦେବାର ଶବ୍ଦ ଶୁଣି ଦୁର୍ଯ୍ୟୋଧନ ଓ ତାଙ୍କ ସ୍ତ୍ରୀ ସୁଫଳା ସାହୁ ନିଦରୁ ଉଠି ଦେଖିଲେ ହାତୀ ସବୁ ଦୁଆରେ ଛିଡ଼ା ହୋଇଛନ୍ତି। ହାତୀ ମାନଙ୍କୁ ଦେଖି ଭୟରେ ଫୋନ୍‌ରେ ନିଜର ପୁତୁରା ବବୁଲ୍ ସାହୁଙ୍କୁ ଆସିବାକୁ ଡାକିଥିଲେ। ବବୁଲ ଅନ୍ୟମାନେ ସାଥିରେ ଆସିଲା ବେଳକୁ ହାତୀ ମାନେ ପାଟି ଶୁଣି ପଳେଇ ଗଲେ। ତେବେ ଚାଳଛପର ଘରେ ରହୁଥିବା ଦୁର୍ଯ୍ୟୋଧନ ସାହୁଙ୍କୁ ସରକାରଙ୍କ ପକ୍ଷରୁ ପକ୍କା ଘର ଖଣ୍ଡିଏ ମିଳିଲେ ସେ ସୁରକ୍ଷିତରେ ରହିପାରନ୍ତା ଆଲୋଚନା ହେଉଛି।

# ସମୁଦ୍ର ମାଡ଼ରେ ଘାଇଲା ୧୬ ଗାଁ

**ଛତ୍ରପୁର,୩।୭(ସମିସ):** ପୋଡମପେଟା ପରେ ଏବେ ଗଞ୍ଜାମ ଉପକୂଳର ଆଉ ୧୬ଟି ଗାଁ ଉପରେ ସମୁଦ୍ରର କରାଳ ଛାୟା ଘନେଇଛି। ଦିନକୁ ଦିନ ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡ଼ି ଆସୁଥିବା ବେଳେ କୂଳ କ୍ଷୟ ଅସ୍ୱାଭାବିକ ଗତିରେ ବଢୁଛି। ଭିଟାମାଟି, ଚାଷଜମି ଓ ଝାଉଁ ଜଙ୍ଗଲ ସମୁଦ୍ରରେ ଲୀନ ହେଉଥିବାରୁ ପାଳିବନ୍ଧ ଓ ରାମଗଡ଼ ପଞ୍ଚାୟତର ହଜାର ହଜାର ଲୋକ ଆତଙ୍କରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଜିଲ୍ଲାପାଳ ସ୍ଥାୟୀ ପଦକ୍ଷେପର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେହି ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳକୁ ଯିବା ରାସ୍ତା ଖୋଳି ପ୍ରବେଶ ନିଷେଧ କରାଯିବା ଘଟଣାକୁ ନେଇ ସ୍ଥାନୀୟଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ସ୍ଥାୟୀ ସମୁଦ୍ର ସୁରକ୍ଷା ବ୍ୟବସ୍ଥା ବିଳମ୍ବ ହେଲେ ପୋଡମପେଟା ପରି ଆଉ କିଛି ଗାଁ ମାନଚିତ୍ରରୁ ଲିଭିଯିବା ଆଶଙ୍କା ପ୍ରକାଶ ପାଇଛି। ଦୈନିକ ଜଳପତନ ବୃଦ୍ଧି ସାଙ୍ଗକୁ ଜଳବାୟୁର ପରିବର୍ତ୍ତନ ଯୋଗୁଁ ଏବେ ସମୁଦ୍ରର ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡି ଆସୁଛି। ଫଳରେ ଏବେ ଦୈନିକ କୂଳ ଲଙ୍ଘିବା ଘଟଣା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲାର ଉପକୂଳ ଦିନକୁ ଦିନ ସମୁଦ୍ର କୂଳ ଲଘୁଛି। ସମୁଦ୍ରର ଏହି କରାଳ ରୂପ ପାଇଁ ଗଞ୍ଜାମ ବ୍ଲକର ଦୁଇ ପଞ୍ଚାୟତର ୧୬ଖଣ୍ଡ ଗ୍ରାମବାସୀ ଭୟଭିତ ଅବସ୍ଥାରେ ରହିଛନ୍ତି। ପୋଡମପେଟାର ଗୋଟିଏ ପରେ ଗୋଟିଏ ଘର ସମୁଦ୍ରରେ ଲୀନ ହେବା ପରେ କୂଳ ଏବେ ଖାଇ ଖାଇ ଗୋଟିଏ ପରେ ଗୋଟେ ଗାଁକୁ ମାଡି ଚାଲିଛି। ଝାଉଁ ବଣ ସାଙ୍ଗକୁ ଜମି ଆସି ଜୀବନ ଜୀବିକା ବିପଦରେ ରହିଛି। ଏନେଇ






ବାରମ୍ବାର ଖବର ପ୍ରସାରଣ ପରେ ଗ୍ରାମବାସୀଙ୍କୁ ଡାକି ସେମାନଙ୍କ ସହ ଆଲୋଚନା କରିବା ସହ ବିହିତ ପଦକ୍ଷେପ ନେବାପାଇଁ ଆଜି ଅପରାହ୍ନରେ ପ୍ରତିଶ୍ରୁତି ଦେଇଥିଲେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ। ସନ୍ଧ୍ୟାରେ ତରବର ହୋଇ ସେଠାକୁ ଯିବାକୁ ଥିବା ରାସ୍ତାକୁ ଖୋଳି ଅବରୋଧ କରିଦେଇଛି ଜିଲ୍ଲା ପ୍ରଶାସନ। ଆଉ ଏହାକୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ସମୁଦ୍ର କୂଳ ଲଘିଂବାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳ ବୈଠକ ଡାକି ପ୍ରଥମେ ପ୍ରତିଶ୍ରୁତି ଦେଲେ ଏବଂ ପରେ ସ୍ଥାୟୀ ସମାଧାନ କରିବା ପରିବର୍ତ୍ତେ ସେଠାକୁ ଯିବାକୁ ଥିବା ରାସ୍ତା ଖୋଳି ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା କରି ଦିଆଯାଇଛି। ଫଳରେ ସମୁଦ୍ରର କୂଳ ଲଘିଂବା ଘଟଣାକୁ ଅଜ୍ଞାତରେ ଅଞ୍ଚଳ ବାସୀ ମାନେ ରହିବେ। ଆସୁଥିବା ବିପଦକୁ ଆଗରୁ ଜାଣିବା ପରିବର୍ତ୍ତେ ହଠାତ ବିପଦକୁ ଆମନ୍ତ୍ରଣ କରାଯାଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଦିନକୁ ଦିନ ସମୁଦ୍ର ଗ୍ରାସୁଛି ଭିଟାମାଟି, ସମୁଦ୍ର ଏହି କରାଳ ରୂପ ଆଗରେ ହାର ମାନୁଛି

**ଆତଙ୍କରେ ସମୁଦ୍ର ଉପକୂଳବାସୀ**

**ସ୍ଥାୟୀ ସୁରକ୍ଷା ଦାବିରେ ଉଠିଲା ସ୍ୱର**

**ଆଉ କେତେ ଗାଁକୁ ଗିଳିବ ସମୁଦ୍ର?**

**ପାଳିବନ୍ଧ-ରାମଗଡ଼ରେ ବଢୁଛି ଆତଙ୍କ**

**ଗ୍ରାମବାସୀଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ**

ମଣିଷର ଅସ୍ତିତ୍ୱ। ଦିନକୁ ଦିନ ଉଚ୍ଚ ଜୁଆର ସାଙ୍ଗକୁ ଲଙ୍ଘୁଛି ସମୁଦ୍ର। ଦିନେ ଗ୍ରାମରୁ ଦୁଇ କିମି ଥିବା ବେଳେ ଏବେ ଗାଁ ମୁହଁରେ ସମୁଦ୍ର। ଏହି ସମୁଦ୍ର ଆଁରେ ଲୀନ ହୋଇଯିବ କି ୧୬ ଖଣ୍ଡ ଗାଁ। ଗଞ୍ଜାମ ବ୍ଲକର ପାଳିବନ୍ଧ ପଚାଂୟତର ୯ ଖଣ୍ଡ ଗ୍ରାମ ଓ ରାମଗଡ ପଚାଂୟତର ୭ଖଣ୍ଡ ଗ୍ରାମବାସୀ ଏବେ ଜୀବନ ଓ ଜୀବକ ପାଇଁ ସଂଘର୍ଷ। ପୂର୍ବରୁ ପାଳିବନ୍ଧ ପଚାଂୟତର ପୋଡମପେଟାର ୫ଶହ ଘର ଥିବା ବେଳେ ଆଉ ମାତ୍ର କିଛି ହାତ ଗଣତି ଘର ରହିଛି। ଏବେ ଗୋଟେ ପରେ ଗୋଟେ ସମୁଦ୍ର ଆଁରେ ଲୀନ ହୋଇଗଲାଣି। ଯଦି ସେଠାରେ ଜନବସତି ନାହିଁ ତଥାପି ଏବେ ସମୁଦ୍ର କୂଳ ଅନ୍ୟ ଗାଁ ଆଡକୁ ମୁହାଇବାରେ ଲାଗିଛି, କୂଳ ଖାଇ ଖାଇ ଯାଉଛି। ନିଜ ଆଖି ଆଗରେ ଭିଟାମାଟି ଉଜୁଡି ଯାଉଥିବା ଦେଖି ସ୍ଥାନୀୟ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି। ଗତ କିଛି ଦିନ ହେବ ସମୁଦ୍ର ଅସ୍ୱାଭାବିକ ଭାବେ ଉଚ୍ଚ ଜୁଆର ଗାଁ ମୁହାଁ ହେଉଛି । ଜୁଆର ପ୍ରଖର ସ୍ରୋତ ସିଧାସଳଖ ଗାଁ ମଧକୁ ମାଡି ଆସୁଛି। ଏନେଇ ଯଦି ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେବେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତବାନୀ ଦେଇଛନ୍ତି। ଯେଉଁ ସମୁଦ୍ର ଦିନେ ଗାଁଠୁ ୨କିଲୋମିଟର ଦୂରରେ ଥିଲା ତାହା ଆଜି ଗାଁ ମୁହଁରେ। ଏପରିକି ପୋଡମପେଟା ହେଉଛି ଅଲିଭ ରିଡଲେ କଇଁଚଙ୍କ ଅଣ୍ଡାଦାନ ଏନ୍ତୁଡି ଶାଳ ରହିଥିଲା। ପ୍ରତିବର୍ଷ ୭ଲକ୍ଷ ଗଣ ଅଣ୍ଡାଦାନ ମଧ ହେଉଥିଲା। କିନ୍ତୁ ଚଳିତବର୍ଷ ଏଠି ଅଣ୍ଡାଦାନ ମଧ ହୋଇପାରିଲା ନାହିଁ । କୂଳ ନଷ୍ଟ ହେବା ସହ ସବୁ ଭାଙ୍ଗି ଚୁରମାର ହୋଇଗଲା । ଗ୍ରାମବାସୀଙ୍କ ଆନ୍ଦୋଳନ ଚେତବାନୀ ବାରମ୍ବାର ଖବର ପ୍ରସାରଣ ପରେ ଗଞ୍ଜାମ ଜିଲାପାଳ ଗ୍ରାମବାସୀଙ୍କୁ କାର୍ଯ୍ୟାଳୟକୁ ଡାକି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ୭ ରୁ ୮ ଖଣ୍ଡ ଗ୍ରାମର ଭଦ୍ରବ୍ୟକ୍ତି, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଜିଲ୍ଲାପାଳଙ୍କ ସହ ବହୁ ସମୟ ଧରି ଆଲୋଚନା ହୋଇଥିଲା । ଜିଲା ପ୍ରଶାସନ ପକ୍ଷରୁ ଏକ ଟିମ ସେଠାକୁ ଯାଇ ସ୍ଥିତି ପରଖିବା ସହ ଏକ ଡିପିଆର ପ୍ରସ୍ତୁତ କରିବେ ଏବଂ ତାହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ । ଗ୍ରାମବାସୀଙ୍କ ପକ୍ଷରୁ ତୁରନ୍ତ ପଥର ବନ୍ଧ ପକାଯିବାକୁ କହିଥିଲେ । ତୁରନ୍ତ ନକଲେ ଏବେ ବର୍ଷା ଲାଗି ରହିଛି ଗାଁ ଆଡକୁ ମାଡି ଆସିବ ଯଦି ପ୍ରଶାସନ ତୁରନ୍ତ ପଦକ୍ଷେପ ନନେବେ ଏହି ଆନ୍ଦୋଳନ ଉଗ୍ରରୂପ ନେବ ବୋଲି କୁହାଯାଇଛି । ଏପରିକି ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଏହା ଉପରେ ଚିଠି ଲେଖିଛନ୍ତି । ତୁରନ୍ତ ବୈଷୟିକ ଟିମ ଆସି ସ୍ଥିତି ପରଖିବା ସହ ବିହିତ ପଦକ୍ଷେପ ନେବାକୁ ଚିଠିରେ ଉଲେଖ କରିଛନ୍ତି । ଅନ୍ୟ ପକ୍ଷରେ ୨୦୨୨ ଅଗଷ୍ଟ ୧୦ ରେ ରାଜ୍ୟସରକାର ଓ ଚେହ୍ନାଇର ଏନଆଇଓଟି ସହ ଏମଓୟୁ ହୋଇଥିଲା। ଏହି ଟିମ ବୈଷୟିକ ସହାୟତା ପ୍ରଦାନ କରିବ କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । କେବଳ ଗଞ୍ଜାମ ବ୍ଲକର ପାଳିବନ୍ଧ ପଂଚାୟତ ସମୁଦ୍ର କୂଳ ଖାଉନି। ଛତ୍ରପୁର ବ୍ଲକର ଆର୍ଯ୍ୟପଲ୍ଲୀ ଅଂଚଳରେ ମଧ କୂଳ ଖାଉଛି। ବେଳ ଥାଉ ଥାଉ ଯଦି ତୁରନ୍ତ ପଦକ୍ଷେପ ନିଆନଯାଏ ତେବେ ପୋଡମପେଟା ଭଳି ଆଉ କିଛି ଗାଁ ସମୁଦ୍ର ଆଁରେ ଲୀନ ହୋଇଯିବ। ଏପରିକି ମାନଚିତ୍ରରୁ କିଛି ଗାଁ ସବୁଦିନ ପାଇଁ ଲିଭିଯିବ।

## ଅପହରଣ ଅଭିଯୋଗର ୪ ଘଣ୍ଟା ପରେ ଭୁବନେଶ୍ୱରରୁ ନାବାଳିକା ଉଦ୍ଧାର

**ନିମାପଡ଼ା, ୩।୭ (ସମିସ):** ନିମାପଡ଼ା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ଅପହରଣ ଅଭିଯୋଗର ଚାରି ଘଣ୍ଟା ଭିତରେ ପୁଲିସ ନାବାଳିକାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ନାବାଳିକାକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ଅପହରଣକାରୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ସମରେନ୍ଦ୍ର ପାଇକରାୟ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ଅଞ୍ଚଳ ର ଜଣେ ୧୫ ବର୍ଷୀୟା ନାବାଳିକା ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସାଇକେଲ ନେଇ ସ୍କୁଲ ନିକଟ ନିଜ ସାଙ୍ଗ ଘରକୁ ଗତ ୧ ତାରିଖ ବୁଧବାର ସକାଳ ୯ଟା ସମୟରେ ଆସିଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜା ଓ ସଂପର୍କୀୟଙ୍କ ଘର, ନାବାଳିକାର ସାଙ୍ଗସାଥୀ ଘର ଖୋଜି ନ ପାଇବାରୁ ଗତ ୨ ତାରିଖ ସନ୍ଧ୍ୟା ସମୟରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଅପହରଣକାରୀ ଭୁବନେଶ୍ୱର ପାତ୍ରପଡ଼ାର ଫୋନ୍ ମାଧ୍ୟମରେ ନାବାଳିକାଙ୍କ ପରିବାରକୁ ଧମକ ଦେବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲା। ନାବାଳିକା ପରିବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ସମରେନ୍ଦ୍ର ପାଇକରାୟ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ବେଳେ ନାବାଳିକାକୁ ଅପହରଣକାରୀ ଅପହରଣ କରି ଭୁବନେଶ୍ୱର ପାତ୍ରପଡ଼ାରେ ରଖିଥିବା ଖବର ପାଇ ନିମାପଡ଼ା ଥାନା ପୋଲିସ ସେଠାରେ ଚଢ଼ଉ କରି ଚାରି ଘଣ୍ଟା ମଧ୍ୟରେ ନାବାଳିକାକୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି।

**ପୀତବାସ ପଣ୍ଡା ହତ୍ୟା ମାମଲା**

## ଏସ୍‌ସିବି ପରିବର୍ତ୍ତେ ମଦନଙ୍କୁ ବ୍ରହ୍ମପୁର ଜେଲ୍‌କୁ ସ୍ଥାନାନ୍ତର ନିର୍ଦ୍ଦେଶ

**ବ୍ରହ୍ମପୁର, ୩।୭(ସମିସ):** ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ଆଇନଜୀବୀ ମଦନ ଦଳେଇଙ୍କୁ ଏମକେସିଜି ମେଡିକାଲରୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଏନେଇ ଦାଖଲ ପିଟିସନ ଉପରେ ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଅଭିଯୁକ୍ତ ମଦନ ଦଳେଇଙ୍କ ଗୋଡ଼ରେ ଦୀର୍ଘ ବର୍ଷ ପୂର୍ବେ ହୋଇଥିବା ଅସ୍ତ୍ରୋପଚାରରେ ସମସ୍ୟା ଦେଖାଦେଇଥିଲା। ଯାହାକୁ ନେଇ ସେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏନେଇ ଆବେଦନ ପରେ କୋର୍ଟଙ୍କ ଅନୁମତି ଅନୁଯାୟୀ ଗତ ମାର୍ଚ୍ଚ ୧୪ତାରିଖରେ ମଦନଙ୍କୁ ଏମକେସିଜି ମେଡିକାଲର ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା। ତେବେ ଦୀର୍ଘ ୩ ମାସ ପରେ ମଧ ବିଭିନ୍ନ କାରଣରୁ ମଦନଙ୍କ ଗୋଡ଼ରେ ଆବଶ୍ୟକ ଅସ୍ତ୍ରୋପଚାର ହୋଇପାରିଲା ନାହିଁ। ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ସରଞ୍ଜାମ ନଥିବାରୁ ଏଠାରେ ହୋଇପାରିନଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଦନଙ୍କୁ ଗୁରୁବାର କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର ପାଇଁ ଯୋଜନା ହୋଇଥିଲା। ତେବେ ଦୀର୍ଘମାସଧରି ଏମକେସିଜିରେ ବିନା ଚିକିତ୍ସାରେ



**ବିନା ଅସ୍ତ୍ରୋପଚାରରେ ୩ ମାସ ହେଲା ଥିଲେ ମେଡିକାଲରେ**

**କଟକ ସ୍ଥାନାନ୍ତରକୁ ପ୍ରତିବାଦ କରିବା ହେଲା ବୁମେରାଂ**

**ନିଜ ରିସ୍କରେ ମେଡିକାଲରୁ ଜେଲକୁ ସ୍ଥାନାନ୍ତର ନିର୍ଦ୍ଦେଶ**

ରହିବା ପରେ ପୁଣି ଏସସିବିରେ କିଭଳି ଚିକିତ୍ସା ହେବ ତାକୁ ନେଇ ମଦନ ସନ୍ଦେହରେ ପଡ଼ିଥିଲେ। ତେବେ ଏଥିପାଇଁ ସେ ସେଠାରେ ଜଣେ ବିଶେଷଜ୍ଞ ଡାକ୍ତରଙ୍କ ଜରିଆରେ ଚିକିତ୍ସା ହେବା ଓ ଏଥିପାଇଁ ସେଠାରେ ଆବଶ୍ୟକ ସରଞ୍ଜାମ ଉପଲବ୍ଧ ଅଛିକି ନାହିଁ ଲିଖିତ ଜାଣିବାକୁ ଚାହିଁ ଥିଲେ। ଏନେଇ ସେ ନିଜ ଓକିଲଙ୍କ ଜରିଆରେ କୋର୍ଟରେ ଆବେଦନ କରିଥିଲେ। ମଦନଙ୍କ ପ୍ରତିବାଦ ପରେ ତାଙ୍କୁ ଗତକାଲି କଟକ ସ୍ଥାନାନ୍ତର ନେଇ ହୋଇଥିବା ଉଦ୍ୟମ ସ୍ଥଗିତ ରହିଥିଲା। ଯଦିଓ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରାଯାଇଥିଲା ପରେ ପୁଣି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦିନକ ପାଇଁ ପୁନଃ ଭର୍ତ୍ତି କରାଯାଇଥିଲା। ତେବେ ଆଜି ମଦନଙ୍କ ପକ୍ଷରୁ ଦାଖଲ ପିଟିସନକୁ କୋର୍ଟ ଖାରଜ କରିବା ସହିତ ତାଙ୍କର ଗୋଡ ସମସ୍ୟା ବ୍ୟତୀତ ଅନ୍ୟ ସମସ୍ୟା ନଥିଲେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସା ପାଇଁ ସହମତି ପ୍ରକାଶ ନ କରିବାରୁ ନିଜ ରିସ୍କରେ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପିଟିସନର ଶୁଣାଣି ବେଳେ ମଦନଙ୍କ ପାଇଁ ଆଶ୍ରିତ ବେହେରା ଓ ଗଂଜନ ନାହାକ ଏବଂ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ପ୍ରସାଦ ମିଶ୍ର ମକାଦମା ପରିଚାଳନା କରିଥିଲେ। ଆଜି ବିଳମ୍ବିତ ରାତି ହୋଇଥିବାରୁ ମଦନ ଦଳେଇଙ୍କୁ ମେଡିକାଲରୁ ଜେଲକୁ ସ୍ଥାନାନ୍ତର କରାଯାଇ ନ ଥିବା ବେଳେ ଶନିବାର ପୂର୍ବାହ୍ଣରେ ତାଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ଜେଲକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ୬ରୁ ବୈତରଣୀ ସୁରକ୍ଷା ଅଭିଯାନ

**ଆନନ୍ଦପୁର ୩।୭ (ସମିସ):** ବୈତରଣୀ ନଦୀର ହତ୍ୟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗ। ଫଳରେ ଏହାର ସୁରକ୍ଷା ପାଇଁ ଆସନ୍ତା ୬ ତାରିଖରୁ ପଦଯାତ୍ରା ଆରମ୍ଭ ହେବ। କେନ୍ଦୁଝର ଜିଲ୍ଲା

**ଆନନ୍ଦପୁରରୁ ଲୋକଭବନ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ**

**ନଦୀ ହତ୍ୟା ନେଇ ରାସ୍ତାରେ ବ୍ୟାପକ ଜନସଚେତନତା ସୃଷ୍ଟି ଲକ୍ଷ୍ୟ**

**ବାଲି ଲୁଟ୍ ଓ ନଦୀ ସୁରକ୍ଷା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ**

ଆନନ୍ଦପୁରଠାରୁ ଭୁବନେଶ୍ୱର ଲୋକଭବନ ପର୍ଯ୍ୟନ୍ତ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ। ୯ ତାରିଖ ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚିବ। ସେହିଦିନ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବୈତରଣୀ ସୁରକ୍ଷା ପାଇଁ ହସ୍ତକ୍ଷେପ ଦାବି କରିବେ ପ୍ରତିନିଧିମଣ୍ଡଳୀ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ଆଜି ଏହି ସୂଚନା ଦେଇଛନ୍ତି।

କେନ୍ଦୁଝର ଜିଲ୍ଲା ଗୋନାସିକାରୁ ପ୍ରବାହିତ ବୈତରଣୀ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା



ଜିଲ୍ଲାକୁ ସମୃଦ୍ଧ କରିଛି। ବୈତରଣୀ ନଦୀ ହିଁ ସଭ୍ୟତାକୁ ଋଦ୍ଧିମନ୍ତ କରିଛି। ତେବେ ବୈତରଣୀ ନଦୀ ସମେତ ବିଭିନ୍ନ ନଦୀନାଳରୁ ବେଆଇନ ଭାବେ ପ୍ରତିଦିନ ବାଲି ଲୁଟ୍ ହେଉଛି। ଏହାର ପ୍ରଭାବ ନଦୀ ଉପରେ ପଡୁଛି। ବେଆଇନ ତଥା ବିନା ଲିଜରେ ଅବିଚାରିତ ଭାବେ ବାଲି ଉତ୍ତୋଳନ ଯୋଗୁଁ ନଦୀର ପ୍ରାକୃତିକ ଗତିପଥ ପରିବର୍ତ୍ତନ ହେଉଛି। ଫଳରେ ନଦୀକୂଳିଆ ଗାଁଲୋକେ ବର୍ଷାଦିନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମାଫିଆ-ପ୍ରଶାସନିକ କଳର କିଛି ବରିଷ୍ଠ ଅଧିକାରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହି ପଦଯାତ୍ରା ସମୟରେ ୬ ତାରିଖ ସନ୍ଧ୍ୟାରେ ପାଣିକୋଇଲି, ୭ ତାରିଖ ସନ୍ଧ୍ୟାରେ ଛତିଆ ଓ ୮ ତାରିଖ ସନ୍ଧ୍ୟାରେ ଫୁଲନଖରାଠାରେ ଏଲ୍‌ଇଡି ସ୍କ୍ରିନ ମଧ୍ୟରେ ନଦୀ ହତ୍ୟା ସମ୍ପର୍କିତ ସତ୍ୟ ଭିଡ଼ିଓ ପ୍ରଦର୍ଶିତ ହେବ ବୋଲି ଶ୍ରୀ ସାହୁ କହିଛନ୍ତି।

## ନର୍ଥ ଇଷ୍ଟ ଜୋନାଲ ବ୍ଲାଇଣ୍ଡ ଫୁଟବଲ: ମହିଳାଙ୍କୁ ସ୍ୱର୍ଣ୍ଣ, ପୁରୁଷଙ୍କୁ କାଂସ୍ୟ

**ଭୁବନେଶ୍ୱର, ୩।୭ (ସମିସ):** ଓଡ଼ିଶା ସରକାରଙ୍କ ଯୁବସେବା ବିଭାଗ ଓ ବୁଲ୍ସଆଇ ଓଡ଼ିଶାର ମିଳିତ ସହଯୋଗରେ ସ୍ଥାନୀୟ ୟୁନିଟ-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ୭ମ ପୁରୁଷ ଓ ୪ର୍ଥ ମହିଳା ନର୍ଥଇଷ୍ଟ ଜୋନାଲ ବ୍ଲାଇଣ୍ଡ ଫୁଟବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳକୁ ସ୍ୱର୍ଣ୍ଣ ଓ ପୁରୁଷ ଦଳକୁ କାଂସ୍ୟ ପଦକ ମିଳିଛି। ଏହି ପ୍ରତିଯୋଗିତାର ପୁରୁଷ ବିଭାଗରେ ୬ଟି ଓ ମହିଳା ବିଭାଗରେ ୩ଟି ଦଳ ଅଂଶଗ୍ରହଣ କରିଥିଲେ। ମହିଳା




ଫାଇନାଲରେ ପଦ୍ମିନୀ ଟୁଡୁଙ୍କ ଗୋଲ ବଳରେ ଓଡ଼ିଶା ୧-୦ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ସେହିପରି ପୁରୁଷ ଫାଇନାଲରେ ନାଗାଲାଣ୍ଡକୁ ୩-୦ ଗୋଲରେ ହରାଇ ମେଘାଳୟ ଚାମ୍ପିଅନ ହୋଇଥିଲା। ସ୍ୱତନ୍ତ୍ର ସଚିବ ଅଶୋକ କୁମାର ପଣ୍ଡା ଓ ସାଂକସନ ଅଫିସର ତ୍ରିଲୋଚନ ମିଶ୍ର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ପୂର୍ବତନ ମନ୍ତ୍ରୀ ଡ଼. ବଳଭଦ୍ର ମାଝୀଙ୍କ ପତ୍ନୀ ବିୟୋଗ

**ଭବାନୀପାଟଣା/ଲାଞ୍ଜିଗଡ଼, ୩।୭ (ସମିସ):** କଳାହାଣ୍ଡି ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀଙ୍କ ପତ୍ନୀ ଶ୍ରୀମତୀ ମାଝୀ (୫୭)ଙ୍କ ଗୁରୁବାର ବିଳମ୍ବିତ ରାତିରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡ଼ିକାଲରେ ପରଲୋକ ଘଟିଛି। ଦୀର୍ଘଦିନ ସେ ପକ୍ଷଘାତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ଶୁଣି ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ଶ୍ରୀମତୀ ମାଝୀ ଲାଞ୍ଜିଗଡ଼ ବ୍ଲକରେ ଗତ ୨୦୦୨ରୁ ୨୦୧୨ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷା ରହିଥିବାବେଳେ ୨୦୧୨ରୁ ୨୦୧୭ ଯାଏଁ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷା ରହିଥିଲେ। ବର୍ତ୍ତମାନ ସେ ଲାଞ୍ଜିଗଡ଼ ବ୍ଲକର କୁମଖାଲ ପଞ୍ଚାୟତର ସମିତି ସଭ୍ୟା ଭାବେ କାର୍ଯ୍ୟରତ ଥିଲେ। କଳାହାଣ୍ଡି ଜିଲ୍ଲା



ତଥା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଜଣେ ଦକ୍ଷ ରାଜନେତ୍ରୀ ଭାବେ ସେ ଜଣାଶୁଣା ଥିଲେ। ତାଙ୍କ ପରଲୋକରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପିସିସି ସଭାପତି ଭକ୍ତଚରଣ ଦାସ, ବିଜେପି ଜିଲ୍ଲା ସଭାପତି ଯୁଗଳ ପୋଢ଼, ବିଜେଡି ନେତା ଦିବ୍ୟାଶଙ୍କର ମିଶ୍ର, ଆପ୍ ନେତା ସତ୍ୟ ମହାରଙ୍କ ସମେତ ଅନେକ ବରିଷ୍ଠ ରାଜନୈତିକ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଫକୀର ମାଝୀ ମୁଖାଗ୍ନି ଦେଇଥିଲେ।

## ଓଡ଼ିଶାରେ ଆୟୋଜିତ ହେବ 'ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'




**ଭୁବନେଶ୍ୱର,୩।୭(ସମିସ):** ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରେରଣାଦାୟକ ସଫଳତାର କାହାଣୀକୁ ଜାତୀୟ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡ଼ିଶାରେ ଆୟୋଜିତ ହେବ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆର୍‌ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକ୍ସନ୍ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ପ୍ରତି ଚଳଚ୍ଚିତ୍ରର ଅବଧି ସର୍ବାଧିକ ୫ ମିନିଟ୍ ରହିବା ସହ ଚଳିତ ବର୍ଷର ବିଷୟ 'ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତାର କାହାଣୀ' ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟର ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ମିଡିଆ ଛାତ୍ରଛାତ୍ରୀ ଓ ସ୍ୱାଧୀନ ଚଳଚ୍ଚିତ୍ର ନିର୍ମାତାମାନେ ଅଂଶଗ୍ରହଣ କରି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତା, ସଂଘର୍ଷ ଓ ପ୍ରେରଣାଦାୟକ ଜୀବନ କାହାଣୀ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପଠାଇବାକୁ ଆହ୍ୱାନ ଦିଆଯାଇଛି। ଚଳଚ୍ଚିତ୍ରଟି ଜଣେ ସଫଳ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଜୀବନ କାହାଣୀ

**ଭିନ୍ନକ୍ଷମମାନଙ୍କ ସଫଳତାର କାହାଣୀ ଉପରେ ନିର୍ମିତ ଚଳଚ୍ଚିତ୍ର ପାଇଁ ଆହ୍ୱାନ**

**ଚଳିତ ୭ ତାରିଖ ସୁଦ୍ଧା ଆବେଦନ**

ଉପରେ ଆଧାରିତ ହୋଇଥିବା ବେଳେ ଅଡିଓ ଡିସ୍କ୍ରିପ୍ସନ୍, ସାଙ୍କେତିକ ଭାଷା ବ୍ୟାଖ୍ୟା ସହ ସବ୍‌ଟାଇଟଲ୍ କିମ୍ବା କୋଲାଜ୍ କ୍ୟାପ୍ସନ୍ ବାଧ୍ୟତାମୂଳକ କରାଯାଇଛି। ଆଗ୍ରହୀ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ଚଳିତ ମାସ ୭ ତାରିଖ ସୁଦ୍ଧ ନିଜର ଏଣ୍ଟ୍ରି ପଠାଇବା ସହ ଅଧିକ ସୂଚନା ପାଇଁ www.shortfilmfestodisha.in ୱେବ୍‌ସାଇଟ୍‌ରେ ପରିଦର୍ଶନ କରିପାରିବେ। ପ୍ରାପ୍ତ ଚଳଚ୍ଚିତ୍ରଗୁଡ଼ିକୁ ବିଶିଷ୍ଟ ଜୁରୀ ସଦସ୍ୟମାନେ ୮ ଜୁଲାଇରେ ମୂଲ୍ୟାୟନ କରି ୧୧ ଜୁଲାଇରେ ପୁରସ୍କାର ଘୋଷଣା କରାଯିବ। ମନୋନୀତ ଚଳଚ୍ଚିତ୍ରଗୁଡ଼ିକ ଉତ୍ସବରେ ପ୍ରଦର୍ଶିତ କରାଯିବା ସହ ଜାତୀୟ ଓ ଆଞ୍ଚଳିକ (ଓଡ଼ିଶା) ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ରକୁ ପୁରସ୍କୃତ କରାଯିବ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ସମ୍ମିଳନୀରେ ପ୍ରସିଦ୍ଧ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ଜୁରୀ ସଦସ୍ୟ ଓ ପ୍ୟାନେଲ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଆଗରେ ବିଷ ବୋତଲ ଧରି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩।୭ (ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱରସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ମହିଳା ହାତରେ ବିଷ ବୋତଲ ଧରି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ସହ ନ୍ୟାୟ ଦାବିରେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ବ୍ୟାଙ୍କ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଭୋଗରାଇ ବ୍ଲକର ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ ଖଡ଼ିକାବାଡ଼ି ଗ୍ରାମର ଗୋପାଳ ଜେନାଙ୍କ ସ୍ତ୍ରୀ ପଦ୍ମାବତୀ ଜେନା (୩୬) ପ୍ରାୟ ତିନି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ

**ଜମା ଟଙ୍କା ଫେରସ୍ତ ଦାବିରେ ହାଇଡ୍ରାମା**

ରୋଜଗାର ଯୋଜନା ଅଧୀନରେ ବ୍ୟବସାୟ କରିବା ପାଇଁ ଚନ୍ଦନେଶ୍ୱର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୭ ଲକ୍ଷ ୫୬ ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିଲା। ତାଙ୍କ ଅଭିଯୋଗ ଅନୁସାରେ, ଋଣରୁ



ମାତ୍ର ୪ ଲକ୍ଷ ୫୬ ହଜାର ଟଙ୍କା ତାଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ୩ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ରଖିବାକୁ ସେତେବେଳର ଶାଖା ପରିଚାଳକ ବାଧ୍ୟ କରିଥିଲେ। ପଦ୍ମାବତୀଙ୍କ କହିବା ଅନୁଯାୟୀ, ସେ ନିୟମିତ ଭାବେ ଋଣ କିସ୍ତି ପରିଶୋଧ କରିଆସୁଥିଲେ ମଧ୍ୟ ଜମା ରଖିଥିବା ୩ ଲକ୍ଷ ଟଙ୍କା ଆଜି ପର୍ଯ୍ୟନ୍ତ ପାଇନାହାନ୍ତି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିବାରୁ ସେ ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଶାଖା ପରିଚାଳକ ତାଙ୍କ ଘରକୁ ଯାଇ ଚାରିଟି ବ୍ଲାଙ୍କ ଚେକ୍ ନେଇଥିଲେ। ଅଧିକ ଟ୍ରାଞ୍ଜାକ୍ସନ କଲେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁଣି ଋଣ ଦିଆଯିବ ବୋଲି ପ୍ରଲୋଭନ ଦେଇ ପରବର୍ତ୍ତୀ ସମୟରେ ତାଙ୍କୁ ହଇରାଣ କରାଯାଉଛି। ଦୀର୍ଘଦିନ ଧରି ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଶେଷରେ ଶୁକ୍ରବାର ସକାଳେ ସେ ବିଷ ବୋତଲ ଧରି ବ୍ୟାଙ୍କ ସମ୍ମୁଖରେ ପହଞ୍ଚି ଶାଖା ପରିଚାଳକଙ୍କୁ ଅଟକାଇ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଘଟଣାସ୍ଥଳରେ ତାଳସାରୀ ସାମୁଦ୍ରିକ ଥାନା ପୁଲିସ ଓ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।



## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। ଅଟକି ଥିବା ଧନ ମିଳିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ।

**ମିଥୁନ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଜମି କିଣିବା ଯୋଗ ଅଛି।

**ସିଂହ:** ପୁରୁଣା ନିବେଶରୁ ଲାଭ ମିଳିବ। ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ତୁଳା:** ବ୍ୟବସାୟରେ ଲାଭ ମିଳିବ। ବୈବାହିକ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**ମକର:** ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମୀନ:** ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଚାନକ ବିଦେଶ ଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

## ଆଜିର ଐତିହ୍ୟ

- ୧୯୪୬- ଦୀର୍ଘ ୩୮୧ ବର୍ଷର ଔପନିବେଶିକ ଶାସନ ପରେ ଫିଲିପାଇନ୍‌ସକୁ ଆମେରିକାର ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ।
- ୧୯୦୨- ସ୍ୱାମୀ ବିବେକାନନ୍ଦଙ୍କ ଦେହାନ୍ତ।
- ୧୯୪୬- ଫିଲିପାଇନ୍ସ ଆମରିକା ଠାରୁ ସ୍ୱାଧୀନ ହେଲା।
- ୧୯୬୩- ଜାତୀୟ ପତାକାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ପରଲୋକ।
- ୧୯୯୭- ନାସାର ମହାକାଶ ଯାନ 'ପାଥ୍‌ଫାଇଣ୍ଡର' ମଙ୍ଗଳ ପୃଷ୍ଠରେ ଅବତରଣ।


## ଆଜି ବାହୁଡ଼ିଥିଲେ



# ସ୍ୱାମୀ ବିବେକାନନ୍ଦ

ସ୍ୱାମୀ ବିବେକାନନ୍ଦ ସନାତନ ଧର୍ମ ଓ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ଯୁବସମାଜ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ସହ ଶାରୀରିକ ଶକ୍ତିର ବିକାଶକୁ ସେ ଗୁରୁତ୍ୱ ଦେଉଥିଲେ। ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦାନ୍ତ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇଥିଲେ। ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କ ଭୂମିକାକୁ ନେଇ ସେ ସ୍ୱର ଉତ୍ତୋଳନ କରିଥିଲେ। ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦ କଲିକତାର ସିମିଳାପଲ୍ଲୀରେ ଏକ ରୂଢ଼ିବାଦୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ। ତାଙ୍କ ମା' ଭୁବନେଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ। ପିଲାବେଳେ ସେ ନରେନ୍ଦ୍ର ଦତ୍ତ ନାଁରେ ପରିଚିତ ଥିଲେ। ପିଲାଟି ବେଳୁ ତାଙ୍କର ଦର୍ଶନ, ଧର୍ମ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା। ତାଙ୍କର ଜ୍ଞାନାର୍ଜନ ସ୍ପୃହା ଓ ଧାରଣାଶକ୍ତି ଅତି ଅଦ୍ଭୁତ ଥିଲା। ସେ ଗୋଟିଏ ଗୋଟିଏ ମୋଟା ବହିକୁ ଗୋଟିଏ ଦିନରେ ହିଁ ପଢ଼ି ଶେଷ କରିଦେଉଥିଲେ। ଭଗବାନଙ୍କୁ ଆନ୍ତରିକ ଦର୍ଶନ କରିବାକୁ ଚାହୁଁଥିବା ବଳିଷ୍ଠଦେହ ଓ ଦୃଢ଼ମନର ଅଧିକାରୀ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୂପେ ବରଣ କରିଥିଲେ। ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କ ଦ୍ୱାରା ସମ୍ପାଦିତ କରାଇଥିଲେ। ମାତ୍ର ୨୬ ବର୍ଷ ବୟସରେ ସେ ସନ୍ୟାସୀ ହୋଇଥିଲେ। ୧୮୯୩ ମସିହା ସେପ୍ଟେମ୍ବର ୧୧ ରେ ଆମେରିକାର ଚିକାଗୋ ସହରରେ ଆୟୋଜିତ ଧର୍ମମହାସଭାରେ ସଭାକୁ ସମ୍ବୋଧନ କରି ସେ "ପ୍ରିୟ ଆମେରିକାବାସୀ ଭାଇ ଓ ଭଉଣୀମାନେ" କହି ତାଙ୍କର ଓଜସ୍ୱିନୀ ବକ୍ତୃତାର ଆରମ୍ଭ କରିଥିଲେ। ଏହି ସମ୍ବୋଧନ ଏବଂ ଭାରତୀୟ ସଂସ୍କୃତି ଉପରେ ତାଙ୍କର ପାଣ୍ଡିତ୍ୟ ପୂର୍ଣ୍ଣ ଭାଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ସହ ଭାରତୀୟ ମୂଲ୍ୟବୋଧକୁ ମଧ୍ୟ ବିଶ୍ୱ ଦରବାରରେ ପରିଚିତ କରାଇଲା। ଏହାପରେ ସେ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ ହେଲେ। ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ଏହି ମନୀଷୀଙ୍କର ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା।

# 'ରାମାୟଣ'ର ଭିଡିଓ ଲିକ୍ !



ନୀତେଶ ତିୱାରିଙ୍କ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ଆସନ୍ତା ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ଫିଲ୍ମ ନିର୍ମାତା ଏହାକୁ ଆନ୍ତର୍ଜାତିକ ସ୍ତରରେ ପ୍ରଦର୍ଶନ ପାଇଁ ପ୍ରମୋସନ୍‌ର କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ଏଥିରେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇପଲ୍ଲବୀ ଓ ରାବଣ ଭୂମିକାରେ ଯଶ୍ ଦେଖାଯିବେ। ଇତିମଧ୍ୟରେ ଏହାର ପ୍ରଥମ ପାର୍ଟର ସୁଟିଂ ସରି ଯାଇଛି। ଏବେ ଏହାର ଏଡିଟିଂ କାମ ଚାଲିଛି। ଏହି ସବୁ ଭିତରେ 'ରାମାୟଣ'ର ଏକ ୧୧ ସେକେଣ୍ଡର ଭିଡିଓ କ୍ଲିପ୍ ଲିକ୍ ହୋଇଛି। ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଭିଡିଓରେ ରଣବୀର କପୁର ନଜର ଆସୁଛନ୍ତି। ଏଥିରେ ଏକ ଯୁଦ୍ଧ ସିନ୍ ରହିଛି। ରଣବୀର ଏକ ବିଶାଳକାୟ ଦାନବ ଉପରକୁ ଶର ନିକ୍ଷେପ କରୁଥିବାର ଦେଖାଯାଇଛନ୍ତି। ହେଲେ ରଣବୀରଙ୍କ ଅପେକ୍ଷା ଦାନବ ଦର୍ଶକଙ୍କ ବେଶୀ ଦୃଷ୍ଟି ଆକର୍ଷଣ କରିଛି। ଏହି ସିନ୍ ଭାଇରାଲ ହେବା ପରେ କିଛି ଲୋକ ଏହାକୁ ନେଇ ଉତ୍ସାହିତ ଥିବାବେଳେ ଆଉ କିଛି ଜଣ ଏହାକୁ ଜବରଦସ୍ତ ଟ୍ରୋଲ୍ ମଧ୍ୟ କରୁଛନ୍ତି। କିଛି ୟୁଜର୍ସ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଏଭଳି ଖରାପ ଗ୍ରାଫିକ୍ସ ଯୋଗୁଁ ଫିଲ୍ମର ୪୦୦୦ କୋଟି ଟଙ୍କାର ବଜେଟ୍ ସମ୍ପୂର୍ଣ୍ଣ ପାଣିରେ ଭାସିଯିବ। ଆଉ କିଛି ଜଣ 'ରାମାୟଣ'ରେ ଏଭଳି ଦାନବ କୋଉଠୁ ଆସିଲା ବୋଲି କହିଛନ୍ତି। ସେହିଭଳି ଆଉ କିଛି ଜଣ ଏହାକୁ 'ଆଦିପୁରୁଷ ୨' ବୋଲି କହିଛନ୍ତି। ଅବଶ୍ୟ ଆଉ କିଛି ଏହା ଏଆଇ ଦ୍ୱାରା ନିର୍ମିତ ଭିଡିଓ କହିଛନ୍ତି। ତେବେ ଏହି ଭାଇରାଲ କ୍ଲିପ୍‌କୁ ନେଇ ଫିଲ୍ମ ନିର୍ମାତା ଏଯାବତ୍ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

# ବିପଜ୍ଜନକ ହେଲା ଭାଇରାଲ ଟ୍ରେଣ୍ଡ

ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ଟ୍ରେଣ୍ଡ ମାନ ଭାଇରାଲ ହୋଇଥାଏ। ସେଥିରୁ କିଛି ମଜାଳିଆ ଥିବା ବେଳେ ଆଉ କିଛି ଥାଏ ଖୁବ୍ ବିପଜ୍ଜନକ। ଏହି କ୍ରମରେ ଏବେ ଏକ ଟ୍ରେଣ୍ଡକୁ ନେଇ ଅଷ୍ଟ୍ରେଲିଆରୁ ଏକ ଭୟାନକ ମାମଲା ସାମ୍ନାକୁ ଆସିଛି। ଏଠାରେ ୧୦ ବର୍ଷ ବୟସର ଭାଇଲେଟ୍ ଜେରବଷ୍ଟ ଇଣ୍ଟରନେଟ୍‌ରେ ଏକ ଭିଡିଓକୁ ଦେଖି ଜେଲ୍ ଭର୍ତ୍ତି ଖେଳଣାକୁ ମାଇକ୍ରୋୱେଭ୍‌ରେ ଗରମ କଲା। ଏହାପରେ ତା'ସହିତ ଯାହା ଘଟିଲା, ତାହା ସମସ୍ତଙ୍କୁ ବ୍ୟଥିତ କରିଛି। ଭାଇଲେଟ୍ ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମ୍‌ରେ କିଛି ଭିଡିଓ ଦେଖୁଥିଲା। ଏଥିରେ ଦେଖିବାକୁ ମିଳିଥିଲା ଜେଲ୍ ଭର୍ତ୍ତି ଖେଳଣାକୁ ମାଇକ୍ରୋୱେଭ୍‌ରେ ରଖାଯାଉଛି ଏବଂ ୩୦ ସେକେଣ୍ଡର ଟାଇମର ସେଟ୍ କରାଯାଉଛି। ସେ ମଧ୍ୟ ସେମିତି କରିଥିଲା। ଯେମିତି ସମୟ ପୂରା ହୋଇଛି, ଭାଇଲେଟ୍ ଖେଳଣାକୁ ସେଥିରୁ ବାହାର କଲା। ସେ ଦେଖିବାକୁ ଚାହୁଁଥିଲା, ଖେଳଣାଟି ନରମ ହୋଇଛି କି ନାହିଁ। ତେଣୁ ସେ ତାକୁ ଜୋର୍‌ରେ ଚାପି ଦେଲା। ଯେମିତି ସେ ତାହାକୁ ଦବାଇଛି ତାହା ଜୋର୍‌ରେ ଫାଟିଲା। ତା'ଭିତରେ ଥିବା ତରଳ ରସାୟନ ପଦାର୍ଥ ସିଧା ଭାଇଲେଟ୍‌ଙ୍କ ମୁହଁରେ ଲାଗିଲା। ତା'ର ପାଟିଶୁଣି ମା' ସିଧା ଦୌଡ଼ି ଆସି ତା' ମୁହଁରେ ଥଣ୍ଡା ପାଣି ପକାଇଲେ। ବାପା ଆମ୍ବୁଲାନ୍ସକୁ ଡାକିଲେ। ଏହି ଯନ୍ତ୍ରଣା ଏତେ ଭୟାବହ ଥିଲା ଯେ, ମୁହଁର ତ୍ୱଚା ତରଳି ଯେମିତି ତାହା ପାଟି ଭିତରକୁ ଯାଉଛି, ସେ ଅନୁଭବ କରୁଥିଲେ। ସେହିପରି ଲଗାତାର ସେ ତାହାକୁ ପାଟିରୁ ବାହାର କରୁଥିଲେ। ହସ୍‌ପିଟାଲରେ ପିଲାଟିର ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଚିକିତ୍ସା ଚାଲିଲା। ହସ୍‌ପିଟାଲ ଡାକ୍ତରଙ୍କ କହିବା ଅନୁସାରେ, ସେହି ସପ୍ତାହରେ ସ୍କୁଇସି ଟଏ ଟ୍ରେଣ୍ଡ ଯୋଗୁଁ ଆଉ କିଛି ପିଲା ଏମିତି ଗୁରୁତର ହୋଇ ହସ୍‌ପିଟାଲ ଆସିଥିଲେ। ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ, ପିଲାମାନେ କିଛି ଚିନ୍ତା ନ କରି ଇଣ୍ଟରନେଟ୍‌ରେ ଭାଇରାଲ ଟ୍ରେଣ୍ଡକୁ ଅନୁକରଣ କରୁଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମରେ ଦେଖାଯାଉଥିବା ଚ୍ୟାଲେଞ୍ଜ ପିଲାଙ୍କ ପାଇଁ ବିପଜ୍ଜନକ ହୋଇପାରେ। ବିଶେଷଜ୍ଞଙ୍କ କହିବା କଥା, ଏହି ଖେଳଣା ଭିତରେ ଜେଲ୍ ତଥା ରସାୟନ ଥାଏ। ଯାହାକି ମାଇକ୍ରୋୱେଭ୍ ଗରମକୁ ସହ୍ୟ କରିପାରେ ନାହିଁ ଏବଂ ବିସ୍ଫୋରଣ ଘଟିଥାଏ। ଏଭଳିସ୍ଥିତିରେ ବାପାମାଆଙ୍କୁ ଖୁବ୍ ସତର୍କ ରହିବାର ଆବଶ୍ୟକ ଅଛି। ବିଶେଷକରି ପିଲା ଫୋନ୍‌ରେ କ'ଣ ଦେଖୁଛି ଏବଂ ଏକୁଟିଆରେ କ'ଣ ସବୁ ପରୀକ୍ଷା କରୁଛି।



## ପ୍ରହେଳିକା



- ସ୍ନାନ ବିଧି କର୍ମ ହୋଇଲେ ଅନ୍ତ
  ଜ୍ୱରରେ ପୀଡ଼ିତ ହୁଅନ୍ତି ନାଥ
  ଶ୍ରଦ୍ଧାଳୁଙ୍କ ଠାରୁ ଦୂରରେ ରହି
  ବିଶ୍ରାମ କରନ୍ତି ଜଗତ ସାଇଁ
  ହୁଏ ଜ୍ୱର ଉପଚାର
  କେଉଁ ଗୃହେ ପ୍ରଭୁ ଚିକିତ୍ସା ହୁଅନ୍ତି
  କୁହ ଦେଖି ନାମ ତା'ର।

  ଉତ୍ତର-ଅଣସର ଗୃହ

- ସ୍ନାନଯାତ ପରେ କଳା ସାଆନ୍ତ
  ଜ୍ୱରରେ ପୀଡ଼ିତ ହୁଅନ୍ତି ନାଥ
  ବିଶ୍ରାମ କରନ୍ତି କଳା କହ୍ନେଇ
  ଭକ୍ତଙ୍କୁ ଦର୍ଶନ ଦିଅନ୍ତି ନାହିଁ
  ପ୍ରଭୁଙ୍କୁ ନ ଦେଖି ବିକଳ ହୋଇ
  ବ୍ରହ୍ମଗିରି ଭକ୍ତ ଯାଆନ୍ତି ଧାଇଁ
  ଅଣସର କାଳେ ସିଏ
  ଦାରୁଙ୍କ ବଦଳେ ଦର୍ଶନ ଦିଅନ୍ତି
  କୁହ ତାଙ୍କ ନାମ କିଏ।

  ଉତ୍ତର-ପ୍ରଭୁ ଅଲାରନାଥ

- ଅଣସରେ ହୁଏ ଚିକିତ୍ସା ବିଧି
  କରନ୍ତି ସେବକ ଦିନ ଏ ରାତି
  ତେଲ ଉପଚାର ନିଇତି ହୁଏ
  ଶରୀରରୁ ପୀଡ଼ା ଦୂରେଇ ଦିଏ
  ନାନା ଜାତି ପୁଷ୍ପ, ଚେର ଓ ମୂଳ
  ରାଶି ତେଲେ ହୋଇଥାଏ ମିଶ୍ରଣ
  ପ୍ରଭୁଙ୍କ ଶ୍ରୀଅଙ୍ଗେ ସିଏ
  ଜ୍ୱର ବ୍ୟାଧି ପାଇଁ ହୁଅଇ ଲେପନ
  କୁହତ ତା'ନାମ କିଏ।

  ଉତ୍ତର-ଫୁଲୁରି ତେଲ

ତେନ୍ତୁଳିପଦା, ଜଗତସିଂହପୁର

# ଜଗତେ ସୁଖୀ କିଏ



ମନୀଷା ପଣ୍ଡା

ଜଗତେ ସୁଖୀ
ସେଇ ଲୋକଟି
ଅନ୍ୟ ଖୁସିରେ ଦିଏ ଯେ ହସି
ଈର୍ଷା ଭାବଟି ନାହିଁ,
ଲୋଭ ଘୃଣାରୁ
ଦୂରେଇ ଯାଏ
ସୁଖୀ ମଣିଷ ସେହି।।
କାଉ କହିଲା ହଂସକୁ ଦିନେ
କେତେ ଦୁଃଖୀ ମୁଁ ସତେ
କର୍କଶ କଣ୍ଠ କାଳିଆ ଦେହ
ସଭିଁଙ୍କ ଘୃଣା ମୋତେ।।
ହଂସଟି କହେ ବାଇଆଟା ତୁ
ମୋତେ କି ଭାବୁ ସୁଖୀ
ଏତେ ଯେ ରଙ୍ଗ ରଖି ବିଧାତା
ନ ଦେଲା ମୋତେ ମାଖି
ଧଳା ଦେହରେ
କେତେ କଷ୍ଟରେ
ଜଳେ ପହଁରୁ ଥାଏ,
ଖାଇବା ପାଇଁ ଦିବସ ରାତି
ଡେଣାକୁ କଷ୍ଟ ଦିଏ।
ମୟୂର କହେ ଭାବିଛ ଦୁହେଁ
ନାନାଦି ରଙ୍ଗ ଦେଇ
ପ୍ରକୃତି ମୋତେ ଦେଇଛି ଗଢ଼ି
ମୋର ଦୁଃଖ କି ନାହିଁ?
ବିଶାଳ ଡେଣା ପୁଚ୍ଛ ମେଲେଇ
ଯେବେ ମୁଁ ଖୁସି ହୁଏ,
ଅରିର ଲୋଭ କବଳେ ପଡ଼ି
ଭୟରେ ଥରୁଥାଏ।
ସଭିଁଙ୍କୁ ଦୁଃଖ ଦେଇଛି ବିହି
ସୁଖ ଭିତରେ କିଛି,
ଅଳପ ପାଇ ଯେ
ଶାନ୍ତିରେ ରୁହେ,
ଜଗତେ ସିଏ ସୁଖୀ। ■

ଅଙ୍କରାନ୍ତିପୁର, ଢେଙ୍କାନାଳ



# ସୁମନ

# ରାଜେଶର ଭକ୍ତି ଓ ଅଲାରନାଥଙ୍କ ମହିମା





ଶୁଭନାରାୟଣ ଶତପଥୀ

ଅଣସର ସମୟ। ଏହି ସମୟରେ ବ୍ରହ୍ମଗିରି ଅଲାରପୁର ଗ୍ରାମରେ ଥିବା ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନର ସମଫଳ ମିଳେ ବୋଲି ଜାଣି ରାଜେଶ ଓ ତାର ମାଆ ବ୍ରହ୍ମଗିରି ବାହାରିଲେ ଦର୍ଶନ କରିବାକୁ। ରାଜେଶ ଓ ତାର ମାଆ ପୁରୀରେ ପହଞ୍ଚିଲା ବେଳକୁ ସଞ୍ଜ ନଇଁ ଆସିଲାଣି। ସେମାନେ ଦେଖିଲେ ବ୍ରହ୍ମଗିରିକୁ ଅନେକ ଗାଡ଼ି ଯାଉଛି କିନ୍ତୁ କେହି ଅଟକୁ ନାହାଁନ୍ତି। ସବୁ ଗାଡ଼ି ବହୁତ ଭିଡ଼। ଏପଟେ ସମୟ ଗଡ଼ି ଚାଲିଛି। ତେଣୁ ବ୍ରହ୍ମଗିରି ଯିବାର ଆଶା ସେମାନଙ୍କର ଧୀରେ ଧୀରେ ମଉଳି ଯାଉଥାଏ। ରାଜେଶର ମାଆ କହିଲେ, ଆଜି ପୁରୀରେ ରହିଯିବା, କାଲି ବ୍ରହ୍ମଗିରି ଯିବା। ରାଜେଶ ମାନିବାକୁ ନାରାଜ। ଆଜି ସେ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିବ ଓ ଖିରି ଭୋଗ ବି ପାଇବ। ମନେମନେ ଶ୍ରୀଅଲାରନାଥଙ୍କୁ କହୁଥାଏ ମୁଁ କଣ ସତରେ ଆଜି ଦର୍ଶନ କରିପାରିବିନି କି ଖିରି ଟିକେ ପାଇପାରିବିନି? ମାଆ ଫେରିବାକୁ ବାହାରିଲେ। ଠିକ୍ ଏହି ସମୟରେ ଏକ ଅଟୋରିକ୍ସା ଆସି ପହଁଚି ପଚାରିଲା ବ୍ରହ୍ମଗିରି ଯିବକି ? ରାଜେଶ ଖୁସିରେ ହଁ କହି ସଙ୍ଗେ ସଙ୍ଗେ ବସିପଡ଼ିଲା। ମାଆ ବି ବସିଲେ। ଗାଡ଼ି ଚାଲିଲା ବ୍ରହ୍ମଗିରିକୁ। ଖୁବ୍ କମ୍ ସମୟ ମଧ୍ୟରେ ରାଜେଶ ଓ ତାର ମାଆ ପହଞ୍ଚିଗଲେ ବ୍ରହ୍ମଗିରିରେ। ସେତେବେଳକୁ ରାତି ନଅଟା ହେଲାଣି। ସେଠାରେ ଦେଖନ୍ତି ତ ଦର୍ଶନ ପାଇଁ ଲମ୍ବା ଧାଡ଼ି ହୋଇଛି। ରାଜେଶ ପଚାରିଲା ଏତେ ଭିଡ଼ କ'ଣ ପାଇଁ। ଭକ୍ତମାନେ କହିଲେ ଆଜି ପରା ଏକାଦଶୀ ବେଢ଼ା। ରାଜେଶ ଓ ତାର ମାଆ ଧାଡ଼ିରେ ଦୁଇଘଣ୍ଟା ଠିଆ ହୋଇ ଶେଷରେ ମନ୍ଦିରକୁ ପ୍ରବେଶ କଲେ। ସେତେବେଳକୁ ରାତି ଏଗାରଟା। ପୂଜକ ପହୁଡ଼ ପକାଇବାକୁ ବାହାରିଲେଣି। ହଠାତ୍ କେହି ଜଣେ ରାଜେଶର ହାତକୁ ଟାଣିନେଲା। ରାଜେଶ ଦେଖିଲା ତାର ସାଙ୍ଗ ଦିନେଶ। ପଚାରିଲା, କିରେ ତୁ ଏଠି କଣ ? ଦିନେଶ କହିଲା ସବୁ କହିବି ତୁ ଆଗ ଦର୍ଶନ କରିଦେ। ରାଜେଶ ଓ ତାର ମାଆଙ୍କୁ ନେଇ ଶ୍ରୀ ଅଲାରନାଥଙ୍କ ସମ୍ନାରେ ଠିଆ କାରାଇଦେଲା ଦିନେଶ। ଅଲାରନାଥଙ୍କ ଶ୍ରୀଚରଣରେ ମୁଣ୍ଡିଆ ମାରି ରାଜେଶ ଓ ତାର ମାଆ ବାହାରକୁ ବାହାରିଲେ। ତାପରେ ପହୁଡ଼ ପଡିଲା। ଦିନେଶ କହୁଥାଏ, ବୁଝିଲୁ ରାଜେଶ ମୋ ଘର ଏଇ ଅଲାରପୁର। ଆଉ ମୋ ବାପା ଅଲାରନାଥଙ୍କ ସେବକ। ରାଜେଶ ଏଥର ସବୁ ବୁଝିପାରିଲା। ଦିନେଶ ମାମୁଘରେ ରହି ପଢୁଛି ବୋଲି ରାଜେଶ ସହିତ ତାର ସାଙ୍ଗ। ରାଜେଶର ମା' ଦିନେଶ ହାତରେ ଦୁଇଶହ ଟଙ୍କା ଦେଇ କହିଲେ ତୁ ଟିକେ ରାଜେଶ ପାଇଁ ଖିରି ଆଣିଦିଅନ୍ତୁନି। ଦିନେଶ ଦେଖିଲା ଆନନ୍ଦ ବଜାରରେ ସବୁ ଦୋକାନ ବନ୍ଦ ହେଲାଣି। ଖିରି କୋଉଠୁ ମିଳିବ ? ରାଜେଶର ମନଦୁଃଖ ହେଲା। ଦିନେଶ କହିଲା, ଆସ ଆମ ଘରକୁ ଯିବା। ତୁମେମାନେ କାଲି ସକାଳେ ଯିବ। ଏତେ ରାତିରେ ଆଉ କୁଆଡେ ଯିବ ? ମୁଁ ତୋ ପାଇଁ ଖିରି ନିଶ୍ଚୟ ଆଣିବି। ପରିସ୍ଥିତି ଦେଖି ବାଧ୍ୟ ହୋଇ ରାଜେଶ ଓ ତାର ମାଆ ଦିନେଶର ଘରକୁ ଗଲେ। ଦିନେଶର ବାପା ଆଣିଥିବା ଖିରି ଖାଇ ରାତିରେ ଶୋଇ ପଡ଼ିଲେ। ସକାଳ ହେଲା। ରାଜେଶ ଉଠି ଦେଖେତ ତାଙ୍କ ପାଖରେ କେହି ନାହାଁନ୍ତି। ନା ଦିନେଶ ନା ଦିନେଶର ବାପା ମାଆ। ସେମାନେ ଏକ ମଠରେ ଶୋଇଛନ୍ତି। ଦୁହେଁ ଉଠି ଗାଧୋଇ ପାଧୋଇ ଘରକୁ ଫେରିବାକୁ ବାହାରିଲେ। ଏତିକିବେଳେ ଜଣେ ସାଧୁ ଏକ ଗରମ ଖିରି ଥିବା ଓଳି ଧରି ଆସିଲେ। କହିଲେ ଗୋଟିଏ ପିଲା ଆସିଥିଲା ଦିନେଶ ବୋଲି ତା ନାଁ କହିଲା ଏହି ଖିରି ଓଳି ଦେଇ କହିଲା ତୁମକୁ ଦେବାକୁ। ଏହାକୁ ନିଅ। ମହ ମହ ବାସୁଥାଏ ଖିରି। ରାଜେଶ ପଚାରିଲା ଆଉ ଦିନେଶ। ସାଧୁ ଜଣକ କହିଲେ ସେ ସ୍କୁଲ ଡ୍ରେସ୍ ତ ପିନ୍ଧିଥିଲା। ସ୍କୁଲକୁ ଯାଇଥିବ ବୋଧହୁଏ। ଖିରି ଓଳି ନେଇ ରାଜେଶ ଓ ତାର ମାଆ ଘରକୁ ଫେରିଲେ। ଗାଁରେ ପହଁଚି ଦେଖିଲା ଦିନେଶ ଖେଳୁଛି। ଦିନେଶକୁ ପଚାରିଲା ତୁ କେତେବେଳେ ଆସିଲୁ? ଦିନେଶ ପଚାରିଲା କେଉଁଠୁ ? ରାଜେଶ କହିଲା ଅଲାରପୁରରୁ। ଦିନେଶ କହିଲା ମୁଁ ତ ଗାଁରେ ଅଛି କୁଆଡ଼େ ଯାଇନି। ରାଜେଶ ଓ ତାର ମାଆ ବୁଝିପାରୁଥିଲେ ସବୁ। ମାଆ କହୁଥିଲେ ଏସବୁ ତୋର ଭକ୍ତି ଓ ଅଲାରନାଥଙ୍କ ମହିମା। ■

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## ତୁମ ଅଙ୍କା ଚିତ୍ର






ଅନୀଷା ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ





ବୈଭବ କୁମାର ପାତ୍ର
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





କ୍ରିଷ୍ଟାଲ ପଣ୍ଡା
ତୃତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା, ଖୋର୍ଦ୍ଧା





ମାନସ ରଞ୍ଜନ ଆଚାର୍ଯ୍ୟ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର






# ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ-ସ୍ପେନ୍ ଲଢ଼େଇ

ଟରଣ୍ଟୋ,୩।୭ (ଏଜେନ୍ସି)



ଗୋନକାଲୋ ରାମୋସଙ୍କ ଷ୍ଟପେଜ୍ ଟାଇମ୍ ଗୋଲରେ ପର୍ତ୍ତୁଗାଲ ୨-୧ ଗୋଲରେ କ୍ରୋଏସିଆକୁ ପରାସ୍ତ କରି ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ସହ ସ୍ପେନର ମୁକାବିଲା ହେବ। ଗୁରୁବାର ରାତିରେ ଖେଳାଯାଇଥିବା ଅନ୍ୟ ଏକ ରାଉଣ୍ଡ-୩୨ ମୁକାବିଲାରେ ସ୍ପେନ୍ ୩-୦ରେ ଅଷ୍ଟ୍ରିଆକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ ରଖିଛି। ୟୁରୋପ ମହାଦେଶର ଏହି ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ଡଲାସ ଷ୍ଟାଡିୟମ୍‌ରେ ଆସନ୍ତା ଜୁଲାଇ ୬ ତାରିଖ ସୋମବାର ରାତି ୧୨ଟା ୩୦ ମିନିଟ୍‌ରେ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ।

ଟରଣ୍ଟୋରେ ଖେଳାଯାଇଥିବା ପର୍ତ୍ତୁଗାଲ ଓ କ୍ରୋଏସିଆ ମଧ୍ୟରେ ଲଢ଼େଇ ଜୋରଦାର ହୋଇଥିଲା। ଏହି ମ୍ୟାଚ୍‌ରେ ବିଶ୍ୱର ଦୁଇ ୪୦ ବର୍ଷରୁ ଉର୍ଦ୍ଧ୍ୱ ତଥା ସୁପରଷ୍ଟାର ଖେଳାଳି ଟାଇଟଲ ଜିତିବା ଲାଗି ଶେଷ ଚେଷ୍ଟା ଚଳାଇଥିଲେ। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ କ୍ରୋଏସିଆର ଲୁକା ମୋଡ୍ରିଚ୍ ଶେଷଥର ଲାଗି ବିଶ୍ୱକପ୍ ଖେଳୁଥିଲେ। ଉଭୟ ଦଳ ମଧ୍ୟରେ ଲଢ଼େଇ ଜୋରଦାର ଚାଲିଥିଲାବେଳେ ଖେଳର ୫୩ତମ ମିନିଟ୍‌ରେ ଜୋଶିପ ସାନିଚ୍‌ଙ୍କଠାରୁ ପାଶ୍ ପାଇ ଇଭାନ ପେରିସିଚ୍ ମ୍ୟାଚ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଫଳରେ କ୍ରୋଏସିଆ ୧-୦ ଗୋଲରେ ଅଗ୍ରଣୀ ନେଇଥିଲା। ଏହି ସମୟରେ ପର୍ତ୍ତୁଗାଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବଲ ଟଚ୍ କଲାମାତ୍ରେ କ୍ରୋଏସିଆ ସମର୍ଥକ ଚିଲାଇବାକୁ ଲାଗୁଥିଲେ। ଖେଳର ୬୮ତମ ମିନିଟ୍‌ରେ କ୍ରୋଏସିଆ ଗୋଲ ପୋଷ୍ଟ ଏରିଆରେ ନିକୋଲା ଭ୍ଲାସିଚ୍‌ଙ୍କ ହ୍ୟାଣ୍ଡବଲ ହୋଇଥିଲା। ଫଳରେ ପର୍ତ୍ତୁଗାଲକୁ ମିଳିଥିବା ପେନାଲ୍ଟିରୁ ରୋନାଲ୍ଡୋ ସହଜରେ ଗୋଲ ସ୍କୋର କରି ଖେଳକୁ ସମାନସ୍ତରକୁ ନେଇଆସିଥିଲେ। କିନ୍ତୁ ଖେଳର ୮୧ତମ ମିନିଟ୍‌ରେ ରାମୋସଙ୍କ ଗୋଲ ପର୍ତ୍ତୁଗାଲକୁ ବିଜୟୀ କରାଇଥିଲା। ପର୍ତ୍ତୁଗାଲ ୨-୧ରେ ଆଗୁଆ ଥିଲାବେଳେ ଷ୍ଟପେଜ୍ ଟାଇମ୍‌ରେ କ୍ରୋଏସିଆ ଆଉ ଏକ ଗୋଲ କରିଥିଲା। ଦଳ ୨-୨ରେ ଖେଳକୁ ସମାନସ୍ତରକୁ ନେଇଆସିଥିବାରୁ ଆନନ୍ଦରେ ନାଚିଥିଲେ। କିନ୍ତୁ ଭିଏଆର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରୀ) ମାରିଓ ପାଲିସିଚ୍‌ଙ୍କୁ ଅଫ୍ ସାଇଡ୍ କରିଥିଲେ। ଫଳରେ ଏହି ଗୋଲଟି ନାକଚ ହୋଇଥିଲା ଓ ପର୍ତ୍ତୁଗାଲ ୨-୧ ଗୋଲରେ ବିଜୟୀ ହୋଇ ସ୍ପେନ୍ ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଚଳିତ ବିଶ୍ୱକପ୍‌ରେ ପୁଣିଥରେ ଭିଏଆର୍‌କୁ ନେଇ ବିବାଦ ସୃଷ୍ଟି ହୋଇଛି।

## ରୋନାଲ୍ଡୋଙ୍କ ଆଉ ଏକ ରେକର୍ଡ

ଟରଣ୍ଟୋ,୩।୭ (ଏଜେନ୍ସି): ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏଠାରେ ଗୁରୁବାର ଖେଳାଯାଇଥିବା କ୍ରୋଏସିଆ ବିପକ୍ଷ ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ୪୧ବର୍ଷ ୪ ମାସ ୨୭ ଦିନରେ ସେ ଏହି ମ୍ୟାଚ୍‌ରେ ପଦାର୍ପଣ କରିବା ଫଳରେ ବିଶ୍ୱକପ୍‌ର ନକ୍‌ଆଉଟ ମ୍ୟାଚ୍‌ରେ ବୟୋଜ୍ୟେଷ୍ଠ ଆଉଟଫିଲ୍ଡ (ଗୋଲକିପରଙ୍କ ବ୍ୟତୀତ) ଖେଳାଳି ହେବାର ରେକର୍ଡ କରିଛନ୍ତି। କ୍ରୋଏସିଆର ଲୁକା ମୋଡ୍ରିଚ୍ ୪୦ବର୍ଷ ୨୯୬ ଦିନ, ବୋସ୍‌ନିଆ ଓ ହର୍ଜଗୋଭିନାର ଏଡିନ୍ ଜେକୋ ୪୦ ବର୍ଷ ୧୦୬ ଦିନରେ ଚଳିତବର୍ଷ ନକ୍‌ଆଉଟରେ ଖେଳିଥିଲେ। ଅବଶ୍ୟ ଜେକୋଙ୍କ ରେକର୍ଡ ରୋନାଲ୍ଡୋ ଭାଙ୍ଗିଛନ୍ତି। ରୋନାଲ୍ଡୋ କ୍ରମାଗତ ୬ଷ୍ଠ ବିଶ୍ୱକପ୍ ଖେଳିବା ସହ ସମସ୍ତ ବିଶ୍ୱକପ୍‌ରେ ଗୋଲ ଦେବାର ରେକର୍ଡ କରିଛନ୍ତି। ଲିଓନେଲ ମେସି ମଧ୍ୟ ସର୍ବାଧିକ ୬ଟି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି।

## ହେଡ୍ କୋଚ୍‌ଙ୍କୁ ବିଦା କଲା ଜର୍ମାନୀ

ବର୍ଲିନ୍,୩।୭ (ଏଜେନ୍ସି): ପାରାଗୁଏଠାରୁ ରାଉଣ୍ଡ ଅଫ୍-୩୨ ମୁକାବିଲାରେ ପରାଜିତ ହେବା ପରେ ଜର୍ମାନୀ ଫୁଟବଲରେ ବ୍ୟାପକ ପରିବର୍ତ୍ତନ ହୋଇଛି। ପ୍ରଥମେ ଦଳ ହେଡ୍ କୋଚ୍ ଜୁଲିଆନ୍ ନାଗେଲସମ୍ୟାନ୍‌ଙ୍କୁ ବିଦା କରିଛି ଜର୍ମାନୀ ଫୁଟବଲ ଫେଡେରେସନ। ୩୮ ବର୍ଷୀୟ ଜୁଲିଆନ ଫେଡେରେସନର ପ୍ରସ୍ତାବକୁ ଗ୍ରହଣ କରିଥିଲେ। କିନ୍ତୁ ତାଙ୍କୁ ୨୦୨୮ ୟୁରୋପିଆନ୍ ଚାମ୍ପିଅନସିପ୍ ଯାଏ ହେଡ୍ କୋଚ୍ ଭାବେ ଚୁକ୍ତିବଦ୍ଧ କରାଯାଇଥିଲା। ସମାନ ପରିସ୍ଥିତିରେ ୨୦୨୨ ବିଶ୍ୱକପ୍ ପରେ ୨୦୨୩ରେ ମଧ୍ୟ ହେଡ୍ କୋଚ୍ ହାନ୍ସି ଫ୍ଲିକ୍ ଜର୍ମାନୀ ପ୍ରଥମ ରାଉଣ୍ଡରେ ହାରିଯିବା ପରେ ବିଦା ହୋଇଥିଲେ। ଗତ ୩ଟି ବିଶ୍ୱକପ୍ ମଧ୍ୟରୁ ଜର୍ମାନୀ ୨ଥର ପ୍ରଥମ ରାଉଣ୍ଡରେ ଓ ଏଥର ନୂଆ କରି ହୋଇଥିବା ରାଉଣ୍ଡ ଅଫ୍-୩୨ରୁ ବିଦା ହୋଇଥିଲା।

## ୮୮ ବର୍ଷ ପରେ ସ୍ୱିଜରଲାଣ୍ଡ ଜିତିଲା ନକ୍‌ଆଉଟ ମ୍ୟାଚ୍

ଭାଙ୍କୋଭର,୩।୭ (ଏଜେନ୍ସି): ଏଠାରେ ଗୁରୁବାର ରାତିରେ ଅନୁଷ୍ଠିତ ଅନ୍ୟ ଏକ ରାଉଣ୍ଡ-୩୨ ଖେଳରେ ଆଲଜେରିଆକୁ ୨-୦ ଗୋଲରେ ପରାସ୍ତ କରି ସ୍ୱିଜରଲାଣ୍ଡ ଫିଫା ବିଶ୍ୱକପ୍ ରାଉଣ୍ଡ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ବ୍ରିଲ ଏମ୍ବୋଲୋ ଓ ଡାନ୍ ଏନ୍‌ଡୋଏ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସ୍ପେନ୍ ଭଳି ଏହି ୟୁରୋପୀୟ ରାଷ୍ଟ୍ର ମଧ୍ୟ ସହଜ ବିଜୟ ହାସଲ କରିଥିଲା। ଦଳ ଖେଳକୁ ନିୟନ୍ତ୍ରଣକୁ ଆଣିବା ପରେ ସିନିୟର ଖେଳାଳିଙ୍କୁ ବଦଳାଇ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଥିଲା। ଏହା ସତ୍ତ୍ୱେ ୧୯୩୮ ପରେ ସ୍ୱିଜରଲାଣ୍ଡ ପ୍ରଥମଥର ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଥିଲା। ପ୍ରି-କ୍ୱାର୍ଟର ଫାଇନାଲରେ ଦଳ କଲମ୍ବିଆ ଓ ଘାନା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତାକୁ ଭେଟିବ।

# ଆଜିଠାରୁ ରାଉଣ୍ଡ-୧୬ ମୁକାବିଲା

ଡଲାସ, ୩।୭ (ଏଜେନ୍ସି): ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ପର୍ଯ୍ୟାୟ ବା ରାଉଣ୍ଡ ଅଫ୍ ୧୬ର ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ, ସେହି ଦଳ କ୍ୱାର୍ଟର ଫାଇନାଲରେ ଖେଳିବ। ଏଣୁ ଏହି ମ୍ୟାଚ୍ ଗୁଡ଼ିକର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ରାଉଣ୍ଡ ଅଫ୍ ୧୬ରେ ରିପୋର୍ଟ ଲେଖା ହେଲା ବେଳକୁ ୧୩ଟି ଦଳ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ରାଉଣ୍ଡ ଅଫ୍ ୩୨ରେ ବାକିଥିବା ୩ଟି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ଆଜି ରାତି ଓ ଆସନ୍ତାକାଲି ସକାଳେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ନିର୍ଣ୍ଣିତ ହେବା ପରେ କେଉଁ ଦଳ କାହା ସହ ଖେଳିବ ତାହା ଚୂଡାନ୍ତ ହେବ।

**ପ୍ରି-କ୍ୱାର୍ଟରଫାଇନାଲ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁଲାଇ ୪ | କାନାଡା-ମରୋକ୍କୋ | ହଷ୍ଟନ | ରାତି ୧୦ଟା ୩୦ |
| ଜୁଲାଇ ୪ | ଫ୍ରାନ୍ସ- ପାରାଗୁଏ | ଫିଲାଡେଲଫିଆ | ରାତି ୨ଟା ୩୦ |
| ଜୁଲାଇ ୫ | ବ୍ରାଜିଲ-ନରୱେ | ନ୍ୟୁୟର୍କ | ରାତି ୧ଟା ୩୦ |
| ଜୁଲାଇ ୬ | ଇଂଲଣ୍ଡ-ମେକ୍ସିକୋ | ମେକ୍ସିକୋ ସିଟି | ସକାଳ ୫ଟା ୩୦ |
| ଜୁଲାଇ ୬ | ପର୍ତ୍ତୁଗାଲ-ସ୍ପେନ୍ | ଡଲାସ | ରାତି ୧୨ଟା ୩୦ |
| ଜୁଲାଇ ୭ | ଆମେରିକା-ବେଲଜିୟମ | ସିଆଟଲ | ସକାଳ ୫ଟା୩୦ |
| ଜୁଲାଇ ୭ | ଆର୍ଜେଣ୍ଟିନା/କେପ୍‌ଭର୍ଡ ଅଷ୍ଟ୍ରେଲିଆ/ଇଜିପ୍ଟ | ଆଟଲାଣ୍ଟା | ରାତି ୯ଟା୩୦ |
| ଜୁଲାଇ ୭ | ସ୍ୱିଜରଲାଣ୍ଡ ବନାମ କଲମ୍ବିଆ/ଘାନା | ଭାଙ୍କୋଭର | ରାତି ୧ଟା ୩୦ |

ଏହି ରାଉଣ୍ଡରେ ୧୬ଟି ମଧ୍ୟରୁ ୧୩ଟି ଦଳ ଚୂଡାନ୍ତ ହୋଇଛି। କିନ୍ତୁ ୮ଟି ମ୍ୟାଚ୍ ମଧ୍ୟରୁ ୬ଟିରେ କିଏ କାହା ସହ ଖେଳିବ ତାହା ଚୂଡାନ୍ତ ହୋଇଛି। ଆସନ୍ତାକାଲି ହଷ୍ଟନ୍‌ରେ ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରେ ଖେଳାଯିବ। ଯୁଗ୍ମ ଆୟୋଜକ କାନାଡା ଓ ମରୋକ୍କୋ ସହ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଦକ୍ଷତା, ମାନ୍ୟତା ଓ ଚଳିତ ବିଶ୍ୱକପ୍‌ରେ ପ୍ରଦର୍ଶନକୁ ଦେଖିଲେ ମରୋକ୍କୋ ଏହି ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ବୋଲି ଆଶା କରାଯାଉଛି। ତେବେ ଲଢ଼ୁଆ ଖେଳିଥିବା କାନାଡାଠାରୁ କିଛି ଅପ୍ରତ୍ୟାଶିତ ପ୍ରଦର୍ଶନ ଆଶା କରାଯାଇ ପାରେ।

# ସ୍ପେନ୍‌ର ସହଜ ବିଜୟ

ଲସ୍ ଏଞ୍ଜେଲ୍ସ, ୩।୭ (ଏଜେନ୍ସି): ମାଇକେଲ ଓୟାରଜାବଲଙ୍କ ଡବଲ ଗୋଲ ବଳରେ ଏଠାରେ ଗୁରୁବାର ରାତିରେ ଖେଳାଯାଇଥିବା ଆଉ ଏକ ରାଉଣ୍ଡ-୩୨ ମୁକାବିଲାରେ ସ୍ପେନ୍ ୩-୧ ଗୋଲରେ ଅଷ୍ଟ୍ରିଆକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ସହ ମୁକାବିଲା ପାଇଁ ଯୋଗ୍ୟତା ଅର୍ଜନ କରିଛି। ବିଜୟୀ ଦଳ ପକ୍ଷରୁ ପେଡ୍ରୋ ପୋରୋ ଆଉ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଏହି ମୁକାବିଲାରେ ସ୍ପେନର ଦକ୍ଷତା ଆଗରେ ଅଷ୍ଟ୍ରିଆ ସମକକ୍ଷ ହୋଇ ନ ଥିଲେ ମଧ୍ୟ ଲଢ଼େଇ କରିଥିଲା। ଖେଳର ୩୯ ଓ ୮୯ ମିନିଟ୍‌ରେ ଓୟାରଜାବଲ ଏବଂ ୬୬ତମ ମିନିଟ୍‌ରେ ପୋରୋ ଗୋଲ ସ୍କୋର କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ସ୍ପେନ୍‌ର ମିଡ୍‌ଫିଲ୍ଡର ମାର୍କ କାକୁରେଲାଙ୍କ ଖେଳ ଖୁବ୍ ଉଚ୍ଚକୋଟୀର ହୋଇଥିଲା। ସେ ୨ଟି ଗୋଲ୍ କରିବାରେ ଆସିଷ୍ଟ କରିଥିଲାବେଳେ ମିଡ୍‌ଫିଲ୍ଡକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ତାଙ୍କୁ ହିଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ୨୦୧୦ ପରେ ସ୍ପେନ୍ ପ୍ରଥମଥର ଫିଫା ବିଶ୍ୱକପ୍ ନକ୍‌ଆଉଟ ମୁକାବିଲାରେ ବିଜୟୀ ହେବାରେ ସମର୍ଥ ହୋଇଛି। ପର୍ତ୍ତୁଗାଲ ସହ ଏହାର ଅସଲ ପରୀକ୍ଷା ହେବ।




## ଟିନ୍‌ଏଜ୍ ଖେଳାଳିଙ୍କ ରେକର୍ଡ

ଏହି ମ୍ୟାଚ୍‌ରେ ସ୍ପେନ୍ ଦୁଇଜଣ ଟିନ୍‌ଏଜ୍ ଖେଳାଳିଙ୍କୁ ପ୍ରଥମ ଏକାଦଶରେ ସାମିଲ କରି ରେକର୍ଡ କରିଥିଲା। ପୂର୍ବରୁ ୧୮ ବର୍ଷୀୟ ଲାମିନେ ଜମାଲ ବିଶ୍ୱକପ୍‌ରେ ଡେବ୍ୟୁ କରିସାରିଥିଲେ। ଏହି ମ୍ୟାଚ୍‌ରେ ସ୍ପେନ୍ ୧୯ ବର୍ଷୀୟ ଡିଫେଣ୍ଡର ପାଓ କୁବାର୍ସିଙ୍କୁ ଖେଳିବାର ସୁଯୋଗ ଦେଇଥିଲା। ୧୯୫୮ ସଂସ୍କରଣର ୱେଲ୍ସ ବିପକ୍ଷ କ୍ୱାର୍ଟରଫାଇନାଲରେ ବ୍ରାଜିଲ ଦୁଇ ଜଣ ଟିନ୍‌ଏଜ୍ ଖେଳାଳି ପେଲେ ଓ ଜୋଶ ଆଲଟାଫିନିଙ୍କୁ ଖେଳିବାର ସୁଯୋଗ ଦେଇଥିଲା।

# ୪ର୍ଥ ରାଉଣ୍ଡରେ ସାବାଲେଙ୍କା, ସିନ୍ନର

ଲଣ୍ଡନ,୩।୭ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କା, ଚତୁର୍ଥ ସିଡ୍ ଜେସିକା ପେଗୁଲା, ୧୧ତମ ସିଡ୍ ବେଲିଣ୍ଡା ବେଙ୍କିକ୍, ୧୪ତମ ସିଡ୍ ନାଓମି ଓସାକା, ୧୬ତମ ସିଡ୍ ଇଭା ଜୋଭିଚ୍ ଏଠାରେ ଚାଲିଥିବା ୱିମ୍ବଲଡନ ଟେନିସ

**ୱିମ୍ବଲଡନ ଟେନିସ**



ଟୁର୍ଣ୍ଣାମେଣ୍ଟର ମହିଳା ବିଭାଗ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ମୁକାବିଲାରେ ସାବାଲେଙ୍କା ୨-୦ରେ ଜେଲେନା ଓସ୍ତାପେଙ୍କୋଙ୍କୁ, ପେଗୁଲା ୫୨ ମିନିଟ୍‌ରେ ଜେସିକା ବୌଜେସ୍‌ଙ୍କୁ ହରାଇଥିଲେ।

ପୁରୁଷ ବିଭାଗରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର, ୭ମ ସିଡ୍ ନୋଭାକ ଜୋକୋଭିଚ୍ ପ୍ରମୁଖ ପୁରୁଷ ବିଭାଗ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ୮ମ ସିଡ୍ ଡାନିଲ ମେଦଭେଦେଭଙ୍କ ସମେତ ଅଧାଡଜନେ ସିଡେଡ ଖେଳାଳି ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଜାନ୍-ଲେନାର୍ଡ ଷ୍ଟ୍ରଫ୍ ୩-୦ରେ ମେଦଭେଦେଭଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଜୋକୋଭିଚ୍ ୩-୧ ସେଟ୍‌ରେ ଆର୍ଥର ରିଣ୍ଡରର୍କନେକ୍‌ଙ୍କୁ ଓ ସିନ୍ନର ୩-୦ରେ ଜେନ୍‌ସନ ବ୍ରୁକ୍ସବୀଙ୍କୁ ପରାସ୍ତ କରିଥିଲେ।

■ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ

## ଇଂଲଣ୍ଡ-ଅଷ୍ଟ୍ରେଲିଆ ଫାଇନାଲ ଟକ୍କର

ଲଣ୍ଡନ,୩।୭ (ଏଜେନ୍ସି): ନାଟାଲି ସିଭର-ବ୍ରଣ୍ଟଙ୍କ ଅଧିନାୟକୀୟ ଇନିଂସ ବଳରେ ଦକ୍ଷିଣ ଆଫ୍ରିକାକୁ ୪୦ ରନ୍‌ରେ ହରାଇ ଇଂଲଣ୍ଡ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଜୁଲାଇ ତାରିଖରେ ହେବାକୁ ଥିବା ଫାଇନାଲ ମୁକାବିଲାରେ ଇଂଲଣ୍ଡ ସହ ଅଷ୍ଟ୍ରେଲିଆର ମୁକାବିଲା ହେବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪୭ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ସର୍ବାଧିକ ୭୫ ରନ୍ କରିଥିବା ନାଟାଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

# ମହିଳା କ୍ରିକେଟ କ୍ୟାମ୍ପରେ ସୁଶ୍ରୀ

ଭୁବନେଶ୍ୱର,୩।୭ (ସମିସ): ବିସିସିଆଇ ପକ୍ଷରୁ ପ୍ରତିଭାବାନ ମହିଳା ଖେଳାଳିଙ୍କୁ ଚିହ୍ନଟ କରି ବେଙ୍ଗାଲୁରୁରେ ଉଚ୍ଚକୋଟୀର ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି। ଟାର୍ଗେଟେଡ୍ ମହିଳା ଶିବିର ନାମରେ ବିସିସିଆଇ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପ୍ରଶିକ୍ଷଣ ଦେବ। ଏହି ଶିବିରଟି ଅଗଷ୍ଟ ୩ରୁ ଆରମ୍ଭ ହୋଇ ୨୭ରେ ଶେଷ ହେବ। ଓଡ଼ିଶାରୁ ଜଣେ ମାତ୍ର ଖେଳାଳି ତଥା ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ଏହି ଶିବିର ଲାଗି ମନୋନୀତ ହୋଇଛନ୍ତି। ଏଥିଲାଗି ତାଙ୍କୁ ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ସଭାପତି ପଙ୍କଜ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

## ଧର୍ମଶାଳାରେ ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍

ଭୁବନେଶ୍ୱର,୩।୭ (ସମିସ): ଅଲ୍ ଓଡ଼ିଶା ଏବଂ ଯାଜପୁର ୟୁନାଇଟେଡ୍ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଯାଜପୁର ଜିଲ୍ଲା ଧର୍ମଶାଳାର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ପ୍ରତିଯୋଗିତା ଜୁଲାଇ ୧୭ରୁ ଆରମ୍ଭ ହୋଇ ୨୦ରେ ଶେଷ ହେବ ବୋଲି ଆୟୋଜକ ସଂଘର ସଭାପତି ତପନ କିଶୋର ଷଡଙ୍ଗୀ ଜଣାଇଛନ୍ତି।

**ଏସୀୟ ବାଳକ ହ୍ୟାଣ୍ଡବଲ ଶିବିର**

## ସୁପ୍ରଜିତ୍ ଓ କୋଚ୍ ଗୌରୀ ସାମିଲ

ଭୁବନେଶ୍ୱର,୩।୭ (ସମିସ): ଚଳିତମାସ ୧୩ରୁ ୨୭ ତାରିଖଯାଏ ଚୀନ୍‌ରେ ହେବାକୁ ଥିବା ୨୧ ବର୍ଷରୁ କମ୍ ବଏଜ୍ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଲାଗି ଟାଟା ନଗରଠାରେ ଏକ ଶିବିରର ଆୟୋଜନ କରାଯାଇଛି। ଓଡ଼ିଶାରୁ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ଶିବିରରେ ଜଣେ ଖେଳାଳି ସୁପ୍ରଜିତ ବେହେରାଙ୍କୁ ସ୍ଥାନ ମିଳିଛି।

**ଭାରତ-ଇଂଲଣ୍ଡ ଦ୍ୱିତୀୟ ଟି-୨୦ ଆଜି**

# ସୂର୍ଯ୍ୟବଂଶୀଙ୍କ ପାଇଁ ସାମ୍‌ସନ୍‌ଙ୍କ ଉପରେ ଚାପ

ମାଞ୍ଚେଷ୍ଟର,୩।୭ (ଏଜେନ୍ସି)

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଶନିବାର ଦିନ ମାଞ୍ଚେଷ୍ଟରଠାରେ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଥିବା ବେଳେ, ଏହି ଦ୍ୱିତୀୟ ମ୍ୟାଚ୍‌ରେ ସମସ୍ତଙ୍କ ନଜର ଭାରତୀୟ ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନଙ୍କ ଉପରେ ରହିବ। ଯୁବ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ଦଳରେ ସ୍ଥାନ ପାଇବା ପାଇଁ ଅପେକ୍ଷା କରି ରହିଥିବାରୁ, ସାମସନଙ୍କୁ ଦଳରେ ସ୍ଥାନ ସୁରକ୍ଷିତ ରଖିବା ପାଇଁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ ହେବ। ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ସାମସନଙ୍କ ସ୍ଥିରତା ନାହିଁ। ପ୍ରଥମ ମ୍ୟାଚ୍‌ରେ ସେ ୭ଟି ବଲ୍‌ରୁ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ। ପିଚ୍‌ରେ ବଲ୍ ସୁଇଙ୍ଗ୍ କଲେ ସେ ସଂଘର୍ଷ କରୁଥିବା ଦେଖାଯାଉଛି। ଅନ୍ୟପଟେ ଓପନର ଅଭିଷେକ ଶର୍ମା ଗତ ମ୍ୟାଚ୍ ଗୁଡ଼ିକରେ ୪୯ ଏବଂ ୫୯ ରନ୍‌ର ଚମତ୍କାର ପାଳି ଖେଳି ସାମସନଙ୍କ ଉପରେ ଚାପ ବଢ଼ାଇ ଦେଇଛନ୍ତି। କେବଳ ସାମସନ ନୁହନ୍ତି, ମଧ୍ୟକ୍ରମ ବ୍ୟାଟର ତିଲକ ବର୍ମା ମଧ୍ୟ ସ୍ଲୋ ବୋଲରଙ୍କ ବିରୋଧରେ ରନ୍ ଗତି ବଢ଼ାଇବାରେ ବିଫଳ ହେଉଛନ୍ତି। ଚଳିତ ୨୦୨୬ ବର୍ଷରେ ୧୨ଟି ମ୍ୟାଚ୍ ଖେଳି ସେ ମାତ୍ର ୧୨ଟି ଛକା ମାରିଛନ୍ତି, ଯାହା ଜଣେ ଫିନିସର ବ୍ୟାଟରଙ୍କ ପାଇଁ ବହୁତ ନିରାଶାଜନକ। ଯଦି ସାମସନ ଏହି ମ୍ୟାଚ୍‌ରେ ମଧ୍ୟ ବିଫଳ ହୁଅନ୍ତି,୧୫ ବର୍ଷୀୟ ଯୁବ ବ୍ୟାଟିଂ ପ୍ରତିଭା ସୂର୍ଯ୍ୟବଂଶୀଙ୍କୁ ବେଞ୍ଚରେ ବସାଇ ରଖିବା ଦଳୀୟ ମ୍ୟାନେଜମେଣ୍ଟ ପାଇଁ କଷ୍ଟକର ହେବ। ପ୍ରଥମ ମ୍ୟାଚ୍‌ରେ ଅଭିଷେକ ଶର୍ମା ଏବଂ ଅଧିନାୟକ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ୧୮୯ ରନ୍ କରିଥିଲା। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ପିଚ୍ ସ୍ପିନରମାନଙ୍କୁ ସହାୟତା କରିଥାଏ। ଭାରତୀୟ ବୋଲିଂ ଆକ୍ରମଣରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଇଂଲଣ୍ଡ ଦଳର ହାରି ବ୍ରୁକ୍, ଫିଲ୍ ସଲ୍ଟ ଏବଂ ଟମ୍ ବାଣ୍ଟନଙ୍କ ଭଳି ବିସ୍ଫୋରକ ବ୍ୟାଟରମାନଙ୍କୁ ରୋକିବା ଭାରତୀୟ ବୋଲରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ।

ସାମସନଙ୍କ ପାଇଁ ଏହି ମ୍ୟାଚ୍ ନିଜର ଯୋଗ୍ୟତା ପ୍ରମାଣିତ କରିବାର ଶେଷ ସୁଯୋଗ ହୋଇପାରେ। ଯଦି ସେ ପୁଣିଥରେ ବିଫଳ ହୁଅନ୍ତି, ତେବେ ଯୁବ ତାରକା ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବା ପ୍ରାୟ ନିଶ୍ଚିତ। ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ସିରିଜର ପରାଜୟକୁ ପଛରେ ପକାଇ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

**ଭେନ୍ୟୁ: ଓଲ୍ଡ ଟ୍ରାଫର୍ଡ, ମାଞ୍ଚେଷ୍ଟର**
**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS